୬ ଗୁଜୁରାଟକୁ ହରାଇ ଫାଇନାଲରେ ବେଙ୍ଗାଲୁରୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୧୬ • ୨୭ ମଇ ୨୦୨୬ ବୁଧବାର • ଭୁବନେଶ୍ୱର • Vol -33 • Issue-116 • 27th May 2026, Wednesday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## କଳାହାଣ୍ଡି ମଦନପୁର-ରାମପୁରରେ ଅଭାବନୀୟ ଘଟଣା

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ୬ ଜୀବନ

ଭବାନୀପାଟଣା, ୨୬।୫
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ଜୀବନ ଚାଲିଯାଇଛି। ବାହାରେ ଖରା ୪୫ ଡିଗ୍ରୀରେ ଜଳୁଥିବାବେଳେ ସେହି ସମୟରେ କାମ କରୁଥିଲେ ୬ଜଣ ଶ୍ରମିକ। ଆଉ ଶ୍ୱାସରୁଦ୍ଧ ହୋଇ ଏକାସାଙ୍ଗରେ ୬ଜଣଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ମଦନପୁର-ରାମପୁରରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାହାକୁ ଶୁଣିବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୌଡକର୍ଲାଖୁଣ୍ଟା ଗାଁରେ ପାଇଖାନା ଟାଙ୍କିର ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଛି । ସେଣ୍ଟ୍ରିଂ ଖୋଲୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ତେବେ ଜଣେ ଗୁରୁତରଙ୍କୁ ମଦନପୁର-ରାମପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ମଦନପୁର-ରାମପୁର ଥାନା ଗୌଡ଼ କର୍ଲାଖୁଣ୍ଟା ଗାଁରେ ପାଇଖାନା ଟାଙ୍କିରେ ସେଣ୍ଟ୍ରିଂ ଖୋଲୁଥିବା ବେଳେ ବଡ଼ ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ୩ ମିସ୍ତ୍ରୀ, ଜଣେ ଶ୍ରମିକ, ମାଲିକ ଏବଂ ତାଙ୍କ ପୁଅ ଅଛନ୍ତି। ପ୍ରଥମେ ଜଣେ ମିସ୍ତ୍ରୀ ପାଇଖାନା ଟାଙ୍କି ଭିତରେ ପଡ଼ି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଆଉ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଉ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ପାଇଖାନାର ନିର୍ମାଣକାରୀ ଗୌଡ଼ କର୍ଲାଖୁଣ୍ଟା ଗାଁର ନିମାଇଁ ପାଲ(୪୮) ତାଙ୍କ ପୁଅ ଆକାଶ ପାଲ (୨୮), ସହଯୋଗୀ ଶ୍ରମିକ ଅଦଲ ମାଝୀ (୫୫), ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ (୨୭), ଦୁଟାଗାଁର ଛନ୍ଦା ଜାଲ ଓ ବିପୁଲ ଜାଲ। ସେହିପରି ଗୁରୁତର ଜଣକ ହେଲେ ହାତୀଖୋଜ ଗାଁର ପଙ୍କଜ ଯାନୀ (୩୨)। ତାଙ୍କୁ ଏମ ରାମପୁର ମେଡିକାଲରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୬।୫
ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ମଦନପୁର-ରାମପୁରରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ଘଟଣାରେ ସରକାରୀ ସହାୟତା ଘୋଷଣା କରାଯାଇଛି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

ଏଠାରେ ସୂଚନାଯୋଗ୍ୟ ଯେ, ମଙ୍ଗଳବାର ମଦନପୁର-ରାମପୁରରେ ପାଇଖାନା ଟାଙ୍କି ଛାତ ସେଣ୍ଟ୍ରିଂ ଖୋଲାହେବା ବେଳେ ଏଥିରେ ପଡି ୬ଜଣଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଉଦ୍ଧାର କରାଯାଇ ହସ୍‌ପିଟାଲକୁ ନିଆଯାଇଥିଲା।

## ପ୍ରକାଶ ପାଇଲା ଓସିଏସ୍ ରେଜଲ୍ଟ

# ୨୦୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ, ବୁବୁନ ସାହୁ ଟପ୍ପର

ଭୁବନେଶ୍ୱର, ୨୬।୫
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା- ୨୦୨୪ ର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ୍ ୨୦୦ ଜଣ ପରୀକ୍ଷାର୍ଥୀ (୭୮ ମହିଳା)କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ବୁବୁନ ସାହୁ ପରୀକ୍ଷାରେ ଶୀର୍ଷ ସ୍ଥାନ ହାସଲ କରି ଟପ୍ପର ହୋଇଥିବା ବେଳେ ଶୋଭନା ମହାନ୍ତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜିତମିତା ସାହୁ ତୃତୀୟ, କନକ ଜୈନ ଚତୁର୍ଥ ଏବଂ ସଂଗ୍ରାମ ପ୍ରଧାନ ପଞ୍ଚମ ସ୍ଥାନରେ ରହିଛନ୍ତି। ଅମନ ଗୋୟଲ ଷଷ୍ଠ, ଶାନ୍ତନୁ କୁମାର ଶତପଥୀ ସପ୍ତମ, ନିତେଶ କୁମାର ବାରିକ ଅଷ୍ଟମ, ଶୀତଲ ପାତ୍ର ନବମ ଏବଂ ଇତିଶ୍ରୀ ଜେନା ଦଶମ ସ୍ଥାନରେ ରହିଛନ୍ତି। ମେଧା ତାଲିକା ଓଡିଶା ଲୋକସେବା ଆୟୋଗର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଓପିଏସସି.ଜିଓଭି.ଇନ୍ ରେ ଉପଲବ୍ଧ ରହିଛି।

ଏହି ଚୟନ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୭୦ (୩୦ -ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୫ (୧୧ - ମହିଳା), ଅନୁସୂଚିତ ଜାତି ବର୍ଗରେ ୪୫ (୧୬ - ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୫୦ ( ୨୧ - ମହିଳା)ଙ୍କୁ (ପୂର୍ବତନ



ସାମରିକ ସେବା କର୍ମଚାରୀ ବର୍ଗରେ - ୦୪ ଏବଂ ଶାରୀରିକ ଅକ୍ଷମ ବର୍ଗରେ - ୦୩ ପ୍ରାର୍ଥୀ) ସୁପାରିସ୍ କରାଯାଇଅଛି ।

ସୂଚନା ଅନୁଯାୟୀ ଓଡ଼ିଶା ସିଭିଲ୍ ସର୍ଭିସ୍, ୨୦୨୪ ପରୀକ୍ଷାର ବିଜ୍ଞାପନ ତା ୩୧.୧୨.୨୦୨୪ ରିଖ ଦିନ ସମୁଦାୟ ୨୦୦ (୬୫ - ମହିଳା) ପଦବୀ ପାଇଁ ପ୍ରକାଶିତ ହୋଇଥିଲା । ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ସମୁଦାୟ ୮୫୨୨୩ (୩୩୬୩୦-ମହିଳା) ପ୍ରାର୍ଥୀ ଆବେଦନ କରିଥଲେ ଏବଂ ଏହା ମଧ୍ୟରୁ ୩୫୧୬୫ (୧୩୯୮୫ - ମହିଳା) ପ୍ରାର୍ଥୀ ତା ୧୨.୧୦.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ପ୍ରାରମ୍ଭିକ ପରୀକ୍ଷା ଦେଇଥିଲେ । ୨୪୦୫ (୭୮୧-ମହିଳା) (ପୃଷ୍ଠା ୭ରେ)

### କୃତକାର୍ଯ୍ୟ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୫ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଶାସନିକ ସେବାକୁ କେବଳ ଏକ ପଦବୀ ନୁହେଁ, ବରଂ ଜନସେବାର ଏକ ପବିତ୍ର ବ୍ରତ ଭାବେ ଗ୍ରହଣ କରି ଏକ ସ୍ୱଚ୍ଛ, ପାରଦର୍ଶୀ ଓ ଜନକୈନ୍ଦ୍ରିକ ପ୍ରଶାସନିକ ବ୍ୟବସ୍ଥା ଗଠନ ସହ ସରକାରଙ୍କ ପ୍ରତିନିଧି ଭାବେ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାକୁ ସମାଜର ଶେଷ ଧାଡ଼ିରେ ଥିବା ହିତାଧିକାରୀଙ୍କ ପର୍ଯ୍ୟନ୍ତ ସଫଳତାର ସହ ପହଞ୍ଚାଇବା ଆପଣମାନଙ୍କର ମୁଖ୍ୟ ସଂକଳ୍ପ ହେଉ। 'ସମୃଦ୍ଧ ଓଡ଼ିଶା' ଗଠନର ଏହି ଗୌରବମୟ ଯାତ୍ରାରେ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

### ପ୍ରମାଣ ଅଭାବରୁ ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ

କଟକ, ୨୬।୫ : ନ୍ୟୁଜ୍ ବ୍ୟୁରୋ

କଟକ ଜିଲ୍ଲା ଜଗତପୁର ଥାନା ପଶ୍ଚିମକଚ୍ଛର ଅବଦୁର ରେହମାନଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କଲେ କଟକ ସେସନ୍ସ କୋର୍ଟ। ଆତଙ୍କବାଦୀ ଲିଙ୍କରେ ୨୦୧୫ରେ ତାକୁ ଗିରଫ (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- ଜୁନ୍ ୧ରୁ ଯୁକ୍ତ ଦୁଇ ମାର୍କ ରି-ଚେକିଂ ଆବେଦନ।
- ବାଲିଅନ୍ତା ସୌମ୍ୟ ମର୍ଡର ଘଟଣାରେ ଆଉ ଜଣେ ଅଭିଯୁକ୍ତ ଗିରଫ। ୮ରୁ ୧୦ ଜଣ ସ୍କାନରରେ ଅଛନ୍ତି- କ୍ରାଇମବ୍ରାଞ୍ଚ ଆଇଜି।
- ୨୫୦ କୋଟି ଟଙ୍କାର ଡ୍ରଗ୍ସ ଚୋରାଚାଲାଣ ମାମଲାରେ ତାମିଲନାଡୁରେ ଇଡିର ଚଢଉ।
- ଦିଲ୍ଲୀରେ ପୁଣି ବଢିଲା ସିଏନ୍‌ଜି ଦର।
- ଇନ୍ଧନ ଦର ବୃଦ୍ଧିରେ ଓଡ଼ିଶାର ସାଧାରଣ ଲୋକଙ୍କ ଚିନ୍ତା ବଢିଲା।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୮୮୯ (-୪୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୬୫ (-୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୧୭ (-୩୭)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୫ (+୦)

# କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ପ୍ରମୁଖ ରାଜିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨୬।୫

ଅଷ୍ଟ୍ରେଲିଆ, ଆମେରିକା, ଜାପାନ ଏବଂ ଭାରତର ଚତୁର୍ଭୁଜ ରଣନୈତିକ ମେଣ୍ଟର ବୈଦେଶିକ ମନ୍ତ୍ରୀମାନେ ମଙ୍ଗଳବାର ଏଠାରେ ଅନୁଷ୍ଠିତ ବୈଠକରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ତଦାରଖ, ଶକ୍ତି ସୁରକ୍ଷା ଏବଂ ବିରଳ ଖଣିଜ ଖନନ, ବିଶୋଧନ ଏବଂ ଯୋଗାଣ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ମଙ୍ଗଳବାର ଦିନ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଦ୍ୱାରା ଆୟୋଜିତ 'କ୍ୱାଡ୍' ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅର୍ଥପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ, ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ



ପେନି ୱୋଙ୍ଗ୍, ଜାପାନ ବୈଦେଶିକ ମନ୍ତ୍ରୀ ତୋଶିମିସ୍ତୁ ମୋତେଗି ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ତିନୋଟି ପଦକ୍ଷେପ ତଥା କ୍ୱାଡ୍ ପଦକ୍ଷେପ ଉପରେ ହୋଇଥିବା ଅଗ୍ରଗତିର ବିସ୍ତୃତ ସମୀକ୍ଷା କରାଯାଇଥିଲା, ପ୍ରାଥମିକତା କ୍ଷେତ୍ରରେ ସହଯୋଗ ବୃଦ୍ଧି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ବିକାଶ ସମେତ ପାରସ୍ପରିକ ସ୍ୱାର୍ଥର ଅନ୍ୟାନ୍ୟ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରାଯାଇଥିଲା।

ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଏହି (ପୃଷ୍ଠା ୭ରେ)

# ୩୦ରୁ ରାଜ୍ୟରେ ଏସ୍‌ଆଇଆର

ଭୁବନେଶ୍ୱର, ୨୬।୫
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ



ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲଓ ମାନେ ଘରକୁ ଘର ବୁଲି ସର୍ଭେପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ପୃଷ୍ଠା ୭ରେ)

### ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୫

ମଙ୍ଗଳବାର ନୂଆଦିଲ୍ଲୀରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସଂଗଠନ ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ସୋସିଆଲ ମିଡିଆରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ତାଙ୍କର ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ରାଜ୍ୟ ବିଜେପି ସରକାରର ଦୁଇ ବର୍ଷ ଶାସନ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ନିମନ୍ତ୍ରଣ ଜଣାଇଥିଲେ।

### ବିଜେପିରେ ଯୋଗ ଦେଲେ ଦେବାଶିଷ ସାମନ୍ତରାୟ

କଟକ, ୨୬।୫ : ନ୍ୟୁଜ୍ ବ୍ୟୁରୋ

ନୂଆଦିଲ୍ଲୀ ବିଜେପି ମୁଖ୍ୟାଳୟରେ ବିଜେପିରେ ଯୋଗ ଦେଲେ ଦେବାଶିଷ ସାମନ୍ତରାୟ। ସୋମବାର ବିଜେଡିରୁ ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ ଦେବାଶିଷ ସାମନ୍ତରାୟ । ମଙ୍ଗଳବାର ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଓଡ଼ିଶା ବିଜେପି ପ୍ରଭାରୀ ବିଜୟ ସିଂହ ତୋମାରଙ୍କ ଉପସ୍ଥିତିରେ ପଦ୍ମ ଧରିଲେ ଦେବାଶିଷ ସାମନ୍ତରାୟ। ଏହି ଅବସରରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ଓ ନେତୃତ୍ୱରେ ପ୍ରେରିତ ହୋଇ ମୁଁ ବିଜେପିରେ ଯୋଗ ଦେଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଓଡ଼ିଶା ବିକାଶ' କାର୍ଯ୍ୟକ୍ରମରେ ମୁଁ ସାମିଲ ହେବି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେବି, କାରଣ ସେ ମୋତେ ବିଜେପିରେ ସାମିଲ କରିଛନ୍ତି। ଆଗକୁ ଓଡ଼ିଶାରେ ମୁଁ ଅନେକ କାମ କରିବି। ସୋମବାର ବିଜେଡି ଛାଡ଼ିଥିଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଲେ। ସେ ନିଜର ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ ଦଳ ପାଇଁ ନିଜକୁ ଉତ୍ସର୍ଗ କରିଛି। ଦଳରେ ମୋତେ ଯଥେଷ୍ଟ ସମ୍ମାନ ଓ ଗୁରୁତ୍ୱ ମିଳୁନଥିଲା ମୋର ସେବାକୁ ଦଳ ଆଉ ଦରକାର କରୁନାହିଁ।

### ଜୁନ୍ ୧୦ ପୂର୍ବରୁ ଡ୍ରେନ୍ ମରାମତି କାମ ସରିବ : ମେୟର

ଭୁବନେଶ୍ୱର, ୨୬।୫ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜୁନ୍ ୧୦ ପୂର୍ବରୁ ଭୁବନେଶ୍ୱରର ସବୁ ଡ୍ରେନ୍ ମରାମତି କାମ ଶେଷ ହେବ। ଖୋଲା ପଡିଥିବା ସମସ୍ତ ଡ୍ରେନ ଉପରେ ସ୍ଲାପ ପକାଯିବ। ବିଏମସି ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବର୍ଷା ପୂର୍ବରୁ ସମସ୍ତ ଛୋଟବଡ଼ ଡ୍ରେନ ସଫେଇ କାମ ଶେଷ କରାଯିବ। ଜୁନ ୧୦ ଭିତରେ ରୋଡ୍ କଟିଂ କାମ ମଧ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଡ୍ରେନ୍‌ଗୁଡିକ ମୁକୁଳା ପଡିଥିବା ବେଳେ ଅନେକ ସମୟରେ ଛୋଟବଡ ଅଘଟଣ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ମରାମତି ଓ ସ୍ଲାବ ପକାଇବା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।




### ଏକାଳ ପଖାଳ



ପଞ୍ଚାୟତ ନିର୍ବାଚନ ପାଇଁ ଜନେ
ନେତା ଭିଡିଲେଣି ଅଣ୍ଟା
ଗାଁ ଗାଁ ବୁଲି ବୁଝି ସୁଝେଇବେ
କାଳେ ନେତା ଗୋଟା ଗୋଟା
ସଫା କରିବେ ଯେତକ କଣ୍ଟା
ପ୍ରଗତି ପଛରେ ଏଇଟା ଆଗ
ଲାଗିଛି କି ଅବା ଥଟ୍ଟା।

# ଇବୋଲା ଭୂତାଣୁକୁ ନେଇ ଭାରତରେ ହାଇଆଲର୍ଟ



ନୂଆଦିଲ୍ଲୀ, ୨୬।୫

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହିତ ଏକ ବୈଠକରେ ଇବୋଲା ନିବାରଣ, ନିରୀକ୍ଷଣ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମୀକ୍ଷା କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କ ନିର୍ଦ୍ଦେଶ ପରେ, ସ୍ୱାସ୍ଥ୍ୟ ସଚିବ ବିଭିନ୍ନ ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ ସଂସ୍ଥାର ଅଧିକାରୀମାନଙ୍କ ସହିତ ଏକ ବୈଠକ କରିଛନ୍ତି। ସମସ୍ତ ବିମାନବନ୍ଦର, ସମୁଦ୍ର ବନ୍ଦର ଏବଂ ସୀମା ପ୍ରବେଶ ସ୍ଥାନରେ ସମ୍ପୂର୍ଣ୍ଣ ସତର୍କ ସ୍କ୍ରିନିଂ ଏବଂ ନିରୀକ୍ଷଣ ବ୍ୟବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରକୁ ସର୍ବଦା ଟ୍ରାକିଂ, ପରୀକ୍ଷଣ ଏବଂ ନିରୀକ୍ଷଣ ବ୍ୟବସ୍ଥା ସକ୍ରିୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ସମୟରେ ଦେଶରେ କୌଣସି ଇବୋଲା ମାମଲା ରିପୋର୍ଟ ହୋଇନାହିଁ, କିନ୍ତୁ ସତର୍କତା ସ୍ୱରୂପ, ରୋଗର ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ଦେଶ ମଧ୍ୟରେ ଏହାର ପ୍ରସାରକୁ ରୋକିବା ପାଇଁ ସମସ୍ତ ପ୍ରୟାସ କରାଯିବ।

ଇବୋଲା ଭାଇରସ କିଛି ଆଫ୍ରିକୀୟ ଦେଶରେ ବ୍ୟାପିଛି ଏବଂ (ପୃଷ୍ଠା ୭ରେ)

### ଅଗ୍ରଗତି ପାଇଁ ପରିସ୍ଥିତି ଅନୁକୂଳ : ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳଠାରୁ ୩୫ କିଲୋମିଟର ଦୂରରେ

ନୂଆଦିଲ୍ଲୀ, ୨୬।୫

ଦକ୍ଷିଣ-ପଶ୍ଚିମ ମୌସୁମୀ, ଯାହା ଗତ ଚାରି ଦିନ ଧରି କେରଳରୁ ପ୍ରାୟ ୩୫ କିଲୋମିଟର ଦୂରରେ ଅଟକି ରହିଛି, ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ। ମୌସୁମୀର ସମସ୍ତ ଆବଶ୍ୟକୀୟ ପରିସ୍ଥିତିର ଅଭାବ ଯୋଗୁଁ କେରଳରେ ଏହାର ଆଗମନ ଘୋଷଣା କରାଯାଇ ନାହିଁ।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ମଙ୍ଗଳବାର ଦିନ କହିଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ମଙ୍ଗଳବାର କେରଳରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଥିଲା। ଏହା ମଧ୍ୟ ପୂର୍ବାନୁମାନ କରାଯାଇଥିଲା ଯେ ଏହା ଚାରି ଦିନ ପୂର୍ବରୁ କିମ୍ବା ପରେ ପହଞ୍ଚିବ, କିନ୍ତୁ ଗତ ଚାରି ଦିନ ଧରି ମୌସୁମୀ କେରଳରୁ ପ୍ରାୟ ୩୫ କିଲୋମିଟର ଦୂରରେ ଅଟକି ରହିଛି। ଯଦିଓ କେରଳରେ ବର୍ଷା ହେଉଛି, ମୌସୁମୀ ଆଗମନ ପାଇଁ ସମସ୍ତ ଆବଶ୍ୟକୀୟ ପରିସ୍ଥିତି ପୂରଣ ହୋଇନାହିଁ, ତେଣୁ ପାଣିପାଗ ବିଭାଗ ଏପର୍ଯ୍ୟନ୍ତ କେରଳରେ ମୌସୁମୀର ଆଗମନ ଘୋଷଣା କରିନାହିଁ।

ଅନ୍ୟପକ୍ଷରେ ଓଡ଼ିଶାର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମଙ୍ଗଳବାର ସମ୍ବଲପୁରରେ ୪୪ ଡିଗ୍ରୀ ତାପମାତ୍ରା (ପୃଷ୍ଠା ୭ରେ)



# ବରଗଡ଼ରେ ସେକ୍ସ ରାକେଟ୍ ଠାବ:୫ ଗିରଫ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଟାଉନ ଥାନା ପୋଲିସ ଡାଙ୍ଗ ଛକ ନିକଟରେ ଏକ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ଚଢ଼ଉ କରିଥିଲେ। ସେଠାରେ ଦେହ ବ୍ୟବସାୟ ଚାଲିଥିବା ସମୟରେ ପୋଲିସ ପହଞ୍ଚି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଶିବାନନ୍ଦ ପଡ଼ାର ଧ୍ରୁବଚରଣ ମେହେର ଏବଂ ତାଙ୍କ ସ୍ତ୍ରୀ ବନିତା, ବରଗଡ଼ ସଦର ଥାନା ଅନ୍ତର୍ଗତ ସୟାଁ ଗ୍ରାମର ତେଜ ବେହେରା, ବନବସପାଲି ଗ୍ରାମର ବଳଦେବ ସାହୁ ଏବଂ ଜଟର୍ଲା ଗ୍ରାମର ସରୋଜ ସାହୁ। ସେମାନଙ୍କ ପାଖରୁ ନଗଦ ଟଙ୍କା, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ, ମୋବାଇଲ, ଗୋଟିଏ କାର୍ ଏବଂ ୩ଟି ସ୍କୁଟି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଛି।

# ପରିତ୍ୟକ୍ତ ଆଇ ଲଭ୍ ବ୍ରହ୍ମପୁର:ସୌନ୍ଦର୍ଯ୍ୟ ବୃଦ୍ଧି ପ୍ରକଳ୍ପ ମାଳ ମାଳ, ରକ୍ଷଣାବେକ୍ଷଣ ଶୂନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ପ୍ରମୁଖ ଛକରେ ଆକର୍ଷଣୀୟ ସେଲ୍‌ଫି ପଏଣ୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣରୁ ସେଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି। ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମିତ ପ୍ରକଳ୍ପଗୁଡ଼ିକ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଥରେ ନିର୍ମାଣ ପରେ ରକ୍ଷଣାବେକ୍ଷଣ ଦିଗରେ ମହାନଗର ନିଗମ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉନି। ତେଣୁ ଅଳ୍ପ କିଛି ଦିନରେ ଭାଙ୍ଗିରୁଜି ନଷ୍ଟ ହୋଇଯାଉଛି। ସବ୍‌ରେଜିଷ୍ଟ୍ରି ଛକ ଠାରେ ଆଇ ଲଭ୍ ବ୍ରହ୍ମପୁର ନାମରେ ଏକ ସେଲ୍‌ଫି ପଏଣ୍ଟ ନିର୍ମାଣ ହୋଇଛି। ୨୦୧୯ ମସିହା ଜାନୁଆରୀ ୧୪ ତାରିଖରେ ଏହା ଉଦ୍‌ଘାଟନ ହୋଇଥିଲା। ପ୍ରାୟ ୧୨ ଶହ ବର୍ଗଫୁଟ ଅଞ୍ଚଳରେ ୧୪ ଲକ୍ଷ ଟଙ୍କାରେ ମହାନଗର ନିଗମ ତରଫରୁ ନିର୍ମାଣ କରାଯାଇଥିଲା। ଏଠାରେ ବାଘ, ହରିଣ ସହିତ ଅନ୍ୟାନ୍ୟ ପଶୁଙ୍କ ମୂର୍ତ୍ତି ରହିଛି। ଝରଣା ମଧ୍ୟ ନିର୍ମାଣ କରାଯାଇଥିଲା। ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ଲାଗିଛି। ମଝିରେ ଆଇ ଲଭ୍ ବ୍ରହ୍ମପୁର ଲେଖାଯାଇଛି। ଉଦ୍‌ଘାଟନ ବେଳେ ଏହା ସହରର ଅନ୍ୟତମ ପ୍ରମୁଖ ଆକର୍ଷଣୀୟ ସ୍ଥାନ ପାଲଟିଥିଲା। ସନ୍ଧ୍ୟା ପରେ ଫଟୋ ଉଠାଇବାକୁ ଭିଡ଼ ହେଉଥିଲା। ରାତିରେ ସୌନ୍ଦର୍ଯ୍ୟକରଣ ଆଲୋକ ବ୍ୟବସ୍ଥା ମଧ୍ୟ ଥିଲା। କିନ୍ତୁ କାଳକ୍ରମେ ରକ୍ଷଣାବେକ୍ଷଣ ପ୍ରତି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ସମ୍ମୁଖରେ ଥିବା ରାସ୍ତାର ଉନ୍ନତିକରଣ ପାଇଁ ଆଖପାଖ ଅଞ୍ଚଳକୁ ଖୋଳିଦିଆଗଲା। ସିମେଣ୍ଟ ଧୂଳିରେ ମଇଳା ହୋଇଗଲା ସେଲ୍‌ଫି ପଏଣ୍ଟ। ଅନେକ ଦିନ ପର୍ଯ୍ୟନ୍ତ ବନ୍ଦ ରହିଲା। ପରେ ସଫାସୁତରା କରାଯାଇଥିଲା। କିନ୍ତୁ ପୂର୍ବ ସୌନ୍ଦର୍ଯ୍ୟ ହରାଇଛି ସେଲ୍‌ଫି ପଏଣ୍ଟ। ଭିତରେ ଅନେକ ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ଝରଣାରେ ଲାଗିଥିବା ମୋଟର ଅଚଳ ଯୋଗୁ ଆଉ ପାଣି ଝରୁନାହିଁ। ସୌନ୍ଦର୍ଯ୍ୟକରଣ ଲାଇଟ୍ ମଧ୍ୟ ଆଉ ଜଳୁନି। ପଶୁ ମୂର୍ତ୍ତି ଭାଙ୍ଗି ଯାଇଛି। ସେହିଭଳି ଅନ୍ୟାନ୍ୟ ଜିନିଷଗୁଡ଼ିକ ଭାଙ୍ଗିରୁଜି ଗଲାଣି। ମହାନଗର ନିଗମର ଆୟୁକ୍ତଙ୍କ ବାସଭବନ କଡ଼ରେ ରହିଛି ଏହି ସେଲ୍‌ଫି ପଏଣ୍ଟ। କିଛି ମାସ ପୂର୍ବେ ଆଖପାଖରେ ଆଉ କେତେକ ସେଲ୍‌ଫି ପଏଣ୍ଟ ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ଗ୍ରହଣ କରାଗଲା। କିନ୍ତୁ ସେଲ୍‌ଫି ପଏଣ୍ଟକୁ ମରାମତି କରାଗଲାନାହିଁ। କ୍ରମାଗତ ଭାବେ ଅବହେଳିତ ହୋଇ ପରିତ୍ୟକ୍ତ ଅବସ୍ଥାରେ ଆଇ ଲଭ୍ ବ୍ରହ୍ମପୁର। ତୁରନ୍ତ ପୁନଃରୁଦ୍ଧାର କରିବାକୁ ଦାବି ହୋଇଛି।

## ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦରେ ସମସ୍ୟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ ଠାରୁ ପାରାଦୀପ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ପ୍ରାୟ ସରିଥିବାବେଳେ ପଞ୍ଚୁ ପାଣ୍ଡବ ଠାରୁ ଗୋପ ପର୍ଯ୍ୟନ୍ତ ରାସ୍ତା କଡରେ ଜାତୀୟ ରାଜପଥ ଉପରେ ମାଡି ଦୋକାନ ଗୃହ କରିଥିବା ଦୋକାନୀଙ୍କୁ ଉଠାଇବା ପାଇଁ ଜାତୀୟ ରାଜପଥ କାମ କରୁଥିବା ପିଏସ୍‌କେ କମ୍ପାନୀ ଅସୁବିଧାର ସମ୍ମୁଖୀନ ହେଉଥିବା ଏ ନେଇ ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ସ୍ଥାନୀୟ ଅଞ୍ଚଳର କେତେକ ବାସିନ୍ଦା ଜାତୀୟ ରାଜପଥକୁ ମାଡି ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବାବେଳେ ଏହାକୁ ଉଚ୍ଛେଦ କରିବା ପାଇଁ ଡେରାବିଶ ତହସିଲ୍ ଓ କେନ୍ଦ୍ରାପଡା ତହସିଲ୍ ପକ୍ଷରୁ ବାରମ୍ବାର ମାଇକ୍ ଯୋଗେ ଦୋକାନ ଗୃହ ଉଠାଇବା ପାଇଁ ଅବଗତ କରାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଏହି ଦୋକାନୀମାନେ ଉଚ୍ଛେଦ କରୁନାହାଁନ୍ତି। ଫଳରେ ବାଇପାସ୍ ରାସ୍ତା ଏବଂ ସାଇଡ୍ ରାସ୍ତା ଗୁଡିକ ସଂପ୍ରସାରଣୀରେ ଘୋର ଅସୁବିଧା ସୃଷ୍ଟି କରୁଛି। ତୁରନ୍ତ ଏହି ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ‘ଇଦ୍-ଉଲ୍-ଜୁହା’ ପାଳନ ଅବସରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆହ୍ୱାନ୍

**ବାଲେଶ୍ୱର, ନ୍ୟୁଜ୍**



ଆଗାମୀ ‘ଇଦ୍-ଉଲ୍-ଜୁହା’ ବା ବକ୍ରିଦ୍ ପର୍ବକୁ ସମଗ୍ର ବାଲେଶ୍ୱର ସହରରେ ଶାନ୍ତି, ମୈତ୍ରୀ ଏବଂ ସାମ୍ପ୍ରଦାୟିକ ସଦ୍ଭାବନାର ସହ ପାଳନ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ତଥା ସଦ୍ଭାବନା ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ମୁସ୍‌ଲିମ୍ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମାଜସେବୀ ଯୋଗଦେଇଥିଲେ। ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ ବାଲେଶ୍ୱର, ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶୁଭଶ୍ରୀ ରଥ, ସଦର ଏସ୍‌ଡିପିଓ, ଶୁଭ୍ରାଂଶୁ ଶେଖର ନାଏକ ପ୍ରମୁଖ ଏହି ଉଚ୍ଚସ୍ତରୀୟ ବୈଠକରେ ମଞ୍ଚାସୀନ ଥିଲେ। ଏହା ସହିତ ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ମସ୍‌ଜିଦ୍ କମିଟିର ସଭାପତି, ସମ୍ପାଦକ, ମୌଲାନା ଏବଂ ମୁସ୍‌ଲିମ୍ ସମ୍ପ୍ରଦାୟର ଶତାଧିକ ସଦସ୍ୟ ଏହି ବୈଠକରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପର୍ବକୁ ସୂଚାରୁରୂପେ ପାଳନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ପବିତ୍ର ବକ୍ରିଦ୍ ଉତ୍ସବ ଆସନ୍ତା ମେ ୨୮, ୨୯ ଏବଂ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରାଯିବ। ଏହି ଅବସରରେ ମସଜିଦ୍ ଏବଂ ଇଦ୍‌ଗାହଗୁଡ଼ିକରେ ସମୂହ ନମାଜ ପାଠ ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇବାର ପରମ୍ପରା ରହିଛି। ବାଲେଶ୍ୱରର ସଂସ୍କୃତି ସଦାସର୍ବଦା ଭାଇଚାରାର ସଂସ୍କୃତି ହୋଇଥିବାରୁ, ଏହି ତିନି ଦିନ କିପରି ସହରରେ ସୁରକ୍ଷା ଓ ଶାନ୍ତିର ମାହୋଲ ବଜାୟ ରହିବ, ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବୈଠକରେ ଅଧ୍ୟକ୍ଷତା କରି ବାଲେଶ୍ୱର ଜିଲ୍ଲାପାଳ କହିଛନ୍ତି ଯେ, ‘ବାଲେଶ୍ୱର ହେଉଛି ଅମାୟିକ ସଦ୍ଭାବନାର ସହର। ଏଠାରେ ସମସ୍ତ ସମ୍ପ୍ରଦାୟର ଲୋକେ ମିଳିମିଶି ପ୍ରତ୍ୟେକ ପର୍ବପର୍ବାଣୀ ପାଳନ କରିଥାନ୍ତି। ଆଗାମୀ ମେ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଇଦ୍-ଉଲ୍-ଜୁହା ପର୍ବକୁ ଅତି ଆନନ୍ଦ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସମସ୍ତ ମସ୍‌ଜିଦ୍ ନିକଟରେ ସ୍ୱଚ୍ଛତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣ ଯେପରି କୌଣସି ପ୍ରକାରର ଗୁଜବ ଉପରେ ବିଶ୍ୱାସ ନକରନ୍ତି ଏବଂ ସୋସିଆଲ ମିଡିଆରେ କୌଣସି ଆପତ୍ତିଜନକ ପୋଷ୍ଟ ସେୟାର ନକରନ୍ତି, ସେଥିପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଉତ୍ସବ ସମୟରେ ସହରର ସମସ୍ତ ସମ୍ବେଦନଶୀଳ ଅଞ୍ଚଳ, ମସ୍‌ଜିଦ୍ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ପାଇଁ ଦିନରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ସେ କହିଛନ୍ତି, ପୋଲିସ ପ୍ରଶାସନ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଦା ପ୍ରସ୍ତୁତ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସମୟରେ ବାଣ ଏବଂ ଡିଜେକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଅପରାହ୍ନ ୪ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ବକ୍ରିଦ୍ ପାଳନ କରିବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ବୈଠକରେ ଉପସ୍ଥିତ ଥିବା ମୁସ୍‌ଲିମ୍ ସମ୍ପ୍ରଦାୟର ବରିଷ୍ଠ ନେତୃବୃନ୍ଦ ଏବଂ ଇଦ୍‌ଗାହ କମିଟିର ସଦସ୍ୟମାନେ ଜିଲ୍ଲା ପ୍ରଶାସନର ଏହି ଆଗୁଆ ପଦକ୍ଷେପକୁ ସ୍ୱାଗତ କରିଥିଲେ। ସେମାନେ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ବକ୍ରିଦ୍ ହେଉଛି ତ୍ୟାଗ, ଦୟା ଏବଂ ମାନବିକତାର ପର୍ବ। ବାଲେଶ୍ୱରର ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟ ମଧ୍ୟରେ ଥିବା ସଦ୍ଭାବନାକୁ କେହି କେବେ ଭଙ୍ଗ କରିପାରିବେନାହିଁ। ପର୍ବକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବ ବୋଲି ସେମାନେ ସମବେତ ସ୍ୱରରେ ପ୍ରକାଶ କରିଥିଲେ।

# ନିତ୍ୟ ଜୀବନରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ଜିଲ୍ଲା ବିଚାରବର୍ଗ ଗରାପୁର ଶିବାନନ୍ଦ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲ୍ଲା ସଂଯୋଜକ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦିବ୍ୟ ଜୀବନ ସଂଘର ସଭାପତି ତଥା ଆଶ୍ରମର ମୁଖ୍ୟ ସ୍ୱାମୀ ଦିବ୍ୟାସ୍ୱରୂପାନନ୍ଦ ସରସ୍ୱତୀ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟ କୁମାର ରାଉତରାୟ ମଞ୍ଚର ଇତିହାସ ସମ୍ପର୍କରେ ମତାମତ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ କଟକ ବିଭାଗ ସହ ସଂଯୋଜକ ପ୍ରଦୀପ ଷଡଙ୍ଗୀ ନିତ୍ୟ ଜୀବନରେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଶକ୍ତି ସଂରକ୍ଷଣ ପାଇଁ ଆହ୍ୱାନ ଦେଇଥିଲେ। ଯୁବ ଉଦ୍ୟୋଗୀ ସୁମନ୍ତ କୁମାର ଦାସ ଯୁବକମାନେ ଚାକିରି ପଛରେ ନ ଗୋଡାଇ ସ୍ୱାବଲମ୍ବୀ ହେବାପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଜିଲ୍ଲା ସଂଯୋଜକ ଶ୍ରୀ ମିଶ୍ର ଜିଲ୍ଲା କାର୍ଯ୍ୟକାରିଣୀ ଘୋଷଣା କରିଥିଲେ। ଏଥିରେ ସଂଯୋଜକ ମନୋରଞ୍ଜନ ମିଶ୍ର, ସହସଂଯୋଜକ ପ୍ରଭାତ କୁମାର ମହାନ୍ତି, ବିଜୟ କୁମାର ରାଉତ, ମହିଳା ପ୍ରମୁଖ ଦେବସ୍ମିତା ମଲ୍ଲିକ୍, ବିଚାର ବିଭାଗ ପ୍ରମୁଖ ରବିନ୍ଦ୍ର ବିଶ୍ୱାଳ, ସହ ବିଚାର ବିଭାଗ ପ୍ରମୁଖ ଜ୍ଞାନ ରଞ୍ଜନ ପ୍ରଧାନ, ସମ୍ପର୍କ ପ୍ରମୁଖ ଅକ୍ଷୟ କୁମାର ଦାସ, ସହ ସମ୍ପର୍କ ପ୍ରମୁଖ ବଳରାମ ବେହେରା, ପ୍ରଚାର ପ୍ରସାର ପ୍ରମୁଖ ଅନନ୍ତ ଗୋପାଳ ସାହୁ, ସହ ପ୍ରଚାର ପ୍ରସାର ପ୍ରମୁଖ ଜୀବନ ପ୍ରଦୀପ ଦାସ ଜେନା, ସ୍ୱାବଲମ୍ବୀ ପ୍ରମୁଖ ଆଲୋକ କୁମାର ପଣ୍ଡା, ସହ ପ୍ରମୁଖ ବିଘ୍ନେଶ ସେଠୀ, ପର୍ଯ୍ୟାବରଣ ପ୍ରମୁଖ ଶଶାଙ୍କ ଶେଖର ଓଝା, ଯୁବ ପ୍ରମୁଖ ଅଶ୍ୱିନୀ ବେହେରା, ବରିଷ୍ଠ ନାଗରିକ ପ୍ରମୁଖ ଲଲାଟ କିଶୋର ଭୂୟାଁ, କାର୍ଯ୍ୟାଳୟ ପ୍ରମୁଖ ମଦନ ମୋହନ ବେହେରା, କୋଷାଧ୍ୟକ୍ଷ ପ୍ରମୋଦ କୁମାର ଜେନା ପ୍ରମୁଖଙ୍କୁ ମନୋନୀତ କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନାମ ଫଳକରେ ଭୁଲ୍ ବନାନକୁ ନେଇ ଅସନ୍ତୋଷ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ଏକ ସୂଚନା ଫଳକରେ ଗ୍ରାମର ନାମ ଭୁଲ୍ ବନାନରେ ଲେଖାଯାଇଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ସମସ୍ତ ଅଫିସ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ଜୋର୍ ଦେଉଥିବା ବେଳେ ପୂର୍ତ୍ତ ବିଭାଗର ଏଭଳି ଅବହେଳାକୁ ନେଇ ଓଡ଼ିଆପ୍ରେମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ଗ୍ରାମ ପୂର୍ତ୍ତ ରାସ୍ତାର ସାପ୍ତାହିକ ବଜାର ପ୍ରାଙ୍ଗଣ ନିକଟରେ ବିଭାଗ ପକ୍ଷରୁ ଲଗାଯାଇଥିବା ନାମଫଳକରେ “ସମାସିଂହା” ବଦଳରେ “ସମାରସିଂହା” ଲେଖାଯାଇଛି। ସେହିପରି ଇଂରାଜୀରେ ମଧ୍ୟ ଭୁଲ୍ ଭାବେ “ସମାସିଂହା” ଲେଖାଯାଇଥିବା ଦେଖାଯାଇଛି। ଏନେଇ ପୂର୍ବତନ ସରପଞ୍ଚ ହେମନ୍ତ ସାହୁ କହିଛନ୍ତି ଯେ, ପୂର୍ତ୍ତ ବିଭାଗ ପକ୍ଷରୁ ଅଣଓଡ଼ିଆ କର୍ମଚାରୀଙ୍କୁ ଲେଖନୀ ଦାୟିତ୍ୱ ଦିଆଯାଉଥିବାରୁ ଏଭଳି ଭୁଲ୍ ବନାନ ହେଉଛି। ସେ ତୁରନ୍ତ ଭୁଲ ସଂଶୋଧନ କରିବାକୁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଅନେକ ଗ୍ରାମର ନାମଫଳକରେ ଭୁଲ୍ ବନାନ ନେଇ ଅଭିଯୋଗ ହୋଇଥିଲା। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ଶ୍ରୀନିବାସ ସାହୁଙ୍କ ଗଳ୍ପ ସଙ୍କଳନ ‘କିନ୍ନର’ ଉନ୍ମୋଚିତ



**ସାଲେପୁର, ନ୍ୟୁଜ୍ ବ୍ୟୁରୋ**

ସାଲେପୁର ସ୍ଥିତ କେଶବ ମଣ୍ଡପ ଠାରେ ଶରତ କର ଓ ଅନିମା କର ଫାଉଣ୍ଡେସନ୍, ଭୁବନେଶ୍ୱର ପକ୍ଷରୁ ସଦ୍ୟ ପ୍ରକାଶିତ ଶ୍ରୀନିବାସ ସାହୁଙ୍କ ଗଳ୍ପ ସଙ୍କଳନ ‘କିନ୍ନର’ ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭ ଲେଖକ ତଥା ନିର୍ଭୀକ ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଭବ୍ୟ ବର୍ଣ୍ଣାଢ୍ୟ ଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ତଥା ଭାରତ ସରକାରଙ୍କ ପ୍ରାକ୍ତନ ଆୟକର ବିଭାଗ କମିଶନର ଶୋଭନ କର ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଏବଂ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ଯଥାକ୍ରମେ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଓ ସମ୍ମାନିତ ବକ୍ତା ଯୋଗଦେଇ ଓଡ଼ିଆ ସାହିତ୍ୟକୁ କ୍ଷୁଦ୍ର ଗଳ୍ପର ଅବଦାନ ସମ୍ପର୍କରେ ସ୍ୱକୀୟ ମତବ୍ୟକ୍ତ କରିଥିଲେ। ଗାଳ୍ପିକ ଶ୍ରୀନିବାସ ସାହୁଙ୍କ ରଚିତ ‘କିନ୍ନର’ ପୁସ୍ତକ ମୁଖ୍ୟ ଅତିଥିଙ୍କ କରକମଳରେ ଲୋକାର୍ପିତ ହେବା ଉତ୍ତାରୁ ବିଭିନ୍ନ ଅନୁଷ୍ଠାନ, ଶୁଭେଚ୍ଛୁ- ବନ୍ଧୁ ତଥା ସାହିତ୍ୟାନୁରାଗୀ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଏବଂ ବିଭିନ୍ନ ଉପଢୌକନ ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ କବିୟତ୍ରୀ ସସ୍ମିତା ପଣ୍ଡା କିନ୍ନର ପୁସ୍ତକର ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଗୀତି ପାଠ କରିଥିଲେ। ଗାଳ୍ପିକ ଶ୍ରୀ ସାହୁ ମଧ୍ୟ ନିଜର ବକ୍ତବ୍ୟରେ ପ୍ରକାଶକ ଏବଂ ସାହାଯ୍ୟ, ସହଯୋଗ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ କୃତଜ୍ଞତା ଜଣାଇଥିଲେ। କିନ୍ନର ପୁସ୍ତକରେ ସ୍ଥାନିତ ମୋଟ୍ ୬ ଗୋଟି ଗଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ ପ୍ରାକ୍ତନ ଅଧ୍ୟାପକ ଡ଼ଃ ନିଖିଳେଶ୍ ପଦ ମହାନ୍ତି। ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିଲେ ପରିବାର ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ଜେନା। ଶେଷରେ ସାଲେପୁର ସ୍ଥିତ ‘ଆମେ ସବୁ’ ଅନୁଷ୍ଠାନର ସମ୍ପାଦକ ସସ୍ମିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ୍ ଜଗନ୍ନାଥ ଜେଠି ଏବଂ ଶ୍ରୀ ସାହୁଙ୍କ ଭଗିନୀ ଚୌଧୁରୀ ଶ୍ରୀମତୀ ଦାସ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସ୍ଥାନୀୟ ସାଲେପୁର, ମାହାଙ୍ଗା, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ଶତାଧିକ ସାହିତ୍ୟିକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ବୟୋଜ୍ୟେଷ୍ଠ ମୁରବୀ, ଯୁବା ଛାତ୍ର, ସମାଜ ସଂଗଠକ, ସାହିତ୍ୟ ପ୍ରେମୀ ଜନସାଧାରଣ ଉପସ୍ଥିତ ରହି ଉତ୍ସବକୁ ଉପଭୋଗ କରୁଥିବା ଦେଖାଯାଇଥିଲା।

## ଗୌର ପ୍ରସାଦ ହେଲେ ରାଜ୍ୟ ଆଇନ୍‌ଜୀବୀ ସଂଘର ଉପସଭାପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ଆଇନ୍‌ଜୀବୀ ସଂଘର ଉପସଭାପତି ଭାବେ କେନ୍ଦ୍ରାପଡାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସରକାରୀ ଓକିଲ ଗୌର ପ୍ରସାଦ ମହାପାତ୍ର ମନୋନୀତ ହୋଇଛନ୍ତି। ଶ୍ରୀ ମହାପାତ୍ର ମନୋନୀତ ହେବାପରେ ରାଜ୍ୟ ଆଇନ୍‌ଜୀବୀ ମାନଙ୍କର ସ୍ୱାସ୍ଥ୍ୟକାର୍ଡ, ଜନମଙ୍ଗଳକାରୀ ପାଣ୍ଠି, ୩୦ ଲକ୍ଷ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର ଓ ରାଜ୍ୟ ବାର୍ କାଉନ୍‌ସିଲର୍ ଠାରେ ଦାବି କରିଛନ୍ତି। ଏଥିସହିତ କନିଷ୍ଠ ଆଇନ୍‌ଜୀବୀ ମାନଙ୍କୁ ଷ୍ଟାଇପେଣ୍ଡ (ମହଙ୍ଗା ଭତ୍ତା) ଦେବାକୁ ଦାବି କରିଛନ୍ତି। ତାଙ୍କର ଏହି ଦାବିକୁ ଜିଲ୍ଲା ଓକିଲ ସଂଘର ଉପସଭାପତି ନୃସିଂହ ଚରଣ ରାଉତଙ୍କ ସମେତ ବିଜୟ କେତନ ପାଲ୍, ପ୍ରଫୁଲ୍ଲ କୁମାର ସାହୁ, ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ବହୁ ଆଇନ୍‌ଜୀବୀ ସମର୍ଥନ କରିଛନ୍ତି।

# ଗ୍ରେଟର ବଲାଙ୍ଗୀର ପାଇଁ ଅଭିଯାନ ଜାରି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପୁରୁଣା ପାଟଣାଗଡ଼ ରାଜକୀୟ ରାଜ୍ୟ ସମୟରୁ ବଲାଙ୍ଗୀର ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ରାଜା ଏହି ସହରକୁ ଏକ ସୁଚିନ୍ତିତ ସହର ଭାବରେ ବିକଶିତ କରିଥିଲେ। ଏହାକୁ ଚଣ୍ଡିଗଡ଼ର ଅନୁକରଣରେ ପ୍ରଶସ୍ତ ରାସ୍ତା ଏବଂ ଚାରିପାଖିଆ ଛକ ସହିତ ପ୍ରସ୍ତୁତ କରାଯାଇଥିଲା। ପୁରୁଣା ରାଜପ୍ରାସାଦଟି ସହରର ମଧ୍ୟଭାଗରେ ଅବସ୍ଥିତ, ଯାହା ଚାରିପାଖରେ ରାଜା ଉଦ୍ୟାନ, ଆଦର୍ଶ ଉଦ୍ୟାନ, ଦରବାର, ବିଦ୍ୟୁତ୍ ଗୃହ, କଳା ମଣ୍ଡଳ ଭୂମି, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା। ରାସ୍ତା କଡ଼ରେ ଧାଡି କରି ନିମ, ଜାମୁନ ଏବଂ ଅନ୍ୟାନ୍ୟ ଗଛ ଲଗାଇ ସହରକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସହର ମଧ୍ୟରେ ସତରଟି ପୋଖରୀ ମଧ୍ୟ ଖୋଳାଯାଇଥିଲା। ୧୮୭୧ ମସିହାରେ ଜୁନାଡିହିକୁ ପାଟନାଗଡ଼ ରାଜକୀୟ ରାଜ୍ୟର ରାଜଧାନୀ କରାଯିବା ପରଠାରୁ ବଲାଙ୍ଗୀର ସହର ନିରନ୍ତର ବିସ୍ତାରିତ ହୋଇଆସୁଛି। ଗତ ୧୫୫ ବର୍ଷ ମଧ୍ୟରେ ବଲାଙ୍ଗୀରରେ ବହୁତ ପରିବର୍ତ୍ତନ ଆସିଛି। ସହରଟି ଆକାରରେ ବୃଦ୍ଧି ପାଇଛି ଏବଂ ଭବିଷ୍ୟତରେ ଆହୁରି ବିସ୍ତାରିତ ହେବାକୁ ପ୍ରସ୍ତୁତ। ସମ୍ପ୍ରତି, ବାଲାଙ୍ଗୀର ସହରରେ ୮ଟି ମୌଜା ତଳେ ୨୧ଟି ୱାର୍ଡ ଅଛି, କିନ୍ତୁ ୨୦୨୭ ସୁଦ୍ଧା ସହରର ୧୯ଟି ଗାଁ ମୌଜାରେ ଅନ୍ତର୍ଭୁକ୍ତ ହେବ। ସମ୍ପ୍ରତି, ବଲାଙ୍ଗିର ସହରରେ ୮ଟି ମୌଜା ଯଥା ବାଲାଙ୍ଗୀର ହାଇକାନ୍, ବାଲାଙ୍ଗୀର ହାଇଖାନ୍, ବଲାଙ୍ଗୀର ହାଇଗାନ୍, ସାଲେପାଲି, ବିଜାଖମାନ, ବିଷ୍ଣୁମୁଣ୍ଡା, ଲାର୍କିପାଲି ଏବଂ କାଦଲିମୁଣ୍ଡା ରହିଛି। ଭବିଷ୍ୟତରେ ପୁଣିତାଲା, ସାଦିପାଲି, ପୋଡପାଲି, ଗାନ୍ଧେଲ, ତେଲପାଲି, ଲଖପାଲି। ଏଥିରେ ବରକାନି, ମଧିଆପାଲି, ଡୁମେରପାଲି, ଗୈତାଲା ଏବଂ ବାଗବାହାଲି ସମେତ ୧୯ଟି ମୌଜା ଅନ୍ତର୍ଭୁକ୍ତ ହେବାକୁ ଯାଉଛି। ସହରଟି ବର୍ତ୍ତମାନ ପ୍ରାୟ ୧୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ, ଏବଂ ଏହା ୪୦୦ ବର୍ଗ କିଲୋମିଟରକୁ ବିସ୍ତାରିତ ହେବ। ପ୍ରାୟ ୨୦ କିଲୋମିଟର ପରିଧି ମଧ୍ୟରେ ସହରକୁ ବିକଶିତ କରିବା ପାଇଁ ଯୋଜନା ଚାଲିଛି। ଯଦିଓ ବଲାଙ୍ଗୀରକୁ ୧୫୫ ବର୍ଷ ଧରି ରାଜଧାନୀ ଭାବରେ ମନୋନୀତ କରାଯାଇଛି, ତଥାପି ଏହା ଅନେକ କ୍ଷେତ୍ରରେ ଅନ୍ୟ ଜିଲ୍ଲା ମୁଖ୍ୟାଳୟ ଠାରୁ ପଛରେ ଅଛି। ସହରକୁ ସୁବ୍ୟବସ୍ଥିତ ଏବଂ ଆଧୁନିକୀକରଣ କରିବା ପାଇଁ ଏବେ ଏକ ବଡ଼ ଧରଣର କାର୍ଯ୍ୟ ଯୋଜନା ଚାଲିଛି। ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ, ଏକ ବୃହତର ବଲାଙ୍ଗୀର ଜିଲ୍ଲା ଗଠନ ପାଇଁ ବିଭିନ୍ନ ପ୍ରମୁଖ ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରାଯାଇଛି। ଗତ କିଛିବର୍ଷ ମଧ୍ୟରେ, ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି, ଭୀମଭୋଇ ମେଡିକାଲ କଲେଜ ଏବଂ ପ୍ରାୟ ୧,୦୦୦ କୋଟି ବିନିଯୋଗରେ ଏକ ହସ୍ପିଟାଲ୍ ମଧ୍ୟ ନିର୍ମାଣ କରାଯାଇଛି। ବଲାଙ୍ଗୀର-ପାଟନାଗଡ଼ ରାସ୍ତାରେ ଅବସ୍ଥିତ ଲାଲଟିକ୍ରା ଅଞ୍ଚଳ ଏବେ ବହୁତ ବିକଶିତ ଏବଂ ସକ୍ରିୟ। ସେହିପରି, ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଟିଟଲାଗଡ଼ ରୋଡରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ନିର୍ମାଣ କରାଯାଇଛି। ଆଗାମୀ ବର୍ଷଗୁଡ଼ିକରେ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ସହରକୁ ସଂଯୋଗ କରିବ, ଯାହା ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍ ସେବା ପ୍ରଦାନ କରିବ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମଧ୍ୟ ଏବେ କାର୍ଯ୍ୟକାରୀ ହେଉଛି, ଯାହା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ। ବିଷ୍ଣୁମୁଣ୍ଡା ମୌଜାରେ ପ୍ରାୟ ୧୪୭ କୋଟି ଟଙ୍କା ବ୍ୟୟରେ ୧୪ ଏକର ଜମିରେ ଏକ ବିଶାଳ ନୂତନ କଲେକ୍ଟୋରେଟ୍ କୋଠା ନିର୍ମାଣ କରାଯିବ। ବେହେରାପାଲି ମୌଜାରେ ଜିଲ୍ଲା ଜେଲ୍ ପଛପଟେ ୫ ଏକର ଜମିରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ନୂତନ ଜିଲ୍ଲା କୋର୍ଟ କୋଠା ନିର୍ମାଣ କରାଯିବ। ଏହା ସହିତ, ସହରରେ ଏକ ରିଙ୍ଗ ରୋଡ୍ ଏବଂ ବାଇପାସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି, ଏବଂ ଏବେ ଆଉ ଏକ ପ୍ରମୁଖ ରିଙ୍ଗ ରୋଡ୍ ପାଇଁ ଯୋଜନା ଚାଲିଛି। ଏହି ପ୍ରାୟ ୫୮ କିଲୋମିଟର ଲମ୍ବା ରିଙ୍ଗ ରୋଡ୍ ପାଇଁ ପ୍ରାୟ ୭୦୦ କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ପବ୍ଲିକ୍ ୱର୍କସ୍ ବିଭାଗ ଏହି ତିନୋଟି ପ୍ରକଳ୍ପ ପାଇଁ ଡ୍ରାଫ୍ଟ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିସାରିଛି। ନୂତନ ଜିଲ୍ଲା କଲେକ୍ଟରିଏଟ୍ କମ୍ପ୍ଲେକ୍ସରେ ସମସ୍ତ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ କରାଯିବ ଏବଂ ଏହାକୁ ଏକ କ୍ଷୁଦ୍ର ସଚିବାଳୟ ଭାବରେ ବିକଶିତ କରାଯିବ। ସୁଦାପଡ଼ା ଏବଂ କଦମପଡ଼ା ରେଳ କ୍ରସିଂରେ ଓଭରବ୍ରିଜ୍ ନିର୍ମାଣ ପାଇଁ ମଧ୍ୟ ଏକ ପ୍ରସ୍ତାବ ରହିଛି। ସୁଦାପଡ଼ାରୁ ପାଟନାଗଡ଼ ରୋଡ୍ ଏବଂ ବିଷ୍ଣୁମୁଣ୍ଡାରୁ ଟିଟଲାଗଡ଼ ରୋଡ୍ ପର୍ଯ୍ୟନ୍ତ ଫ୍ଲାଏଓଭର୍ ନିର୍ମାଣ ପାଇଁ ମଧ୍ୟ ଜନସାଧାରଣଙ୍କ ଦାବି ଉଠୁଛି। ବଲାଙ୍ଗୀର ପୌରପାଳିକା ଗତ କିଛି ବର୍ଷ ମଧ୍ୟରେ ଏକ ସ୍ମାର୍ଟ ପାର୍କ ନିର୍ମାଣ କରିଛି ଏବଂ ଏକ ଅଡିଟୋରିୟମ୍ ନିର୍ମାଣ କାର୍ଯ୍ୟ ଚାଲିଛି। ସହରର ବନ୍ଧଘଟା ଅଞ୍ଚଳକୁ ପୁନରୁଦ୍ଧାର କରିବା ଏବଂ ଏକ ମାଷ୍ଟର ଡ୍ରେନେଜ୍ ସିଷ୍ଟମ୍ ନିର୍ମାଣ କରିବା ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ବଲାଙ୍ଗିର ସହରର ଜନସଂଖ୍ୟା ବର୍ତ୍ତମାନ ୧,୫୦,୦୦୦ରୁ ଅଧିକ। ୧୯ଟି ଗ୍ରାମକୁ ସାମିଲ କରିବା ପରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏହା ସହିତ ପ୍ରାୟ ୫୦,୦୦୦ ଲୋକ ପ୍ରତିଦିନ ବିଭିନ୍ନ ଉଦ୍ଦେଶ୍ୟରେ ସହରକୁ ଯାତାୟାତ କରନ୍ତି। ତେଣୁ, ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ରାସ୍ତା ପ୍ରଶସ୍ତୀକରଣ ଏବଂ ଫ୍ଲାଏଓଭର ତୁରନ୍ତ ଆବଶ୍ୟକ।

# ପ୍ରଶାସନିକ ଅବହେଳା:ଭତ୍ତା ପାଇଁ ୮୨ ବର୍ଷୀୟା ମା’ଙ୍କୁ ଭାରରେ ବୋହିଲେ ପୁଅ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ମୁଖରେ ସୋମବାର ମଧ୍ୟାହ୍ନରେ ଗଣଧାରଣାର ତୃତୀୟ ଦିନରେ ଏକ ଚକିତ ଘଟଣା ଦେଖିବାକୁ ମିଳିଛି। ପ୍ରଶାସନର କଦର୍ଯ୍ୟ ରୂପ ବ୍ୟବସ୍ଥାର ଅବହେଳା ଓ ପ୍ରଶାସନର ଅନ୍ଧାକାନୁନ୍ ଆଗରେ ପୁଣି ଜଣେ ଶ୍ରବଣ କୁମାରଙ୍କ ଜନ୍ମ ହୋଇଛି। ଆଜିର ଆଧୁନିକ ଡିଜିଟାଲ୍ ଯୁଗରେ ଯେଉଁଠି ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ସେଠି ନିଜର ମୌଳିକ ଅଧିକାର ଟିକକ ପାଇଁ ଜଣେ ପୁଅକୁ ନିଜ ୮୨ ବର୍ଷର ବୃଦ୍ଧା ମା’ ଚନ୍ଦ୍ରମଣୀକୁ ଭାରରେ ବୋହି ପଞ୍ଚାୟତ କାର୍ଯ୍ୟାଳୟ ଆଗକୁ ଆଣିବାକୁ ପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ମୁଖରେ ଚାଲିଥିବା ଗଣଧାରଣାର ତୃତୀୟ ଦିନରେ ଏଭଳି ଏକ ଚକିତ ତଥା ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି। ରାମଚନ୍ଦ୍ରପୁର ପଞ୍ଚାୟତ ୬ନଂ ୱାର୍ଡର ସ୍ୱର୍ଗତ ଚୈତନ ମାଝୀଙ୍କ ପୁଅ ବନମାଳୀ। ସରକାରଙ୍କ ଆବାସ ଯୋଜନା ଏବଂ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ତାଙ୍କର ୮୨ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କା ମା’ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି ଏବଂ ଆବେଦନ କରିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ବ୍ୟବସ୍ଥା ଉପରେ ଅତିଷ୍ଠ ହୋଇ ଚନ୍ଦ୍ରମଣି ନିଜ ମା’ଙ୍କୁ ଏକ ଭାରରେ ବସାଇ କାନ୍ଧରେ ବୋହି ଆନ୍ଦୋଳନ ସ୍ଥଳକୁ ନେଇଆସିଥିଲେ। କାନ୍ଧରେ ମା’ଙ୍କୁ ବୋହି ଆଣୁଥିବା ବେଳେ ପଛରେ ପାଣି ହାଣ୍ଡି ଓ ରୋଷେଇ ସାମଗ୍ରୀର ଭାର ମଧ୍ୟ ଝୁଲୁଥିବାର ଦେଖାଯାଇଥିଲା, ଯାହା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଦେଇଛି। ବ୍ୟାପକ ଅନିୟମିତତା ଅଭିଯୋଗ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ଏବଂ ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଉଥିବା ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଆୟୋଜିତ ହୋଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ଗରିବ ଶ୍ରେଣୀର ଲୋକଙ୍କୁ ବାଦ୍ ଦିଆଯାଇଛି। ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କର ପ୍ରାପ୍ୟ ଭତ୍ତା ଯୋଗାଇବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଅନେକ ହିତାଧିକାରୀ ଏବେ ମଧ୍ୟ ଭତ୍ତାରୁ ବଞ୍ଚିତ। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଆର୍ଥିକ ହେରଫେର୍ ହୋଇଥିବା ପ୍ରତିବାଦକାରୀମାନେ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ପଞ୍ଚାୟତର ପାନପଦୀ, ବର୍ଚ୍ଚିକୟାଁ, ବରପଦୀ ଓ ଗୋବିନ୍ଦପୁର ଭଳି ବିଭିନ୍ନ ଗ୍ରାମର ଶତାଧିକ ମହିଳା, ପୁରୁଷ ଏବଂ ଦିବ୍ୟାଙ୍ଗ ସାମିଲ୍ ହୋଇଛନ୍ତି। ଖରାର ପ୍ରକୋପ ସତ୍ତ୍ୱେ ଲୋକେ ଟେଣ୍ଟ ତଳେ ବସି ନିଜର ଦାବି ଉପସ୍ଥାପନ କରୁଛନ୍ତି। ବର୍ତ୍ତମାନ ଏହି “କଳିଯୁଗର ଶ୍ରବଣ କୁମାର”ଙ୍କ ଚିତ୍ର ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ ବିରୋଧରେ ଆକ୍ରୋଶ ଓ ତୀବ୍ର ନିନ୍ଦାର ପାତ୍ର ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଭତ୍ତା ପ୍ରଦାନ ଅଧିକାରୀ ପ୍ରକାଶ ସାହୁ କହନ୍ତି ସଂପୃକ୍ତ ବୃଦ୍ଧା ଜଣକ ୨୦୧୯-୨୦ ମସିହାରେ ଆବାସ ଗୃହ ପାଇଛନ୍ତି। ତାଙ୍କ ଆକାଉଣ୍ଟକୁ ପ୍ରତ୍ୟେକମାସ ଏକ ହଜାର ଟଙ୍କା ଇନ୍ଦିରାଗାନ୍ଧି ବାର୍ଦ୍ଧକ୍ୟ ଭତ୍ତା ଯାଉଛି। ବର୍ଦ୍ଧିତ ଭତ୍ତା ପାଇଁ ସେ ଆବଶ୍ୟକ କାଗଜପତ୍ର ଯୋଗାଇଦେଲେ ଆମେ ତାକୁ ବର୍ଦ୍ଧିତ ଭତ୍ତା ଯୋଗାଇଦେବୁ। ଯେହେତୁ ବୃଦ୍ଧା ଜଣକ ତାଙ୍କର ତିନୋଟି ପୁତ୍ରଙ୍କ ମଧ୍ୟରୁ ଯାଜପୁରରେ ରହୁଥିବା ମଝିଆ ପୁତ୍ରଙ୍କ ନିକଟରେ ରହୁଥିବାରୁ ଉପରୋକ୍ତ ସମସ୍ୟା ଉପୁଜିଛି।

## ହରିଶଙ୍କରରେ ଭୈରୋ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଲେ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକରୁ ମାତ୍ର ୧୩ କିଲୋମିଟର ଦୂର ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଅତି ପୁରାତନ କଳା ସଂସ୍କୃତିରେ ଭରା ହରିଶଙ୍କରର ଭୈରୋ ମନ୍ଦିର ପାର୍ଶ୍ୱରେ ଥିବା କାଳଭୈରୋ ମୂର୍ତ୍ତି ଦୁର୍ବୃତ୍ତଙ୍କ ଦ୍ୱାରା ଭଙ୍ଗାଯିବା ଘଟଣା ଅତି ଚର୍ଚ୍ଚାର ବିଷୟ ହୋଇଛି। କାଳାନ୍ତକ ପଭୈରବପକାଳଭୈରୋପମୂର୍ତ୍ତି ପଭଙ୍ଗା ପାଖାପାଖି ୨ୟ ଶତାବ୍ଦୀର ବୌଦ୍ଧ ପରମ୍ପରାକୁ ଜଣାଉଛି। ଏହା ସମୃଦ୍ଧ ପରିମଳଗିରି ବିଶ୍ୱବିଦ୍ୟାଳୟର କୁଳପତି ବିଶିଷ୍ଟ ରସାୟନବିତ ଆଚାର୍ଯ୍ୟ ନାଗାର୍ଜୁନଙ୍କର ଗୁରୁ କାଳାନ୍ତକ ଭୈରବ/କାଳ ଭୈରୋଙ୍କର ମୂର୍ତ୍ତି ଯାହାକି ଦୁଇଟି ଧର୍ମ ବୌଦ୍ଧ ଏବଂ ଶୈବ ଧର୍ମର ଆଧାର ଥିଲା। ସେହି ମୂର୍ତ୍ତିକୁ କୌଣସି ଦୁର୍ବୃତ୍ତ ଭାଙ୍ଗି ଦେଇ ତାହାର ପରିଚୟକୁ ନଷ୍ଟ କରିବା ପାଇଁ ହିନ ଚେଷ୍ଟା କରିଛି। ଯାହାକି ସବୁ କୋସଳବାସୀଙ୍କର ଧରୋହର ସଂସ୍କୃତି ପରମ୍ପରାକୁ ଆଘାତ ପାଇଛି। ଏହାର ସୁରକ୍ଷା ବହୁତ ଜରୁରୀ ଅଟେ। ଏହାର ପ୍ରଶାସନିକ ଅନୁସନ୍ଧାନ ନିହାତି ଦରକାର। ତାହାର ସଙ୍ଗେ ସଙ୍ଗେ ଦେବୋତ୍ତର ବିଭାଗ ତରଫରୁ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରି ସୁରକ୍ଷା ଦୃଷ୍ଟିରୁ କଡାକଡ଼ି କରିବାକୁ ଅନୁରୋଧ। ଏଥିସହିତ ଆମର ଅଞ୍ଚଳର ବୁଦ୍ଧିଜୀବୀ, କଳା ପ୍ରେମୀ, ସଂସ୍କୃତି ପ୍ରେମୀ, ସମାଜସେବୀ, ଭକ୍ତ ସମସ୍ତଙ୍କୁ ଅନୁରୋଧ ଯେ ଏହି ଦୁଃଖର ଘଟଣା ଲାଗି ପ୍ରତିବାଦ କରୁନ।





# ଶୃଙ୍ଖଳା ପଡିଛି କରାଣ୍ଡିଆ ନଦୀ:ଚାଷ କରିନପାରି ଚାଷୀ ହତାଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ୭ଗୋଟି ପଞ୍ଚାୟତର ଲୋକ ଲୁଣାନଦୀର ଶାଖା କରାଣ୍ଡିଆ ନଦୀ ଉପରେ ନିର୍ଭର କରି ନାନା ପ୍ରକାର ଚାଷ କରିଥାନ୍ତି। କିନ୍ତୁ ଦୀର୍ଘ ମାସ ହେଲା ଏହି କରାଣ୍ଡିଆ ନଦୀ ଶୃଙ୍ଖଳା ପଡିଥିବାରୁ ଜନସାଧାରଣ ତଥା ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲା ହରିଅଙ୍କ, ଇନ୍ଦାଲୋ, ଜଳପୋକ, କରିଲୋପାଟଣା, ଜମପଡା, ଆୟତପୁର, ମେହେନ୍ଦିନଗର ପ୍ରଭୃତି ପଞ୍ଚାୟତର ୨୫ଟି ଗ୍ରାମ ବାଲିସାହି, କୁଳସାହି, କୋଳାପଡିଆ, ନାନକାର, ସଠିଲୋ, ପୁରୁଷୋତମପୁର, ଶିଶୁଆ, ଶାଗୁଣାଘାଇ, ଦୂରାସାହି, ଜଟେଶ୍ୱର, ଘୋଡାଦଣ୍ଡା, କରିଲୋପାଟଣା, ସନ୍ତୁପଡା, ଶ୍ରୁତିପୁର, ଆୟତପୁର, ଡିହବଳରାମପୁର, ବାଲି ସିଂ, ତଳଗାଁ, ବସପୁର, ନାନକାର, ଜମପଡା, ଦଳନ୍ତା, ଗୌଡ ଗାଁ, କରାଣ୍ଡିଆପାଟଣା ପ୍ରଭୃତି ଅଞ୍ଚଳର ଜନସାଧାରଣ ନଦୀକୁ ସମ୍ପୂର୍ଣ୍ଣ ଶୃଙ୍ଖଳା ପଡିଥିବାରୁ ଦୈନିକ ହଜାର ହଜାର ଲୋକ ଏହି ନଦୀରେ କାରବାର କରୁଥିବା ସହ ଚାଷ ସମୟରେ ବିଭିନ୍ନ ଚାଷ କରିଥାନ୍ତି। କିନ୍ତୁ ପୋଲ ନିର୍ମାଣ ପାଇଁ ବାଲିକୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଜମା କରିଦେଇଥିବାରୁ ପାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତୁରନ୍ତ ଏହି ବାଲିକୁ ହଟାଇବା ସହିତ ନଦୀରେ ପାଣି ଛାଡିବା ପାଇଁ ଶତାଧିକ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମାଜସେବୀ ସୁଖଦା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ନମିତାବାଳା ରଥଙ୍କ ସମେତ ଅନ୍ନଦା ପ୍ରସାଦ ତ୍ରିପାଠୀ, ରଙ୍ଗାଧର ଦଳାଇ, ରମଣୀ ରଞ୍ଜନ ରାଉତରାୟ, ପ୍ରଶାନ୍ତ କୁମାର ସାମନ୍ତରାୟ, ରଙ୍ଗାଧର ଦଳାଇ, ମୃତ୍ୟୁଞ୍ଜୟ ମିଶ୍ର, ଲଳିତା ମୋହନ ପୃଷ୍ଟି, ନଗେନ୍ଦ୍ର ଜେନା, ସୌଭାଗ୍ୟ ମହାପାତ୍ର, ରମାକାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସୁନା ଗହଣା ଚୋରି ମାମଲା:୨୪ ଘଣ୍ଟାରେ ୪ ଅଭିଯୁକ୍ତ ଗିରଫ




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଭଟଲି ଥାନା ଅନ୍ତର୍ଗତ କୁଶନପୁରୀ ଗ୍ରାମର ଦନାର୍ଦ୍ଦନ ମେହେର (୬୫)ଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ୨୪ ଘଣ୍ଟା ମଧ୍ୟରେ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭଟଲି ଥାନା କୁଶନପୁରୀ ଗ୍ରାମର ଗୋବିନ୍ଦ ତନସନା (୨୭), ସାହିଲ ରାଜ ମହମ୍ମଦ (୨୬), କୁଶନପୁରୀ ତଳିପଡ଼ାର ଗୁରୁଦେବ ତଣ୍ଡେ (୨୩) ଏବଂ କୁଶନପୁରୀ ସହରାପଡ଼ାର ବନମାଳୀ ବିଶ୍ୱାଳ (୧୯)। ସେମାନଙ୍କ ପାଖରୁ ଗୋଟିଏ ସୁନାହାର, ଗୋଟିଏ ସୁନା କାନଫୁଲ ଏବଂ ୨ଟି ଶାଢ଼ି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ଯୋଗୁ ସେମାନଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ-୧୩୯/ ୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ କୁଶନପୁରୀ ଗ୍ରାମର ଦନାର୍ଦ୍ଦନ ମେହେରଙ୍କର ପରିବାର ଲୋକେ ଶୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କ ଘର ଭିତରକୁ ପଶିଥିଲେ। ଘରେ ରହିଥିବା ଆଲମିରା ଭାଙ୍ଗି ସେଥିରେ ରହିଥିବା ସୁନା ଗହଣା, ଶାଢ଼ି, ନଗଦ ଟଙ୍କା ଚୋରି କରି ନେଇଥିଲେ। ଏନେଇ ଦନାର୍ଦ୍ଦନ ଶନିବାର ଭଟଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରିବା ସହିତ ଅନୁସନ୍ଧାନ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତ ଗୋବିନ୍ଦ ତନସନାଙ୍କ ବିରୋଧରେ ପୂର୍ବରୁ ଭଟଲି ଥାନାରେ ୩ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ୨୬୦ କେଜି ଗଞ୍ଜେଇ ସହ ବନ୍ଧୁକ ଓ ଗୁଳି ଜବତ:ଜଣେ ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆନ୍ତରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ସମ୍ବଲପୁର ପୋଲିସକୁ ବଡ଼ ସଫଳତା ମିଳିଛି। ଚାରମାଲ ଥାନା ଅଧୀନ ଖୋଖୋପାଲି ଛକ ନିକଟରେ ପୋଲିସ ଚଢ଼ଉ କରି ଏକ ଟ୍ରକ୍ ଏବଂ ଏକ ଟିପରରୁ ବିପୁଳ ପରିମାଣର ଗଞ୍ଜେଇ ସହ ଅବୈଧ ଅସ୍ତ୍ର ଓ ଜୀବନ୍ତ ଗୁଳି ଜବତ କରିଛି। ଏକ ବିଶ୍ୱସ୍ତ ସୂଚନା ଆଧାରରେ ଚାରମାଲ ଥାନା ଆଇଆଇସି ବେଦପ୍ରକାଶ ନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଜଣେ ସନ୍ଦିଗ୍ଧ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଟିପ୍ପର ଚାଳକ ବୌଦ୍ଧ ଜିଲ୍ଲାର ୨୨ ବର୍ଷିଅ ଜଗନ ମହାକୁଡ଼କୁ ପୋଲିସ ଗିରଫ କରିଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସାଇଣ୍ଟିଫିକ୍ ଦଳଙ୍କ ଉପସ୍ଥିତିରେ ଆଇନ ଅନୁଯାୟୀ ଦୁଇଟି ଯାନର ତଲାସୀ କରାଯାଇଥିଲା। ତଲାସୀ ବେଳେ ଏହି ଗାଡ଼ିଦ୍ୱୟ ଭିତରେ ଗୁପ୍ତ ଭାବେ ତିଆରି ହୋଇଥିବା ସିକ୍ରେଟ ଚ୍ୟାମ୍ବର ଓ ବ୍ୟାଗରୁ ପ୍ରାୟ ୨୬୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଟ୍ରକ୍, ଟିପର, ଗଞ୍ଜେଇ ସହ ଏକ ରିଭଲଭର, ୫ ରାଉଣ୍ଡ ଜୀବନ୍ତ ଗୁଳି ପୋଲିସ ଜବତ କରିଛି। ଏନେଇ ଚାରମାଲ ଥାନାରେ ୯୩/ ୨୬ରେ ଏକ ମାମଲା ରୁଜୁ କରାଯାଇ ଏହି ଘଟଣାରେ ଫେରାର୍ ଅଭିଯୁକ୍ତ ସହ ଆଉ କିଏ କିଏ ସମ୍ପୃକ୍ତ ଏନେଇ ପୋଲିସ ଜୋରଦାର୍ ତଦନ୍ତ ଆରମ୍ଭ କରିଛି ।

# ଅଶାନ୍ତ ବ୍ରହ୍ମପୁର, ଦିବାଲୋକରେ ଯୁବକକୁ ହାଣିଲେ ଦୁର୍ବୃତ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



କଥା କଥା କେ ଗୁଳି ଏପରିକି ସ୍ପଷ୍ଟ ଦିବାଲୋକରେ ହଣାହାଣୀ ସାଧାରଣ କଥା ହୋଇଗଲାଣି ଯଦ୍ୱାରା ସାଧାରଣ ଜନତା ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। କିଛିଦିନ ତଳେ ଯୁବକକୁ ସ୍ଥାନୀୟ ଗିରିରୋଡ଼ରେ ଆକ୍ରମଣର ଭିଡିଓ ଭାଇରାଲ୍ ହେଉଥିବାବେଳେ ରବିବାର ଦିନ ଜଣେ ଯୁବକକୁ କିଛି ଦୁର୍ବୃତ୍ତ ହାଣୁ ଥିବାର ଦୃଶ୍ୟ ଭାଇରାଲ୍ ହେବାରେ ଲାଗିଛି। ଘଟଣା ପ୍ରକାଶ ଯେ ବଡ଼ବାଜାର ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ମଙ୍ଗଳା ବେହେରା ନାମକ ଯୁବକକୁ କିଛି ଦୁର୍ବୃତ୍ତ ଖଣ୍ଡାରେ ହାଣିଥିଲେ ତେବେ ଏ ଘଟଣାରେ ପୋଲିସ ଅଭିଯୁକ୍ତ ଜଗା ସାହୁକୁ ପୋଲିସ ଏନ୍‌କାଉଣ୍ଟର କରିଛି। ପୋଲିସ କହିବା ମୁତାବକ ଅଭିଯୁକ୍ତକୁ ଧରିବା ବେଳେ ପୋଲିସ ଉପରକୁ ବୋମା ଫିଙ୍ଗି ଅଭିଯୁକ୍ତ ଜଗା ପଳେଇବାକୁ ଚେଷ୍ଟା କରିଥିଲା। ପ୍ରତି ଜବାବରେ ପୋଲିସ ଗୁଳିରେ ସେ ଆହତ ହୋଇଛି।

# କାଳ ବୈଶାଖୀରେ ଧନୁ ଯାତ୍ରା ତୋରଣ ଧରାଶାୟୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅପରାହ୍ନରେ ଅଦିନିଆ କାଳବୈଶାଖୀ ଯୋଗୁ ବରଗଡ଼ ସହରରେ ନାହିଁନଥିବା କ୍ଷତି ଘଟିଥିବା ବେଳେ ଥାନା ଛକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିମ୍ନମାନର କାମ ଯୋଗୁ ବିରାଟ ଧନୁଯାତ୍ରା ଗେଟ୍ ଧରାଶାୟୀ ହୋଇଯାଇଛି। ଏଥିରେ ଦୁଇଜଣ ବ୍ୟକ୍ତି ସଙ୍କଟାପନ୍ନ ଥିବାବେଳେ ଅନେକ ଗାଡ଼ି ମଟର ଭାଙ୍ଗିରୁଜି ଯାଇଛି। ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ପୌରପରିଷଦ ଅଧକ୍ଷା କଳ୍ପନା ମାଝୀ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କୁ ଦାୟି କରି ତାଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଏତଲା ଦେବା ସହିତ ପୌରପରିଷଦର ବିନା ଅନୁମତିରେ ନିର୍ମାଣ ହୋଇଥିବା ତୋରଣ ପାଇଁ ଆଉ କିଏ କିଏ ସଂଶ୍ଳିଷ୍ଟ ଅଛନ୍ତି ଅନୁସନ୍ଧାନ କରିବାକୁ ଦାବି କରିଛନ୍ତି।

## ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦରଥାନା ଅନ୍ତର୍ଗତ ଅନ୍ତା ପଞ୍ଚାୟତ ପାଲିଗୁଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ପିଟି ପିଟି ହତ୍ୟା କରିଥିବା ମାମଲାରେ ଜୟପୁର ସଦର ପୋଲିସ ସ୍ୱାମୀ ବିଭୀଷଣ ଭୂମିଆକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ କମଳା ମାଝୀଙ୍କ ମୃତ୍ୟୁକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାକୁ ଭିତ୍ତି କରି ପୋଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଆର୍ସେଲରମିତ୍ତଲ ନିପ୍ପନ୍‌ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ସର୍ବାଧିକ ଶକ୍ତିସମ୍ପନ୍ନ ୱେଲ୍‌ଡେଡ୍ ପାଇପ୍ ଉତ୍ପାଦନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଆମେରିକୀୟ ବ୍ୟୁରୋ ଅଫ୍ ସିପ୍ପିଂ (ଏବିଏସ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ତଥା ସାମୁଦ୍ରିକ ଇଞ୍ଜିନିୟରିଂ ପ୍ରକଳ୍ପରେ ବ୍ୟବହୃତ ସର୍ବାଧିକ ଶକ୍ତିସମ୍ପନ୍ନ ୱେଲ୍ଡିଂ ପାଇପ (ଇକ୍ୟୁ ୭୦ ଗ୍ରେଡ୍) ଉତ୍ପାଦନ କରିବାରେ ବିଶ୍ୱର ପ୍ରଥମ ଇସ୍ପାତ କମ୍ପାନୀ ଭାବେ ଆର୍ସେଲରମିତ୍ତଲ ନିପ୍ପନ୍‌ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନଏସଇଣ୍ଡିଆ) ଏହାର ବିଶ୍ୱସ୍ତରୀୟ ଉତ୍ପାଦନ କ୍ଷମତାର ପ୍ରଦର୍ଶନ କରିଛି। ଏବିଏସ୍ ହେଉଛି ଏକ ଅଗ୍ରଣୀ ସାମୁଦ୍ରିକ ବର୍ଗୀକରଣ ସଂସ୍ଥା, ଯାହା ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ସହିତ ଦୃଢ଼ତାର ପରିମାପର ସ୍ୱତନ୍ତ୍ର ଭାବେ ଅନୁପାଳନର ବୈଧତା ପ୍ରଦାନ କରିଥାଏ। ଅଫଶୋର ଇଞ୍ଜିନିୟରିଂରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବା ସହିତ, ଆର୍ସେଲରମିତ୍ତଲ ନିପ୍ପନ୍‌ଷ୍ଟିଲ୍ ଇଣ୍ଡିଆର ଏହି ପ୍ରୟାସ 'ଆତ୍ମନିର୍ଭର ଭାରତ' ଏବଂ 'ବିକଶିତ ଭାରତ' ପଦକ୍ଷେପକୁ ଦୃଢ଼ ସମର୍ଥନ କରୁଛି। ଏହାଦ୍ୱାରା ଦେଶରେ ସର୍ବାଧିକ ଶକ୍ତିସମ୍ପନ୍ନ ୱେଲ୍ଡିଂ ପାଇପ୍ ଉପଲବ୍ଧ ହୋଇପାରିବ। ଏହି ପାଇପ୍, ତେଲ ଏବଂ ଗ୍ୟାସ୍ ପ୍ଲାଟ୍‌ଫର୍ମ, ଅଫଶୋର ୱିଣ୍ଡ ଷ୍ଟ୍ରକ୍‌ଚର୍ ଏବଂ ଗଭୀର ଜଳ ପାଇପ୍ ଲାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଁ ୟୁରୋପରୁ ଆମଦାନି ହେଉଥିବା ସିମଲେସ୍ ପାଇପ୍ ବଦଳରେ ବ୍ୟବହାର କରାଯାଇପାରିବ। ଏହି ଉଚ୍ଚ କ୍ଷମତା ସମ୍ପନ୍ନ ୱେଲ୍ଡିଂ ପାଇପ୍ ସହିତ, ଭାରତର ଅଫଶୋର ଏବଂ ଇଞ୍ଜିନିୟରିଂ କ୍ଷେତ୍ରର ଗ୍ରାହକମାନଙ୍କୁ ବର୍ଦ୍ଧିତ ଯୋଗାଣ ସୁରକ୍ଷା, କମ୍ ସମୟ ଏବଂ କମ୍ ଖର୍ଚ୍ଚ ସହିତ ଘରୋଇ ଏବଂ ଆନ୍ତର୍ଜାତୀୟ ସ୍ତରରେ ଉନ୍ନତ ପ୍ରତିଦ୍ୱନ୍ଦ୍ୱିତାର ଲାଭ ମିଳିବ। କମ୍ପାନୀର ଏହି ନୂତନ ପଦକ୍ଷେପ ଇସ୍ପାତ ନିର୍ମାଣ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରୁଛି, ଯାହା ଏହାର ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଏବଂ ନିପ୍ପନ୍‌ଷ୍ଟିଲ୍‌ର ଦୃଢ଼ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା, ଗବେଷଣା ଏବଂ ବିକାଶ କ୍ଷମତା ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ପଦକ୍ଷେପ ଦ୍ୱାରା ପ୍ରୋତ୍ସାହିତ। କମ୍ପାନୀର ବ୍ରାଣ୍ଡ ପ୍ରତିଶ୍ରୁତି - 'ସ୍ମାର୍ଟର ଷ୍ଟିଲ୍ସ, ବ୍ରାଇଟର ଫ୍ୟୁଚର୍ସ' ସହିତ ସମନ୍ୱୟ ରକ୍ଷା କରି ଏହି ଉପଲବ୍ଧି ଉଚ୍ଚ ବିଶେଷଜ୍ଞ ଏବଂ ନିୟନ୍ତ୍ରିତ ବିଶ୍ୱ ଅନୁପ୍ରୟୋଗଗୁଡ଼ିକୁ ପୂରଣ କରିବା ସହିତ ଏକ ନମନୀୟ ଘରୋଇ ଇସ୍ପାତ ଉପଯୋଗୀ ବାତାବରଣ ନିର୍ମାଣରେ ଆର୍ସେଲରମିତ୍ତଲ ନିପ୍ପନ୍‌ଷ୍ଟିଲ୍ ଇଣ୍ଡିଆର ଭୂମିକାକୁ ଗୁରୁତ୍ୱାରୋପ କରୁଛି। ଆର୍ସେଲରମିତ୍ତଲ ନିପ୍ପନ୍‌ଷ୍ଟିଲ୍ ଇଣ୍ଡିଆ ଦେଶର ଏକ ଅଗ୍ରଣୀ ତୈଳ ଏବଂ ଗ୍ୟାସ୍ ଉତ୍ପାଦକଙ୍କୁ ଏହା ମଧ୍ୟରେ ପ୍ରଚୁର ପରିମାଣର ଏହି ୱେଲ୍ଡିଂ ପାଇପ୍ ଯୋଗାଇସାରିଛି। ଇକ୍ୟୁ ୭୦ ଗ୍ରେଡେବଲ୍ଡିଂ ପାଇପ୍, ଜ୍ୟାକ୍-ଅପ୍ ରିଗ୍ ଏବଂ ଡିପ୍ ୱାଟର୍ ପାଇପ୍ ଲାଇନ୍‌ରେ ଲେଗ୍ ବ୍ରେସିଂ ଭଳି ଅଫଶୋର ପ୍ରୟୋଗଗୁଡ଼ିକର ଚାହିଦା ମଧ୍ୟ ପୂରଣ କରୁଛି। ଏହାର ଉଚ୍ଚମାନର ଦୃଢ଼ତା ଯୋଗୁ ଢାଞ୍ଚାଗତ ଦୃଢ଼ତା ସହିତ ସାଲିସ୍ ନକରି ପତଳା, ହାଲୁକା ପାଇପ୍ ନିର୍ମାଣ କରାଯାଇପାରିବ। ଅନ୍ୟପକ୍ଷରେ ଏହାର ଉନ୍ନତ ୱେଲ୍ଡିଂ କ୍ଷମତା ଏବଂ କ୍ଷରଣ ପ୍ରତିରୋଧକ କ୍ଷମତା କଠୋର ସାମୁଦ୍ରିକ ପରିବେଶରେ ମଧ୍ୟ ଏହାର ନିର୍ଭରଯୋଗ୍ୟତାକୁ ସୁନିଶ୍ଚିତ କରିବ। ଗୁଜରାଟର ହାଜିରା ଠାରେ ଅବସ୍ଥିତ କମ୍ପାନୀର ପ୍ରମୁଖ ପ୍ଲାଣ୍ଟରେ ସବମର୍ଜଡ୍ ଆର୍କ ୱେଲ୍ଡିଂ (ଏସ୍‌ଏଡବ୍ଲ୍ୟୁ) ବ୍ୟବହାର କରି ଏବିଏସ୍‌ଇକ୍ୟୁ ୭୦ଗ୍ରେଡ୍ ପ୍ଲେଟ୍‌ରୁ ୱେଲ୍ଡିଂ ପାଇପର ସଫଳ ନିର୍ମାଣ କରାଯାଇଛି। ଏହା ଗୁରୁତ୍ୱପୂର୍ଣ୍ଣ ଅଫଶୋର ପ୍ରକଳ୍ପ ପାଇଁ ସୁରକ୍ଷା, ଦୀର୍ଘସ୍ଥାୟୀତ୍ୱ ଏବଂ ବ୍ୟୟ-ସାପେକ୍ଷ ଉତ୍ପାଦନ ପାଇଁ ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରିଛି । ଅତ୍ୟଧିକ-ଉଚ୍ଚ ଶକ୍ତିସମ୍ପନ୍ନ ୱେଲ୍ଡିଂ ପାଇପ୍ ଉତ୍ପାଦନ କରିବା ବୈଷୟିକ ଦୃଷ୍ଟିକୋଣରୁ ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ, କାରଣ ଏଥିପାଇଁ ମୁଖ୍ୟ ଧାତୁ ଏବଂ ୱେଲ୍ଡିଂ ସିମ୍ ଉଭୟରେ ସମାନ ଶକ୍ତି ଏବଂ ଦୃଢ଼ତା ବଜାୟ ରଖିବା ଆବଶ୍ୟକ, ଯାହାଦ୍ୱାରା ଅଫଶୋରର ଚରମ ପରିସ୍ଥିତିରେ ଢାଞ୍ଚାଗତ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ଏହି ନବସୃଜନ ଭାରତର ଉତ୍ପାଦନ କ୍ଷମତାକୁ ମୂଲ୍ୟ ଶୃଙ୍ଖଳାରେ ଆହୁରି ଉଚ୍ଚତାକୁ ନେଇଛି। ଏବିଏସ୍‌ପ୍ରମାଣପତ୍ର ସ୍ୱତନ୍ତ୍ର ଭାବେ ଏହା ପ୍ରମାଣିତ କରୁଛି ଯେ, ୱେଲ୍ଡିଂ ପାଇପ୍‌ଗୁଡ଼ିକ ସାମୁଦ୍ରିକ ପରିବେଶରେ ସୁରକ୍ଷା, ଦୃଢ଼ତା, ଗଠନମୂଳକ ଅଖଣ୍ଡତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ପୂରଣ କରିଛି। ଏହି ପ୍ରମାଣପତ୍ରକୁ ଅଫଶୋର ଏବଂ ସାମୁଦ୍ରିକ ପ୍ରକଳ୍ପରେ ସାମିଲ୍ ହେବା ପାଇଁ ଏକ ପ୍ରମୁଖ ସର୍ତ୍ତ ଭାବରେ ଗ୍ରହଣ କରାଯାଉଛି, ଯାହାଦ୍ୱାରା ଏହି ଉତ୍ପାଦକୁ କଡ଼ା ନିୟମ ଆଧାରିତ ଆନ୍ତର୍ଜାତୀୟ ଅନୁପ୍ରୟୋଗ ପାଇଁ ଚୟନର ପଥ ପରିଷ୍କାର ହୋଇପାରିବ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମହୁମାଛି ଆତଙ୍କ:ରୋଗୀ ସେବା ବ୍ୟାହତ




**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲଗାତାର ମହୁମାଛି ଆକ୍ରମଣ ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରିଛି। ହସ୍ପିଟାଲ୍‌କୁ ଲାଗିଥିବା ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟ ପରିସରରେ ଥିବା ଓଭରହେଡ୍ ପାଣି ଟାଙ୍କିରେ ପ୍ରାୟ ୬ରୁ ୭ଟି ମହୁମାଛି ବସା ରହିଥିବାରୁ ଏହି ସମସ୍ୟା ଗଭୀର ରୂପ ନେଇଛି। ସୂଚନା ଅନୁଯାୟୀ, ରବିବାର ହଠାତ୍ ମହୁମାଛି ଦଳ କିଛି ଚିକିତ୍ସିତ ହେବାକୁ ଆସିଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ ହସ୍ପିଟାଲ୍ ପରିସରରେ କିଛି ସମୟ ପାଇଁ ଅସ୍ଥିର ପରିସ୍ଥିତି ଉଦ୍ଭବ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ହସ୍ପିଟାଲ୍‌ର କବାଟ ଓ ଝରକା ବନ୍ଦ କରାଯାଇଥିବା ବେଳେ, ଉପସ୍ଥିତ ଲୋକମାନେ ଭୟଭୀତ ହୋଇ ଏପଟ ସେପଟ ଦୌଡ଼ିଥିଲେ। ସୋମବାର ପୁଣିଥରେ ମହୁମାଛି ଆକ୍ରମଣ ଘଟିବା ପରେ ଚିନ୍ତା ଆହୁରି ବଢ଼ିଛି। ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନେକ ରୋଗୀ, ବୃଦ୍ଧ, ମହିଳା ଓ ଶିଶୁମାନେ ଚିକିତ୍ସା ପାଇଁ ଆସୁଥିବାରୁ ଏପରି ପରିସ୍ଥିତି ସାଧାରଣ ଲୋକଙ୍କ ଜୀବନ ପ୍ରତି ଗଭୀର ବିପଦ ସୃଷ୍ଟି କରୁଛି। ବିଶେଷକରି ହସ୍ପିଟାଲ୍ ଭଳି ସମ୍ବେଦନଶୀଳ ସ୍ଥାନରେ ଏତେଗୁଡ଼ିଏ ମହୁମାଛି ବସା ରହିବାରୁ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ସ୍ଥାନୀୟ ଲୋକମାନେ ତୁରନ୍ତ ପ୍ରଶାସନ ଓ ଅଗ୍ନିଶମ ବିଭାଗଙ୍କୁ ମହୁମାଛି ବସା ହଟାଇବା ସହ ଆବଶ୍ୟକ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି। ଲୋକଙ୍କ କହିବା ଅନୁଯାୟୀ, ସମୟ ଥିବାବେଳେ ପଦକ୍ଷେପ ନନିଆଗଲେ ଆଗାମୀ ଦିନରେ ଏହା ଏକ ଗୁରୁତର ଦୁର୍ଘଟଣାର ରୂପ ନେଇପାରେ ବୋଲି ଜନସାଧାରଣରେ ଦାବି ହେଉଛି । ପୁଣିଥରେ ମହୁମାଛି ଆକ୍ରମଣ ଘଟିବା ପରେ ଚିନ୍ତା ଆହୁରି ବଢ଼ିଛି। ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନେକ ରୋଗୀ, ବୃଦ୍ଧ, ମହିଳା ଓ ଶିଶୁମାନେ ଚିକିତ୍ସା ପାଇଁ ଆସୁଥିବାରୁ ଏପରି ପରିସ୍ଥିତି ସାଧାରଣଲୋକଙ୍କ ଜୀବନ ପ୍ରତି ଗଭୀର ବିପଦ ସୃଷ୍ଟି କରୁଛି। ବିଶେଷକରି ହସ୍ପିଟାଲ୍ ଭଳି ସମ୍ବେଦନଶୀଳ ସ୍ଥାନରେ ଏତେଗୁଡ଼ିଏ ମହୁମାଛି ବସା ରହିବାରୁ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ସ୍ଥାନୀୟ ଲୋକମାନେ ତୁରନ୍ତ ପ୍ରଶାସନ ଓ ଅଗ୍ନିଶମ ବିଭାଗଙ୍କୁ ମହୁମାଛି ବସା ହଟାଇବା ସହ ଆବଶ୍ୟକ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି। ଲୋକଙ୍କ କହିବା ଅନୁଯାୟୀ, ସମୟ ଥିବାବେଳେ ପଦକ୍ଷେପ ନ ନିଆଗଲେ ଆଗାମୀ ଦିନରେ ଏହା ଏକ ଗୁରୁତର ଦୁର୍ଘଟଣାର ରୂପ ନେଇପାରେ ବୋଲି ଜନସାଧାରଣରେ ଦାବି ହେଉଛି ।

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ପ୍ରଭାବ:ଖଜୁରୀ ବନ୍ଧରେ ମାଛ ମରି ଭାସିଲେ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସହରର ଅନ୍ୟତମ ପୁରାତନ ଜଳାଶୟ ଖଜୁରୀ ବନ୍ଧରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବନ୍ଧ ପାଣିରେ ଶହ ଶହ ମାଛ ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦା ଏବଂ ପରିବେଶ ପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରାଥମିକ ଆକଳନ ଅନୁଯାୟୀ, ୫୦ରୁ ଅଧିକ ମାଛ ମରି ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଜୟପୁର ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ବନ୍ଧର ଜଳସ୍ତର ହ୍ରାସ ପାଇବା ସହ ପାଣି ଅତ୍ୟଧିକ ଗରମ ହୋଇଯାଇଛି। ପାଣିରେ ଅମ୍ଳଜାନର ମାତ୍ରା କମିଯିବା କିମ୍ବା ତାପମାତ୍ରା ବୃଦ୍ଧି ହେତୁ ଏହି ମାଛଗୁଡ଼ିକ ମରିଥିବା ନେଇ ସ୍ଥାନୀୟ ଲୋକେ ପ୍ରାଥମିକ ଅନୁମାନ କରୁଛନ୍ତି। ବନ୍ଧ ଚାରିପାଖରେ ଦୁର୍ଗନ୍ଧ ବ୍ୟାପିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ମୃତ ମାଛଗୁଡ଼ିକ ପାଣିରେ ସଢ଼ିବା ଆରମ୍ଭ କଲେ ଜଳ ପ୍ରଦୂଷିତ ହେବାର ଆଶଙ୍କା ରହିଛି, ଯାହାକି ସହରର ପରିବେଶ ପାଇଁ ବିପଦ ସୃଷ୍ଟି କରିପାରେ। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବନ୍ଧରୁ ତୁରନ୍ତ ମୃତ ମାଛଗୁଡ଼ିକୁ ବାହାର କରି ସଫେଇ କାର୍ଯ୍ୟ କରିବା ସହ ଜଳର ନମୁନା ପରୀକ୍ଷା କରିବାକୁ ଦାବି ହୋଇଛି। ପ୍ରଶାସନ ପକ୍ଷରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆନଗଲେ ସଂକ୍ରମଣ ବ୍ୟାପିବା ସହ ପରିସ୍ଥିତି ସଙ୍ଗୀନ ହେବ ବୋଲି ସତର୍କ କରାଇ ଦିଆଯାଇଛି। ଏବେ ପ୍ରଶ୍ନ ଉଠୁଛି, କେବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଏତେ ସଂଖ୍ୟକ ମାଛ ମଲେ, ନା ଅନ୍ୟ କୌଣସି ପ୍ରଦୂଷଣ ଜନିତ କାରଣରୁ ମଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



# କେନ୍ଦ୍ରାପଡ଼ା ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଉତ୍କଟ:ଲୋକେ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଯାହାଫଳରେ ଲୋକମାନେ ପାନୀୟ ଜଳ ନପାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସୋମବାର କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ବ୍ଲକ, ଡେରାବିଶ ବ୍ଲକ ଓ ଗରଦପୁର ବ୍ଲକର ପ୍ରାୟ ୨୫ଟି ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାନୀୟ ଜଳ ଯୋଗାଇବା ପାଇଁ ଦାବି କରିଛନ୍ତି। ଏହି ୨୫ଟି ଗ୍ରାମ ମଧ୍ୟରୁ କରାଣ୍ଡିଆ ନଦୀ କୂଳରେ ଥିବା ଗ୍ରାମ ଗୁଡିକରେ ଥିବା ଟ୍ୟୁବୱେଲ୍ ଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଦୀର୍ଘ ମାସେ ହେବ କରାଣ୍ଡିଆ ନଦୀରେ ପାଣି ନଥିବାରୁ ଜଳସ୍ତର ତଳକୁ ଖସିଥିବାରୁ ଏହି ଟ୍ୟୁବୱେଲରେ ପାଣି ବାହାରୁନାହିଁ। ଫଳରେ ଇନ୍ଦାଲୋ ପଞ୍ଚାୟତ ଠାରୁ ମେହେନ୍ଦିନଗର ପଞ୍ଚାୟତ ଭିତରେ ଥିବା କୂଳସାହି, ନାନକାର, ହୁରାସାହି, ଘୋଡାଦଣ୍ଡା, ତଳ ଗାଁ, କରିଲୋପାଟଣା, ହନ୍ତପଡା ଗ୍ରାମ ଗୁଡିକର ପାନୀୟ ଜଳ ସମସ୍ୟା ଯୋଗୁ ହଜାର ହଜାର ଗ୍ରାମବାସୀ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମର ପୂର୍ବତନ ସରପଞ୍ଚ ରଙ୍ଗାଧର ଦଳାଇ, ବରିଷ୍ଠ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ସାଧୁ ଦଳାଇ, ଦୀପକ ରାଉତରାୟ, ଦୀପୁ ରାଉତ, କାଳିଆ ବିଶ୍ୱାଳ, ଜିତନ ସାହୁ, ନଗେନ୍ଦ୍ର ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନାଙ୍କୁ ଭେଟି ଦାବି କରିଛନ୍ତି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୨ ଲିରବୁ ବୃଶୁ | ୧୨ମ | ଶ ୧୧ ୧୦ରା |
| ୩ | ୧୩ / ୬ | ୯ |
| ୪କେ ୫ଚ | ୬ | ୭ ୮ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୭।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୩ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୨୦** **ଚନ୍ଦ୍ରୋଦୟ- ଦିଘ ୩।୦୪।୫୬**
**ଏକାଦଶୀ-** ପ୍ରାଘ ୬।୨୫ ପର୍ଯ୍ୟନ୍ତ। ମଳ ହସ୍ତା ନକ୍ଷତ୍ର ପ୍ରାଘ ୫।୫୮ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ସଂଘ ୭।୦୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। ସଂଘ ୭।୦୩ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। ସଂଘ ୭।୦୩ ଗତେ ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ପ୍ରାଘ ୬।୨୫ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୯ ଗତେ ଦିଘ ୮।୨୯ ମଧ୍ୟେ। ଦିଘ ୧।୦୭ ଗତେ ଦିଘ ୧୧।୧୯ ମଧ୍ୟେ। **ପର୍ବୋତ୍ସବ-** ପଦ୍ମିନୀ ଏକାଦଶୀ, ସର୍ବସମ୍ମତ ପୁରୁଷୋତ୍ତମୀ ଏକାଦଶୀ ଉପବାସ।

**ମେଷ:** ଶତ୍ରୁଙ୍କ ପରିମାଣ ବଢ଼ିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଦେହରେ ଅସୁସ୍ଥତା ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ ଅବନତି ଦେଖାଦେବ। ଘରେ ଅସନ୍ତୋଷ ବଢ଼ିପାରେ।

**ବୃଷ:** ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଘରେ ସୁଖ ଲାଭ।

**ମିଥୁନ:** ଶତ୍ରୁ ନାଶ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲଭାବାନ୍ ହେବେ। ଦେବ ଦର୍ଶନ ସହିତ ଦେବ ପୂଜାର ସୁଯୋଗ ଜୁଟିବ।

**କର୍କଟ:** ସତ କଥା କହି ନିଜ ଲୋକଙ୍କ ପାଖରେ ବିରୋଧୀ ହେବେ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସମ୍ମାନ ହାନୀ। ଦେଖାଦେବ। ଦାମ୍ପତ୍ୟ ଜୀବନରେ କଳହ ଦେଖାଦେବ।

**ସିଂହ:** ପାରିବାରିକ ଅଶାନ୍ତି ଦେଖାଦେବ। ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ନିଜର ଲୋକ ଶତ୍ରୁତା ଆଚରଣ କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମାନସିକ ଦ୍ୱନ୍ଦ୍ୱ ଦେଖାଦେବ।

**କନ୍ୟା:** କର୍ମକ୍ଷେତ୍ରରେ ସଫଳାତ ପ୍ରାପ୍ତ ହେବ। ଶତ୍ରୁ ପରାସ୍ତ ହେବେ। ଭ୍ରମଣ କରିପାରନ୍ତି। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ଦିନଟି ବିତିବ। ଘରେ ସୁଖ ଲାଭ। ରୋଜଗାର ଭଲ ହେବ।

**ତୁଳା:** ଚାକିରୀ କ୍ଷେତ୍ରରେ ଅସନ୍ତୋଷ ଦେଖାଦେବ। ଅଯଥାରେ ବ୍ୟୟ ଯୋଗ ରହିଛି। ବନ୍ଧୁଙ୍କ ସହ ମତାନ୍ତର ଓ କଳହ ଦେଖାଦେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା ।

**ବିଛା:** ଶରୀର ସୁସ୍ଥ ରହିବ। ବନ୍ଧୁ ମିଳନ ସହ ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।

**ଧନୁ:** ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସହଯୋଗ ଦେଖାଦେବ। କର୍ମକ୍ଷେତ୍ରରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ।

**ମକର:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦେହ ଭଲ ରହିବ। ଘରେ ସୁଖ ଲାଭ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବାର ସୂଚନା ରହିଛି ।

**କୁମ୍ଭ:** ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଘରେ ଆନନ୍ଦ ଦେଖାଦେବ। ରୋଜଗାର ଭଲ ହେବ। ଶୁଭ ଖବର ପାଇପାରନ୍ତି।

**ମୀନ:** କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଅସହଯୋଗ ଦେଖାଦେବ। ମନ ଅସ୍ଥିର ରହିବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୮।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୪ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୧୦** **ଚନ୍ଦ୍ରୋଦୟ- ଦିଘ ୩।୫୪।୧୩**
**ଦ୍ୱାଦଶୀ-** ପ୍ରାଘ ୭।୫୯ ପର୍ଯ୍ୟନ୍ତ। ଚିତ୍ରା ନକ୍ଷତ୍ର ଦିଘ ୮।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ପ୍ରାଘ ୭।୫୯ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଦିଘ ୬।୦୫ ମଧ୍ୟେ। ଦିଘ ୯।୩୫ ଗତେ ଦିଘ ୧୧।୧୯ ମଧ୍ୟେ। **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ଇଦ୍-ଉଲ୍-ଜୁହା ।

31 YEARS
ସମ୍ବାଦ କଳିକା

# ପ୍ରାକୃତିକ ବିପର୍ଯ୍ୟୟରେ ବଢ଼ୁଛି ମୃତ୍ୟୁ

ନାନା ପ୍ରାକୃତିକ ଦୈବୀପାକ ଯୋଗୁ ଅଚିରେ ଝଡ଼ିଯାଉଛି ଜୀବନ । କିଏ ବଜ୍ରପାତରେ ଟଳିପଡୁଛି । ଆଉ କେଉଁଠି ଅଂଶୁଘାତ ଯୋଗୁ ଜୀବନ ଯାଉଛି । ଭୀଷଣ ଥଣ୍ଡା ଓ ଭୂସ୍ଖଳନ ମଧ୍ୟ ଯମ ସାଜି ମୁଣ୍ଡ ନେଉଛି । ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ତଥ୍ୟ ମୁତାବକ, ୨୦୨୪ରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୧,୪୯୪ଜଣଙ୍କ ଜୀବନ ଯାଇଥିଲା । ଯାହାକି, ସାରା ଭାରତରେ ସର୍ବାଧିକ । ଏନ୍‌ସିଆରବି ରିପୋର୍ଟ ମୁତାବକ, ୨୦୨୩ରେ ଏସବୁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୧,୩୫୧ଜଣ ମୃତ୍ୟୁବରଣ କରିଥିଲେ । ବର୍ଷକ ଭିତରେ ଏହି ସଂଖ୍ୟା ୧୦.୬ ପ୍ରତିଶତ ବଢ଼ି ୧,୪୯୪ରେ ପହଞ୍ଚିଥିଲା । ୨୦୨୪ରେ ମଧ୍ୟପ୍ରଦେଶ ଏହି ଗ୍ରାଫ୍‌ରେ ସର୍ବାଗ୍ରେ ଥିଲା । ବର୍ଷକରେ ୧,୦୮୫ଜଣ ମରିଥିଲେ । ତା' ତଳକୁ ବିହାରରେ ୧,୦୨୮ଜଣ, ଉତ୍ତରପ୍ରଦେଶରେ ୮୦୧ଜଣଙ୍କ ପ୍ରାଣହାନୀ ଘଟିଥିଲା । ସେହିବର୍ଷ ରାଜ୍ୟରେ ଘାତକ ସାଜିଥିଲା ଅଂଶୁଘାତ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିନପାରି ବର୍ଷକରେ ୧୧୧ଜଣ ପୁରୁଷ, ୨୮ଜଣ ମହିଳା ମରିଯାଇଥିଲେ । ସେହିବର୍ଷ ଭୂସ୍ଖଳନରେ ୩ଜଣ ପୁରୁଷ ପ୍ରାଣ ହରାଇଥିଲେ। କାଳବୈଶାଖୀ ଓ ବର୍ଷାଦିନେ ଆକାଶରୁ ମୃତ୍ୟୁ ହୋଇ ଖସିଲା ବଜ୍ରପାତ । ୨୪୮ ଜଣଙ୍କ ଜୀବନ ନେଇଗଲା । ସେହିବର୍ଷ ଶୀତଦିନେ ଭୀଷଣ ଥଣ୍ଡା ମଧ୍ୟ ବିପଦକୁ ଡାକିଥିଲା । କାଲୁଆ ଶୀତ ପାଗରେ ଭୀଷଣ ଥଣ୍ଡା ସହିନପାରି ୨ଜଣ ମରିଥିଲେ । ଓଡ଼ିଶାର ଦୁଃଖ ପାଲଟିଥିବା ବାତ୍ୟା ଯୋଗୁ ସେହିବର୍ଷ କେହି ମରିନଥିଲେ । ମହାମାରୀ ମଧ୍ୟ କାହାରି ଜୀବନ ନେଇନାହିଁ। ବନ୍ୟାରେ କେହି ଭାସିଯାଇ ପ୍ରାଣ ହରାଇ ନାହାନ୍ତି। ବନାଗ୍ନି ଯୋଗୁ ଜଣେ ବି କେହି ମରିନାହାନ୍ତି । ପ୍ରାକୃତିକ ବିପର୍ଯ୍ୟୟର ଅନ୍ୟାନ୍ୟ କାରଣ ପାଇଁ ୨୦୨୪ରେ ଓଡ଼ିଶାରୁ ସମୁଦାୟ ୧୧୦୧ଜଣ ମରିଛନ୍ତି । ସେଥିରୁ ୭୮୨ଜଣ ପୁରୁଷ, ୩୧୯ଜଣ ମହିଳା ଥିଲେ । ଅନ୍ୟାନ୍ୟ ଦୁର୍ଘଟଣାଜନିତ ମୃତ୍ୟୁରେ ମଧ୍ୟ ଓଡ଼ିଶା ଆଗୁଆ ଥିଲା। ମାନବକୃତ ଖାଲ ଅଥବା ସ୍ୱେରେଜରେ ଖସି ପଡ଼ି ୧୯ଜଣଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ରାଜ୍ୟ ତୁଳନାରେ ତୃତୀୟ ସ୍ଥାନରେ ଥିଲା ଓଡ଼ିଶା । ଏହି କାରଣ ଯୋଗୁ ଉତ୍ତରପ୍ରଦେଶରେ ସର୍ବାଧିକ ୨୬ଜଣ ଓ ତାମିଲନାଡୁରେ ୨୦ଜଣ ମରିଛନ୍ତି । ଏହାଛଡ଼ା ପାଣିରେ ବୁଡ଼ିବା ଯୋଗୁ ୧,୯୮୪ ଜଣଙ୍କ ମୃତ୍ୟୁ ଘଟିଥିଲା। ବିଦ୍ୟୁତ ଘାତରେ ୪୫୫ଜଣ ମରିଥିଲେ । ସେଥିରୁ ୯୪ଜଣ ମହିଳା ଥିଲେ । ସୂଚନାଯୋଗ୍ୟ, ୨୦୨୪ରେ ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨୩ ହଜାର ୪୩୭ ଥିଲା । ତା'ପୂର୍ବବର୍ଷ ନାନା ଦୁର୍ଘଟଣାରେ ପଡ଼ି ୨୨ ହଜାର ୩୦୫ଜଣ ମରିଥିଲେ । ବର୍ଷକ ଭିତରେ ୫.୧ ପ୍ରତିଶତ ଅଧିକ ମରିଛନ୍ତି। ସର୍ବାଧିକ ୬,୩୩୩ ଜଣ ମଧ୍ୟବୟସ୍କ ବ୍ୟକ୍ତି ମରିଥିଲେ। ଯେଉଁମାନଙ୍କ ବୟସ ୩୦ରୁ ୪୫ ବର୍ଷ ଭିତରେ । ୪୫ରୁ ୬୦ ବର୍ଷ ଭିତରେ ୫,୭୩୩ଜଣଙ୍କ ମୃତ୍ୟୁ ହୋଇଥିଲା। ୬୦ ବର୍ଷରୁ ଅଧିକ ବୟସ୍କ ୩,୮୭୨ଜଣ ବୃଦ୍ଧଙ୍କ ଜୀବନ ଯାଇଥିଲା। ଦୁର୍ଘଟଣାଜନିତ ମୃତ୍ୟୁରେ ଅନ୍ୟାନ୍ୟ କାରଣ ଯୋଗୁ ସେହିବର୍ଷ ୨୧ ହଜାର ୯୪୩ଜଣ ମରିଥିଲେ। କିନ୍ତୁ ୨୦୨୩ ମସିହାରେ ଏହି ସଂଖ୍ୟା ୨୦,୯୫୪ରେ ସୀମିତ ଥିଲା। ବର୍ଷକ ଭିତରେ ଏହି ଗ୍ରାଫ୍ ୪.୭ ପ୍ରତିଶତ ବଢ଼ିଥିଲ।।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଆତ୍ମାର ବାଣୀ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଜୀବ ହିଁ ଶିବ । ପ୍ରତ୍ୟେକ ଜୀବ ଭିତରେ ଆତ୍ମା ଅଛି । ସେହି ଆତ୍ମାର ବାଣୀକୁ ଯେଉଁ ଜିବ ଶୁଣେ,ଏବଂ ସେଇ ଆତ୍ମାର ବାଣୀ ଦ୍ୱାରା ପରିଚାଳିତା ହୁଏ ସେହି ସାଧୁ,ଅନ୍ୟଥା ବୃଥା । ଏହାହିଁ ସରଳ ମାର୍ଗର ପଥ । ଏହାହିଁ ଅନ୍ତରର୍ନିହିତ ବାଣୀ ସ୍ୱୟଂ ଇଶ୍ୱରଙ୍କର ତଥା,କସ୍ତୁରୀ ମୃଗ ଯେପରି ନିଜ କସ୍ତୁରୀ ବାସନାକୁ ଜାଣି ନପାରି ଏଣେ ତେଣେ ଦୌଡେ କେଉଁଠି ସେ ବାସନା ହେଉଛି ବୋଲି ସେହିପରି ଏ ବଦ୍ଧ ଜୀବ ଈଶ୍ୱର ଈଶ୍ୱର ହୋଇ ଏ ମନ୍ଦିର ସେ ମନ୍ଦିର ଘୁରି ବୁଲନ୍ତି । କିନ୍ତୁ ସେ କେଉଁଠାରୁ କିଛି ନପାଇ ପରିଶେଷରେ ପ୍ରାଣତ୍ୟାଗ କରିଥାଏ । ତେଣୁ ହେ ଭକ୍ତ ହେ ଶିଷ୍ୟ ତୁମକୁ ବାରମ୍ବାର କହୁଛି ଗୁରୁ ହିଁ ସକଳ ଦେବତା । ସେହିଁ ତୁମରି ଭିତରେ ଅଛନ୍ତି। ତେଣୁ ଅନ୍ତର ଆତ୍ମାର ବାଣୀକୁ ଜୀବ ଶୁଣି କର୍ମ କରି ଚାଲିଲେ ସେ ତାର ଗନ୍ତବ୍ୟ ପଥରେ ନିଶ୍ଚୟ ପହଞ୍ଚିପାରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

### ଅତି ଜ୍ଞାନ ହିଁ ଅଜ୍ଞାନର କାରଣ

ଶ୍ରଦ୍ଧେୟ ଭକ୍ତଗଣ କଥାରେ ଅଛି ଶ୍ରଦ୍ଧାବାନ ଲଭେତ୍ ଜ୍ଞାନ,କିନ୍ତୁ ପୁଣି କଥାରେ ଅଛି ଅତି ଲେମ୍ବୁ ଚିପୁଡିଲେ ପିତା ରାବଣ ଅତି ଜ୍ଞାନୀ ପରିଶେଷରେ କଣ ହେଲା । ବଳି ଅତି ଦାନୀ ପରିଶେଷରେ ପାତାଳକୁ ଗଲା ଦୁର୍ଯ୍ୟୋଧନ ଅତି ମାନି-ଯାହାର ନାମ ଥିଲା ମାନ ଗୋବିନ୍ଦ । ପରିଶେଷରେ କଣ ହେଲା ସେହିପରି ଅତିଟା ସବୁବେଳେ ଖରାପ । ସମନ୍ୱୟ ସମତା,ସମଭାବ ଯଦି ନାହିଁ ସେ ଯେତେ ଜ୍ଞାନ ଅହରଣ କରିଥିଲେ ବି ମୁର୍ଖଙ୍କ ପରି ବ୍ୟବହାର ତାର ଅଜ୍ଞାନତାର ପରିଚୟ ଦେଇଥାଏ । ତେଣୁ ହେ ଭକ୍ତ ହେ ଶିଷ୍ୟ ସମାଜରେ ଗ୍ୟାନି କିଏ ? ପ୍ରକୃତ ଜ୍ଞାନୀ ସିଏ ଯିଏ ନିଜକୁ ପ୍ରଭୁଙ୍କ ପାଦ ତଳେ ସମର୍ପଣ କରିଦେଇଥାଏ । ସମର୍ପଣ ଭାବହିଁ ଜ୍ଞାନ ଆଉ ସବୁ ଅଜ୍ଞାନ । କାରଣ ଯିଏ ଭାତ ଖାଇଛି ସିଏ କୁଣ୍ଡାକୁ କାହିଁକି ଖୋଜିବା । ତେଣୁ ଭଗବାନଙ୍କୁ ଉଦ୍ଧବ ପଚାରିଥିଲେ ପ୍ରଭୁ ତୁମେ ତ ଚାଲିଯିବ । ମୁଁ କେମିତି ପୁଣି ପାଇବି । କାରଣ ଉଦ୍ଧବ ଥିଲେ ଶ୍ରେଷ୍ଠ ଜ୍ଞାନୀ । ସେଇଠି ପ୍ରଭୁ କହିଥିଲେ ରେ ଉଦ୍ଧବ ମୁଁ ମଲେ ମୋତେ ତୁ ପାଇବୁ । ହରିଓଁ ।

◆◆

# ଖାରବେଳଙ୍କ ସଂପର୍କରେ ନୂଆ ତଥ୍ୟ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଉଦୟଗିରି ସର୍ପଗୁମ୍ଫା ଦ୍ୱାରଦେଶ ଉପର ଭାଗରେ ଥିବା ପ୍ରାକୃତ ଭାଷାରେ ଦୁଇଧାଡ଼ି ବିଶିଷ୍ଟ ବ୍ରାହ୍ମୀଲିପିର ଅଭିଲେଖ ଦର୍ଶକର ଦୃଷ୍ଟିଗୋଚର ହୁଏ ଯାହାକି ଖାରବେଳଙ୍କ ବିଷୟରେ କେତେକ ନୂଆ ତଥ୍ୟ ଯୋଗାଇ ଥାଏ।

୧. କଂମସ ହଳ
୨. ଖିଣୟ ଚ ପସାଦୋ

ଏହି କଂମସର ପୂର୍ବରୁ ଥିବା ପ୍ରଥମ ଦୁଇଟି ଅକ୍ଷର ଲିଭି ଯାଇଥିଲେ ମଧ୍ୟ 'କ' ଅକ୍ଷର ପୂର୍ବରୁ 'ଲ' ଅକ୍ଷର ସାମଞ୍ଜସ୍ୟ ଥିବା ଅକ୍ଷରଟିଏ ରହିଥିବା ଦେଖାଯାଏ। ଏହି 'ଲ' ପୂର୍ବରୁ 'ଚୁ' ଅକ୍ଷର ଲଗାଇଲେ ତାହା ଚୁଲ୍ କଂମସ ହଳ ଖିଣୟ ଚ ପସାଦୋ ପାଠ କରିହେବ। କାରଣ 'ଚୁଲ୍‌କଂମ' ଶବ୍ଦ ଖୋଦିତ ଶିଳାଲିପିର ଅନ୍ୟତ୍ର ଦେଖାଯାଏ। ହଳଖିଣୟର ଅର୍ଥ ବୁଝା ପଡୁନଥିଲେ ମଧ୍ୟ ପ୍ରାକୃତ ଭାଷାରେ ବର୍ଣ୍ଣିତ ସାତବାହନୀୟ ଅଭିଲେଖମାନଙ୍କରେ 'ସ', 'ଶ' ପରିବର୍ତ୍ତେ 'ହ'ର ଉଚ୍ଚାରଣ ଓ ବ୍ୟବହାର ରହିଛି। ସେହି ଦୃଷ୍ଟିରୁ 'ହ' ସ୍ଥାନରେ 'ସ' ଲଗାଗଲେ ସଲଖିଣୟ ଶବ୍ଦ ଆସିବ। 'ପସାଦୋ' ଶବ୍ଦକୁ କେତେକ ଲିପିତତ୍ତ୍ୱବିତ୍ ପାଠାନ୍ତର କରି ପ୍ରାସାଦ କହିଥାନ୍ତି ଯାହାକୁ କୋଠା ବୁଝାଏ। ଏହିଭଳି ଅର୍ଥ ହେଲେ ପସାଦୋ ନ ଲେଖି 'ପାସାଦୋ' ଲେଖା ଯାଇପାରିଥାନ୍ତା। 'ପସାଦୋ'କୁ ବି ଦାନ ଅର୍ଥରେ ନିଆଯାଇପାରେ। ଏହି 'ପସାଦୋ' ଶବ୍ଦ ମଧ୍ୟ ଖାରବେଳଙ୍କ ଉଦୟଗିରି ଶିଳାଲିପିରେ ଅନ୍ୟତ୍ର ଦେଖାଯାଏ। ଏହାର ଅର୍ଥ କଲେ ଚୁଲକଂମସ୍ୟ ସଲକ୍ଷଣୀୟ ପସାଦୋ ଅର୍ଥାତ୍ ଚୁଲକଂମ ଓ ସଲକ୍ଷଣାଙ୍କ ଦାନ କହିହେବ।

ସେହିଭଳି ସର୍ପଗୁମ୍ଫାରେ ଦ୍ୱିତୀୟ ଅଭିଲେଖଟି ହେଲା "ଚୁଲକଂମସ କୋଠାଜେୟା ଚ"। ଏଥିରେ ଉଲ୍ଲେଖ ଥିବା ହେତୁ କୋଠା ଓ ଜେୟା ଦୁଇଟି ଶବ୍ଦ ଭାବେ ବିବେଚିତ। ଅର୍ଥ କରାଗଲେ ଚୁଲକଂମଙ୍କ କୋଠରି ଓ ପାର୍ଶ୍ୱ ବାରଣ୍ଡା ଅର୍ଥାତ୍ ତାହାଥିଲା ଚୁଲକଂମଙ୍କ ରହିବାର ସ୍ଥାନ।

ହରିଦାସ ଗୁମ୍ଫାର ଅଭିଲେଖ ହେଲା 'ଚୁଲକଂମସ ପସାତୋ କୋଠା ଜେୟ ଚ'। ପାଠାନ୍ତର ହେଲେ ତାହା ଚୁଲକଂମଙ୍କ ପ୍ରଦତ୍ତ କୋଠରି। ସର୍ପ ଗୁମ୍ଫାରେ 'ପସାଦୋ' ଥିବାବେଳେ ହରିଦାସ ଗୁମ୍ଫାରେ ପସାତୋ ହୋଇଛି। ବହୁ ଦକ୍ଷିଣ ଭାରତୀୟ ଅଭିଲେଖରେ 'ଦ' ସ୍ଥାନରେ 'ତ'ର ଉଚ୍ଚାରଣ ଅଛି। ଆନ୍ଧ୍ରର ଗୁଣ୍ଟୁପଲ୍ଲୀ ଠାରୁ ଆବିଷ୍କୃତ ପ୍ରାଚୀନ ବୌଦ୍ଧକୀର୍ତ୍ତି (ଆନୁମାନିକ ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ)ର ଚାରିଗୋଟି ସ୍ତମ୍ଭରେ ପାଞ୍ଚଧାଡ଼ି ବିଶିଷ୍ଟ ଅଭିଲେଖ ନିମ୍ନରେ ଦିଆଗଲା।

୧. ମହାରାଜସ କଳିଙ୍ଗ ମହି-
୨. ସକାଧିପତିସ ମହା ମେ-
୩. ଖବାହନସ ସିରିସଦ-
୪. ସ ଲେଖକ ସ ଚୁଲ ଗୋମସ
୫. ମଂଡ଼ପ ଦାନଂ (ଓ)

ଉପର୍ଯ୍ୟୁକ୍ତ ଶିଳାଲିପିର 'ଘ' ସ୍ଥାନରେ 'ଖ' ଓ 'କ' ସ୍ଥାନରେ 'ଗ' ରହିଛି। ସଂସ୍କୃତରେ ଏହାକୁ ସଜାଡ଼ି ଲେଖିଲେ "ମହାରାଜସ୍ୟ କଳିଙ୍ଗ ମହୀକ୍ଷକାଧିପତେଃ ମହା ମେଘବାହନସ୍ୟ ଶ୍ରୀ ସତସ୍ୟ ଲେଖକସ୍ୟ ଚୁଲକଂମସ୍ୟ ମଣ୍ଡପ ଦାନଂ" ହେବ। ଉଦୟଗିରି ଶିଳାଲେଖରେ ଚୁଲକଂ ମ ହୋଇଥିବା ସ୍ଥଳେ ଗୁଣ୍ଟୁପଲ୍ଲୀ ଶିଳାଲେଖରେ ଚୁଲଗୋମ ହୋଇଛି। ତେଣୁ ଏହି ଚୁଲକଂ ମ ଓ ଚୁଲଗୋମ ଏକ ଅଟନ୍ତି। ପ୍ରାକୃତ ଭାଷା ଓ ଏହାର ଉଚ୍ଚାରଣ ଭିନ୍ନ ଭିନ୍ନ ଭାବରେ ଦେଖାଯିବା ଆଗରୁ କୁହାଯାଇଛି। ହାତୀଗୁମ୍ଫା ଶିଳାଲିପିରେ ଉପାସକ ପରିବର୍ତ୍ତେ ଉବାସର ଲେଖାଯାଇଛି।

ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ବଂଶ ପରିଚୟ ଲେଖା ଅଛି। 'ଐରେଣ ମହାରାଜେନ ମହାମେଘବାହନେନ ଚେତରାଜ ବସ ବଧନେନ ପସଥ ସୁଭ ଲେଖନେନ ଚତୁରଂତ ଲୁଠଣ ଗୁଣ ଉପିତେନ ସରି ଖାରବେଲେନ (ଖସଭର-୧) ଖାରବେଳଙ୍କୁ ପ୍ରଥମେ 'ଐରେଣ' ପଦରେ ଭୂଷିତ କରାଯାଇଛି। ଏହି ଶବ୍ଦକୁ ତାଙ୍କର ବଂଶକୁ ବୁଝାଯାଉଥିବାରୁ କେତେକ ଐତିହାସିକ ମତ ଦେଇଛନ୍ତି। ମାତ୍ର ପ୍ରକୃତରେ ତାହା 'ଆର୍ଯ୍ୟେଣ' ହେବ। କାରଣ ଏହି ଐର ଶବ୍ଦ ଅନ୍ୟ ରାଜବଂଶମାନେ ବି ବ୍ୟବହାର କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଖ୍ରୀ.ଅ. ୧ମ ବା ୨ୟ ଶତାବ୍ଦୀରେ ଆନ୍ଧ୍ରପ୍ରଦେଶର କୃଷ୍ଣା ଓ ଗୁଣ୍ଟୁର ଅଞ୍ଚଳରେ ରାଜତ୍ୱ କରୁଥିବା ହାରିତୀ-ପୁତ୍ରମାନ-ସଦ, ଖ୍ରୀ.ଅ ୨ୟ ଶତାବ୍ଦୀରେ କୃଷ୍ଣା-ଗୋଦାବରୀ ଅଞ୍ଚଳରେ ରାଜତ୍ୱ କରୁଥିବା ଇକ୍ଷାକୁ ବଂଶୀୟ ଶାସକମାନେ ଐର ଶବ୍ଦକୁ ନିଜର ନାମ ପୂର୍ବରୁ ବ୍ୟବହାର କରିଥିବା ସେମାନଙ୍କ ଅଭିଲେଖମାନଙ୍କରୁ ଜଣାଯାଏ। ତେଣୁ ଏହି ଐର ଶବ୍ଦ ବ୍ୟବହାର ଯୋଗୁଁ ଏମାନେ ସବୁ କ'ଣ ଖାରବେଳଙ୍କ ବଂଶଜ? ଐତିହାସିକମାନଙ୍କର ଭ୍ରମ ହେତୁ ଖାରବେଳଙ୍କୁ ଐରବଂଶଜ ବୋଲି ଚିତ୍ରଣ କରାଯାଇଛି। ମହାମେଘବାହନ ଶବ୍ଦଟି ତାଙ୍କ ବଂଶର ବ୍ୟବହୃତ ଉପାଧି ବା ବଂଶ କୁହାଯାଇପାରେ। ଖାରବେଳଙ୍କ ପୂର୍ବଜ ଶାସକ ସିରିସଦ ମଧ୍ୟ ମହାମେଘବାହନ ଶବ୍ଦକୁ ତାଙ୍କ ନାମ ପୂର୍ବରୁ ଲଗାଇଛନ୍ତି। ଉଦୟଗିରି ଶିଳାଲିପିରେ ଖାରବେଳଙ୍କ ଉତ୍ତରାଧିକାରୀ କୁଡ଼େପ ସିରିଙ୍କ ନାମ ପୂର୍ବରୁ ମହାମେଘବାହନ ଲଗାଯାଇଛି। ତାହାହେଲା ଉଦୟଗିରିର ମଞ୍ଚପୁରୀ ଗୁମ୍ଫାରେ ଥିବା ଏକଧାଡ଼ି ବିଶିଷ୍ଟ ଅଭିଲେଖରେ ମହାରାଜ- କଳିଙ୍ଗାଧିପତି-ମହାମେଘବାହନ-କୁଡ଼େପ ସିରି ଲେଖା ଅଛି। ତେଣୁ 'ମହାମେଘବାହନ' ହିଁ ତାଙ୍କ ବଂଶର ନାମ ବା ଉପାଧି ଭୂଷିତ। ପୁଣି ଆଲୋଚନାକୁ ଆସେ 'ଚେତରାଜ ବସ ବଧନେନ' ଯାହାକି ସଂସ୍କୃତରେ 'ଚେତରାଜବଂଶ ଅର୍ଦ୍ଧନେନ' ହେବ। ଭ୍ରମବଶତଃ ଏହି 'ଚେତ' ଶବ୍ଦକୁ ଚେତି=ଚେଦି ଇତ୍ୟାଦି ପାଠାନ୍ତର କରିବା ଫଳରେ ପ୍ରକୃତ କଥା ଉନ୍ମୋଚିତ ହୋଇପାରୁନାହିଁ। ଅବଶ୍ୟ ଚେଦି ରାଷ୍ଟ୍ରର ଅସ୍ତିତ୍ୱ ହରିବଂଶ ପୁରାଣ ଓ ବୌଦ୍ଧ ଜାତକରେ ରହିଛି। ମାତ୍ର ଏହି ଚେତି ବା ଚେଦି ଶବ୍ଦ ଖାରବେଳଙ୍କ ଅଭିଲେଖ ଚେତ ସହ ଆଦୌ ସମ୍ପୃକ୍ତ ନୁହେଁ। ବିନ୍ଧ୍ୟ ପାଦଦେଶ ଓ ନର୍ମଦା ଉପତ୍ୟକାରେ ଚେଦି ରାଷ୍ଟ୍ର ଥିଲା।

ମଞ୍ଚପୁରୀ ଗୁମ୍ଫାରେ ଖାରବେଳଙ୍କ ପାଟରାଣୀ ସମ୍ପର୍କରେ କୁହାଯାଇଛି ଯେ ସେ ଥିଲେ ହାତୀ ସିଂହଙ୍କ ନାତୁଣୀ ତଥା ଲଳାକଙ୍କ ଝିଅ। ଯାହାଙ୍କ ବିଷୟରେ ଇତିହାସରୁ କିଛି ଜାଣି ହେଉନାହିଁ। ଅଭିଲେଖଟି ହେଲା ଅରହଂତ ପସାଦାୟ କଳିଙ୍ଗା (ନ)ମ୍ (ସମ) ନାନଂ ଲେଣଂ କାରିତଂ ରାଜିନୋ ଲଲାକ (ସ) (୨) ହାତୀ (ସି) ହସ ପପୋତସ ଧୁତୁନା କଳିଙ୍ଗ ଚ (କଭତିନୋ ସିରି ଖାର) ଭେଲସ (୩) ଅଗମହିସି (ନ) ଆ (କାରିତଂ)। ବନ୍ଧନୀ ଭିତର ଶବ୍ଦଗୁଡ଼ିକ ସଂଯୋଜନା ହୋଇଛି।

ବର୍ତ୍ତମାନ ଉପର ଆଲୋଚିତ ସେହି ଚୁଲକଂମ କିଏ? ଯେକି ଗୁଣ୍ଟୁପଲ୍ଲୀର ବୌଦ୍ଧକୀର୍ତ୍ତି ଠାରୁ ଉଦୟଗିରିର ଜୈନପୀଠ ପର୍ଯ୍ୟନ୍ତ ଧର୍ମକୀର୍ତ୍ତିମାନ ସ୍ଥାପନ କରିଯାଇଛନ୍ତି। ଆଲୋଚନାରୁ ଜଣାଯାଏ ମହାମେଘବାହନ ବଂଶର ସିରିସଦଙ୍କ ଠାରୁ କୁଡ଼େପ ସିରିଙ୍କ ରାଜତ୍ୱ ପର୍ଯ୍ୟନ୍ତ ସେ ବଞ୍ଚିଛନ୍ତି। ଖାରବେଳଙ୍କ ୨୫ବର୍ଷରେ ରାଜ୍ୟାଭିଷେକ ହୋଇଛି ଓ ୧୩ବର୍ଷ ଶାସନର ବିଭିନ୍ନ କାର୍ଯ୍ୟାବଳୀ ଶିଳାଲେଖରେ ଉତ୍କୀର୍ଣ୍ଣ ହୋଇଛି। ଅର୍ଥାତ୍ ଖାରବେଳ (୨୫+୧୩) ସମୁଦାୟ ୩୮ ବର୍ଷ ବୟସରେ ରାଜଗାଦି ତ୍ୟାଗ କରିଛନ୍ତି। ତାଙ୍କ ପରେ ମହାମେଘବାହନ କୁଡ଼େପ ସିରି କଳିଙ୍ଗାଧିପତି ଭାବେ ବର୍ଣ୍ଣିତ ହୋଇଥିବା ମଞ୍ଚପୁରୀ ଗୁମ୍ଫାର ଅଭିଲେଖରୁ ଜଣାଯାଉଛି। ମହା ମେଘବାହନ ବଂଶର ସିରିସଦ କଳିଙ୍ଗ ମହୀକ୍ଷକାଧିପତି ଭାବେ ବର୍ଣ୍ଣିତ ହୋଇଥିବା ଆଗରୁ ଆଲୋଚନାରେ କୁହାଯାଇଛି। ଏହି ମହୀକ୍ଷକ ରାଜ୍ୟ ଆଧୁନିକ କର୍ଣ୍ଣାଟକ ପ୍ରଦେଶର ଉତ୍ତରାଞ୍ଚଳକୁ କୁହାଯାଉଥିଲା ଅର୍ଥାତ୍ ଟୁଙ୍କୁର ଜିଲ୍ଲା ଓ ତା'ର ଆଖପାଖ ଅଞ୍ଚଳ ହିଁ ଅତୀତରେ ମହୀକ୍ଷକ ରାଜ୍ୟ ଥିଲା ଯେଉଁଥିରୁ କି ମହୀଶୂର ନାମର ଉତ୍ପତ୍ତି ହୋଇଛି। ମହାମେଘବାହନ ବଂଶର ଖାରବେଳ କେବଳ କଳିଙ୍ଗାଧିପତି ଭାବେ ବର୍ଣ୍ଣିତ ହୋଇଛନ୍ତି ଅର୍ଥାତ୍ ସେ (ଖାରବେଳ) କଳିଙ୍ଗ ସିଂହାସନ ଆରୋହଣ କରିଲାବେଳକୁ ଆଉ ମହୀକ୍ଷକ ରାଜ୍ୟର ଅଧିପତି ନଥିଲେ। ଖାରବେଳ ତାଙ୍କର ଶାସନକାଳ ମଧ୍ୟରେ ବିଜିତ ରାଷ୍ଟ୍ରମାନଙ୍କ ମଧ୍ୟରେ ଭୟ ଶିହରଣ ସୃଷ୍ଟି କରି ଧନରତ୍ନ ଆଣିଛନ୍ତି। ବଳାତ୍କାର କରି ନିଆଯାଇଥିବା କଳିଙ୍ଗ ଜୀନାସନକୁ ପୁଣି ଫେରାଇ ଆଣି ଦେଶରେ ସ୍ଥାପନ କରିଛନ୍ତି। ମାତ୍ର ବିଜିତ ସେହିସବୁ ରାଷ୍ଟ୍ରର ସେ ଅଧିପତି ହୋଇଥିବା କୌଣସି ଅଭିଲେଖରେ ଉତ୍କୀର୍ଣ୍ଣ ହୋଇନାହିଁ। ଯେଉଁ ରାଜ୍ୟଗୁଡ଼ିକର ନାମ ତାଙ୍କ ଶିଳାଲେଖରେ ରହିଛି ସେ ତାହାର ଅଧିପତି ଭାବେ ବର୍ଣ୍ଣନା କରିବାର କୌଣସି ପ୍ରତିବନ୍ଧକ ନଥିଲା। ତାଙ୍କ ପୂର୍ବ ଶାସକ ସିରିସଦ କଳିଙ୍ଗ ସହିତ ମହୀକ୍ଷକ ରାଜ୍ୟର ଅଧିପତି ଥିବାର ବର୍ଣ୍ଣନା ତ ରହିଛି। ସମ୍ଭବତଃ ସେତେବେଳର ରାଜନୈତିକ ପରିସ୍ଥିତି ଆଦୌ ଅନୁକୂଳ ନଥିବାରୁ ସମସ୍ତ ରାଜ୍ୟଗୁଡ଼ିକର ଶାସନ ଏକତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା।

ପୁଣି ଆଲୋଚନାକୁ ଆସୁଛି ଯେ, ତୋଷାଳି ସେତେବେଳେ ସ୍ୱତନ୍ତ୍ର ରାଷ୍ଟ୍ର ଥିଲା। ତାଙ୍କର ଏହି ଏକମାତ୍ର ଅଭିଲେଖ ତୋଷାଳି ରାଜ୍ୟର କୁମାରୀ ପର୍ବତରେ ଲେଖା ହେବାର କାରଣ କ'ଣ ଥାଇପାରେ? କୁମାରୀ ପର୍ବତରେ ଅର୍ହତମାନଙ୍କ ନିମନ୍ତେ ଗୁମ୍ଫା ନିର୍ମାଣ କାହିଁକି କରାଯାଇଥିଲା? ଏହି ସବୁରୁ ଅନୁମିତ ହୁଏ ଯେ ଅତୀତରେ କୁମାରୀ ପର୍ବତ ଅଞ୍ଚଳ ଏକ ପ୍ରଖ୍ୟାତ ଜୈନପୀଠ ଭାବେ ବିଦିତ ଥିଲା ଓ ଜୈନ ସନ୍ନ୍ୟାସୀମାନେ ଏଠାରେ ଆସି ରହୁଥିଲେ। ଭାରତବର୍ଷର ଜୈନ ସାଧୁ ବା ଜୈନ ଧର୍ମାବଲମ୍ବୀମାନେ ତୀର୍ଥ ଦେଖିବା ନିମନ୍ତେ ଏଠାକୁ ଆସୁଥିଲେ। ତେଣୁ ଖାରବେଳଙ୍କ ପରେ ତାଙ୍କ ଉତ୍ତରାଧିକାରୀ କଳିଙ୍ଗାଧିପତି କୁଡ଼େପସିରିଙ୍କ ନିର୍ଦ୍ଦେଶରେ ଚୁଲକଂମ ପ୍ରସ୍ତର ଗାତ୍ରରେ ତାଙ୍କ ରାଜତ୍ୱ ସହିତ ଜୈନ ସନ୍ନ୍ୟାସୀଙ୍କ ନିମନ୍ତେ ଏହିସବୁ କୀର୍ତ୍ତି କରିଯାଇଛନ୍ତି। ମହାମେଘବାହନ ବଂଶ ଗୁଣ୍ଟୁପଲ୍ଲୀରେ ଆବିଷ୍କୃତ ବୌଦ୍ଧପୀଠରେ ମଧ୍ୟ ଚୁଲକଂମଙ୍କ ଦ୍ୱାରା ମଣ୍ଡପ ଗଢ଼ାଯାଇଥିବାର ଆଗରୁ ଆଲୋଚନା ହୋଇଯାଇଛି। ଅଭିଲେଖରେ କଳିଙ୍ଗର ସୀମା ଉତ୍କୀର୍ଣ୍ଣ ନଥିବାରୁ ଖାରବେଳଙ୍କୁ ତୋଷାଳିର ଅଧିପତି ଭାବେ ଆଦୌ ଗ୍ରହଣ କରାଯାଇପାରିବ ନାହିଁ। ମାତ୍ର ସେ କଳିଙ୍ଗର ଅଧିପତି ଭାବେ ସ୍ୱଳ୍ପ ସମୟ ପାଇଁ ଥିବାର କହିବାରେ କୌଣସି ଐତିହାସିକ ପ୍ରତିବନ୍ଧକ ନାହିଁ।

# ଭାରତୀୟ ଗଣତନ୍ତ୍ରରେ ହାଇକମାଣ୍ଡ ସଂସ୍କୃତି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଗଣତନ୍ତ୍ର ସାଧାରଣ ଜନତାଙ୍କ ବ୍ୟବସ୍ଥା। ସରକାର କ୍ଷେତ୍ରରେ ଏହା ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ଶାସନ ବ୍ୟବସ୍ଥାରେ ସମସ୍ତେ ସମାନ ଭାଗୀଦାର ହୋଇଥାନ୍ତି। ସରକାର ସାଧାରଣ ଜନତାଙ୍କ ସହମତିରେ ଗଠିତ ହୁଏ। ତେଣୁ ଗଣତନ୍ତ୍ର ସାମୂହିକ ସିଦ୍ଧାନ୍ତ ଓ ସାମୂହିକ ନେତୃତ୍ୱକୁ ବୁଝାଏ। ଏହା ରାଜତନ୍ତ୍ରଠାରୁ ଭିନ୍ନ, ଯେଉଁଠାରେ ରାଜା ସର୍ବମୟ କର୍ତ୍ତା ହୋଇଥାନ୍ତି। ହାଇକମାଣ୍ଡ ଶବ୍ଦ ଗଣତନ୍ତ୍ରର ପରିପନ୍ଥୀ। ଏହା ସାମରିକବାହିନୀର ଶବ୍ଦ। ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀଙ୍କୁ ହାଇକମାଣ୍ଡ କୁହାଯାଏ। ଏହା ଅନୁଶାସନର ଶବ୍ଦ। ସାମରିକବାହିନୀ କ୍ଷେତ୍ରରେ ଏହା ଜରୁରୀ। ଏହା ଏକଛତ୍ରବାଦର ଶବ୍ଦ ମଧ୍ୟ। ଏକଛତ୍ରବାଦୀ ଶାସକ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିଥାଏ। ତେଣୁ ହାଇକମାଣ୍ଡ ହେଉଛି ସର୍ବୋଚ୍ଚ ଅଧିକାରୀ, ସେ ଯାହା କହିବେ ତାହା ଅଧସ୍ତନମାନେ ମାନିବାକୁ ବାଧ୍ୟ। ହାଇକମାଣ୍ଡ ନିର୍ଦ୍ଦେଶ ଜାରି କରନ୍ତି। ତଳେ ଥିବା ଲୋକମାନଙ୍କର ମତାମତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେହିପରି ସୁପ୍ରିମୋ ଶବ୍ଦ ମଧ୍ୟ ଅଗଣତାନ୍ତ୍ରିକ। ଗଣତନ୍ତ୍ରରେ ସୁପ୍ରିମୋ କେହିନାହାନ୍ତି। ଏଥିରେ ସମସ୍ତେ ସମାନ। ନେତା ହେଉଛନ୍ତି ଗଣମାନଙ୍କ ବା ସାଧାରଣ ଜନତାଙ୍କ ଭିତରୁ ଜଣେ।

ଗଣତନ୍ତ୍ରରେ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ସମୀଚୀନ ନୁହେଁ। ଅନେକ ରାଜନୈତିକ ଦଳ ଏହି ଶବ୍ଦର ପ୍ରୟୋଗ କରନ୍ତି। ବିଶେଷକରି ପରିବାରବାଦୀ ରାଜନୈତିକ ଦଳମାନେ ଏହି ଶବ୍ଦର ବ୍ୟବହାର ବହୁଳମାତ୍ରାରେ କରୁଥିବାର ଶୁଣାଯାଏ। ହାଇକମାଣ୍ଡ ବା ସୁପ୍ରିମୋ ଯାହା କହିବେ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ନିର୍ଦ୍ଦେଶ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ଇଚ୍ଛା ଇତ୍ୟାଦି ଅଗଣତାନ୍ତ୍ରିକ ଶବ୍ଦ ପ୍ରୟୋଗ ଶୁଣିବାକୁ ମିଳେ। ଏପରି ଶବ୍ଦରୁ ଜଣାପଡେ ଯେ ସମ୍ପୃକ୍ତ ପାର୍ଟି ଜଣକ ନିର୍ଦ୍ଦେଶରେ ଚାଲେ। ଅନ୍ୟମାନେ କେବଳ ଅବୋଲକରା। ପାର୍ଟିର ସବୁକିଛି ଜଣକ ମର୍ଜି ଓ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ। ଗଣତନ୍ତ୍ରରେ ହାଇକମାଣ୍ଡବାଦ ଅତ୍ୟନ୍ତ ମାରାତ୍ମକ। ଏହା ଏକଛତ୍ରବାଦୀ ଶାସନକୁ ଉତ୍ସାହିତ କରେ। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା କଣ ବୁଝନ୍ତି ନାହିଁ, ସେମାନେ ଏପ୍ରକାର ଶବ୍ଦର ପ୍ରୟୋଗ କରିବାକୁ ଓ ଶୁଣିବାକୁ ଭଲ ପାଆନ୍ତି। ଏହିପ୍ରକାର ଲୋକମାନେ ଏଯାଏଁ ରାଜତନ୍ତ୍ର ମାନସିକତାକୁ ଛାଡି ପାରିନଥିବା ପରି ମନେହୁଏ। ଦଳରେ ନେତାକୁ ଏମାନେ ରାଜା ବୋଲି ଭାବି ନିଅନ୍ତି।

ନିର୍ବାଚନ ଉପନୀତ ହେଲେ ଆଶାୟୀମାନେ ଦଉଡନ୍ତି ହାଇକମାଣ୍ଡଙ୍କ ପାଖକୁ କଳେବଳେ କୌଶଳେ ଟିକେଟ ଆଣିବାକୁ। ଯେ କୌଣସି ଉପାୟରେ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରିପାରିଲେ ଟିକେଟ ମିଳିଯାଏ। ହାଇକମାଣ୍ଡ ସାଧାରଣତଃ ଆନୁଗତ୍ୟକୁ ପ୍ରାଧାନ୍ୟ ଦିଅନ୍ତି। କେତେକ କ୍ଷେତ୍ରରେ ଅର୍ଥ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆନୁଗତ୍ୟ କହିଲେ ଏକ୍ଷେତ୍ରରେ ହାଇକମାଣ୍ଡ ପ୍ରତି ଆନୁଗତ୍ୟ ଅଥବା ତାଙ୍କ ପରିବାର ପ୍ରତି ଆନୁଗତ୍ୟକୁ ବୁଝାଏ। ଯେଉଁମାନେ ତାଙ୍କ ହଁରେ ହଁ ଭରନ୍ତି ଓ ନାରେ ନା କରନ୍ତି। ଏମାନଙ୍କ ନା ରାଷ୍ଟ୍ରପ୍ରତି ଆନୁଗତ୍ୟ ଥାଏ ନା ସମାଜ ପ୍ରତି। ହାଇକମାଣ୍ଡଙ୍କ ଗୁଣଗାନରେ ଏମାନଙ୍କ ଦିନରାତି କଟେ। ଯେଉଁଦିନ ଏମାନଙ୍କ ଆନୁଗତ୍ୟ ସମାପ୍ତ ହୁଏ ସେଦିନ ସେହି ଦଳରୁ ତାଙ୍କ ସଦସ୍ୟତା ମଧ୍ୟ ସମାପ୍ତ ହୁଏ। ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା। ପ୍ରଜା କଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ। ସେହିପରି ହାଇକମାଣ୍ଡ ବି ଜଣେ ରାଜା। ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର। ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବତ୍ତର ରହିଛି।

ପୂର୍ବେ ଜୱାହରଲାଲ ନେହରୁ ଥିଲେ କଂଗ୍ରେସର ହାଇକମାଣ୍ଡ, ତାଙ୍କ ପରେ ତାଙ୍କ ଝିଅ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ତାଙ୍କ ପରେ ତାଙ୍କ ପୁଅ ରାଜୀବ ଗାନ୍ଧୀ ଓ ଏବେ ତାଙ୍କ ପୁଅ ରାହୁଲ ଗାନ୍ଧୀ ହେଉଛନ୍ତି ପାର୍ଟିର ହାଇକମାଣ୍ଡ। ଏନସିପିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଶରଦ ପାୱାର, ବିଏସପି ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟାବତୀ, ଏବେ ସମାଜବାଦୀ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଅଖିଳେଶ ଯାଦବ, ଓଡ଼ିଶାରେ ବିଜେଡିର ହାଇକମାଣ୍ଡ ହେଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ହାଇକମାଣ୍ଡ ହେଉଛନ୍ତି ମମତା ବାନାର୍ଜୀ, ବିହାରରେ ଜେଡିଇଉର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ନୀତିଶ କୁମାର, ଏବେ ଆରଜେଡିର ସୁପ୍ରିମୋ ହେଉଛନ୍ତି ତେଜସ୍ୱୀ ଯାଦବ, ଜାମୁ-କାଶ୍ମୀରରେ ଏନସିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଉମର୍ ଅବଦୁଲ୍ଲା, ତାମିଲନାଡୁରେ ଡିଏମକେର ହାଇକମାଣ୍ଡ ହେଉଛନ୍ତି ଷ୍ଟାଲିନ୍, ସେଠାରେ ଏବେ କ୍ଷମତାକୁ ଆସିଥିବା ଟିଭିକେର ହାଇକମାଣ୍ଡ ହେଉଛନ୍ତି ବିଜୟ ଥାଲାପତି, ଆନ୍ଧ୍ରପ୍ରଦେଶରେ ତେଲଗୁ ଦେଶମ୍ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଚନ୍ଦ୍ରବାବୁ ନାଇଡୁ, ୱାଇଏସଆର କଂଗ୍ରେସର ଶ୍ରୀ ଜଗନ ମୋହନ, ତେଲେଙ୍ଗାନାରେ ବିଆରଏସର ସୁପ୍ରିମୋ ହେଉଛନ୍ତି ଶ୍ରୀ ଚନ୍ଦ୍ରଶେଖର ରାଓ, ଝାଡଖଣ୍ଡରେ ଜେଏମଏମର ସୁପ୍ରିମୋ ହେଉଛନ୍ତି ଶ୍ରୀ ହେମନ୍ତ ସୋରେନ। ଏହିପରି ପ୍ରତ୍ୟେକ ଦଳରେ ଜଣେ ଜଣେ ସୁପ୍ରିମୋ ବା ହାଇକମାଣ୍ଡ ଅଛନ୍ତି।

ଯେଉଁମାନେ ଦାବି କରନ୍ତି ଯେ ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଦଳରେ ମଧ୍ୟ ହାଇକମାଣ୍ଡ ସଂସ୍କୃତି ରହିଛି। ପାର୍ଟିକୁ ଜଣେ ଦୁଇଜଣ ବ୍ୟକ୍ତି ନିଜ ହାତମୁଠାରେ ରଖିବା ଓ ନିଜ ସିଦ୍ଧାନ୍ତ ସମସ୍ତଙ୍କ ଉପରେ ଲଦିଦେବା ଏକ ପ୍ରକାରର ରାଜନୈତିକ ସ୍ୱେଚ୍ଛାଚାରିତା। ଏବେ ଏହା ବହୁଳଭାବେ ଦେଖିବାକୁ ମିଳୁଛି। ଏମାନେ ମଧ୍ୟ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିବାକୁ ଚାହାଁନ୍ତି। ଏମାନେ କୌଣସି ପ୍ରକାର ଭିନ୍ନମତ, ଆଲୋଚନା, ବିତର୍କ, ପରାମର୍ଶ ଇତ୍ୟାଦିକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ରାତିରେ ସ୍ୱପ୍ନ ଦେଖି ସକାଳେ ତାହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରନ୍ତି ଓ ଲୋକମାନଙ୍କୁ ଲମ୍ବା ଧାଡିରେ ଛିଡା କରାଇ ଦିଅନ୍ତି। ଏମାନେ ପାରିବାରିକ ପାର୍ଟିର ହାଇକମାଣ୍ଡ ମାନଙ୍କଠାରୁ ଆହୁରି ମାରାତ୍ମକ ଓ ଆହୁରି ଗଣତନ୍ତ୍ର ବିରୋଧି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରି ଏମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଚାହାଁନ୍ତି। ନିଜ ଦଳର ଭିନ୍ନମତକୁ ଏମାନେ ଚାପିଦିଅନ୍ତି। କେହିବି ଏମାନଙ୍କ ନୀତି ବିରୁଦ୍ଧରେ ସ୍ୱରଉତ୍ତୋଳନ କାରିବାକୁ ସାହସ କରନ୍ତି ନାହିଁ। ନିଜ ଅନୁଗତମାନଙ୍କୁ ପଦପଦବୀରେ ରଖି ହାଁଜୀର ଫୌଜ ଠିଆ କରନ୍ତି।

କେବଳ ଭୋଟଦେଇ ସରକାର ଗଢିବା ଗଣତନ୍ତ୍ର ନୁହେଁ। ଏହା ସାମଗ୍ରିକ ଚେତନାକୁ ବୁଝାଏ। ଏହା ସମାନତାର ଭାବନା ଓ ଅନ୍ୟର ମତକୁ ସମ୍ମାନ ଦେବାକୁ ବୁଝାଏ। ବିତର୍କ ମାଧ୍ୟମରେ ସହମତିର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ବୁଝାଏ। ନିଜକୁ ସୁପ୍ରିମ୍ ବା ଉଚ୍ଚତର ଭାବୁଥିବା କୌଣସି ବ୍ୟକ୍ତି ଗଣତନ୍ତ୍ରବାଦୀ ହୋଇପାରିବ ନାହିଁ। ଗଣତନ୍ତ୍ର ଏକ ବିକଶିତ ଚେତନା। ଏହା ମାନବବାଦ ସହିତ ଜଡିତ। ଏହି ଚେତନାର ବିକାଶ ପାଇଁ ସାଧନା ଲୋଡ଼ା। ସାଧନା ବଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୁଏ। ଏହା ଏକ ଗଭୀର ଅନୁଭୂତି। ଜଣେ ଗଣତନ୍ତ୍ର ପ୍ରେମୀର ଚିନ୍ତନ, କଥନ ଓ କର୍ମ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ହେବା ଜରୁରୀ। ଗୋଟିଏ ଦଳ ମଧ୍ୟରେ ଥିବା ସମସ୍ତ କର୍ମୀ ସମାନ ମର୍ଯ୍ୟଦା ପାଇବା ଉଚିତ୍। ଦଳ ସାମୁହିକ ବିଚାରବିମର୍ଷ ଉପରେ ଆଗକୁ ବଢିବା ଉଚିତ୍। ସର୍ବୋଚ୍ଚ ନେତା ସେହି ବ୍ୟକ୍ତିତ୍ୱର ଅଧିକାରୀ ହେବା ଉଚିତ୍ ଯାହାଙ୍କ ନିକଟରେ ସମସ୍ତଙ୍କୁ ଶୁଣିବା ଓ ସେହି ଅନୁସାରେ ସିଦ୍ଧାନ୍ତ ନେବାର ଗୁଣ ଥିବ। ଯାହାଙ୍କ ନିକଟରେ ଗଣପ୍ରତି ସମ୍ମାନବୋଧ ଥିବ।

ଯେଉଁଠାରେ ନେତାଙ୍କ ପାଇଁ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ହୁଏ ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନିଶ୍ଚିତଭାବେ ବ୍ୟାହତ ହୁଏ। ବିକଶିତ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏପରି ଶବ୍ଦର ପ୍ରୟୋଗ ହୁଏ ନାହିଁ। ସେଠାକାର ସର୍ବୋଚ୍ଚ ନେତା ଜଣେ ସାଧାରଣ ନାଗରିକ। କାର୍ଯ୍ୟକାଳର ସମାପ୍ତ ପରେ ଦେଖାଯାଏ ସେମାନେ କେଉଁଠାରେ ସେଲସମ୍ୟାନ୍ ବା କେଉଁ ଅଫିସରେ ସାଧାରଣ କର୍ମଚାରୀଭାବେ କାର୍ଯ୍ୟରତ। ଭାରତବର୍ଷର ରାଜନୀତିରୁ ପରିବାରବାଦ ସମାପ୍ତ ହେବା ସହିତ ହାଇକମାଣ୍ଡ ସଂସ୍କୃତିର ମଧ୍ୟ ସମାପ୍ତ ହେବା ଆବଶ୍ୟକ। ଆମେ ନିଜକୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରୀକଭାବେ ଗର୍ବକରିବା ସହିତ ଆମେ ଉନ୍ନତ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ ରାଷ୍ଟ୍ରର ନାଗରୀକଭାବେ ଗର୍ବ କରିବାର ଅବକାଶ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ।

# ସଫଳତାର ରହସ୍ୟ



ଦାଶରଥି ଶତପଥୀ
ଭା.ପ୍ର.ସେ. (ଅବସରପ୍ରାପ୍ତ)
ପ୍ରାକ୍ତନ ଆୟୁକ୍ତ ଓ ସଚିବ
ଓଡ଼ିଶା ବିଧାନସଭା
ନଂ-୯୩୩୭୪୪୯୩୭୩

ଦୁଇଜଣ ବନ୍ଧୁ ଏକାଠି ବସି ବିଭିନ୍ନ ବିଷୟରେ ଆଲୋଚନା କରୁଥିବା ସମୟରେ ଜଣେ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ପଚାରିଲା ସଫଳତାର ରହସ୍ୟ କଣ ? ସଙ୍ଗେ ସଙ୍ଗେ ବନ୍ଧୁ ଜଣଙ୍କ ଉତ୍ତର ଦେଲେ ଆମେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ । ସେ ଟିକେ ବୁଝିପାରିଲେ ନାହିଁ ଏବଂ ବନ୍ଧୁଜଣଙ୍କ ବୁଝାଇବା ପାଇଁ ଚେଷ୍ଟାକଲେ, ଜୀବନରେ ସଫଳ ସେହି ବ୍ୟକ୍ତି, ଯିଏକି ଜୀବନରେ ବାରମ୍ବାର ଅସଫଳତାକୁ ସାମ୍ନା କରିବା, ସ୍ଥିର ଚିତ୍ତରେ ସମୟ ଚକ୍ରର ଆହ୍ୱାନରେ ତାହା ଠିକ ହେଇଯିବ ବୋଲି ଭାବିନେଇଛି। ଯାହା ହେବାର ଥିବ ହେବ ଏବଂ ଯାହା ଘଟିବାର ଥିବ ତାହା ଘଟିବ, କିନ୍ତୁ ସମସ୍ତ ଜିନିଷକୁ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡ଼ିଦେଲେ ହେବନାହିଁ । ସେଥିପାଇଁ ସମୟର ସଦୁପଯୋଗ କରିବ । କଠିନ ପରିଶ୍ରମ କରିବାକୁ ପଡ଼ିବ। ପରିଶ୍ରମର ଫଳ ସଫଳତା । ସେଥିପାଇଁ ଧୈର୍ଯ୍ୟବାନ ଓ ଧୈର୍ଯ୍ୟଶୀଳ ହେବାକୁ ପଡ଼ିବ ଏବଂ ଯାହା ଅନ୍ୟମାନେ କରିପାରି ନାହାନ୍ତି ତାହାକୁ ନିଜେ କରିବା ପାଇଁ ପ୍ରଚେଷ୍ଟା ଜାରୀ ରଖିବା ହେଉଛି ସଫଳତା । ସଫଳତାର ପ୍ରଥମ ପାହଚ ହେଉଛି, ସମୟର ସଦୁପଯୋଗ । ସ୍ୱପ୍ନ ଦେଖିବା ଖାଲି ସ୍ୱପ୍ନମନସ୍କ ହେବା ବଡ଼କଥା ନୁହେଁ, ସେହି ସ୍ୱପ୍ନକୁ ସାକାର କରିବାପାଇଁ, ସ୍ୱପ୍ନ ଦେଖିବା ସମୟରୁ ପ୍ରୟାସ ଜାରି ରଖିବା । ଯଦି ମନଭିତରେ ଆସେ କିଏ କଣ ଭାବିବ, ସେଥିରୁ ସବୁବେଳେ କ୍ଷାନ୍ତ ରହିବା ଉଚିତ, ଲୋକମାନଙ୍କର ମତାମତ ଉପରେ ଆମେ ଚଳିପାରିବାନାହିଁ କିମ୍ବା ସ୍ୱପ୍ନକୁ ସାକାର କରିପାରିବା ନାହିଁ। ଏହାର ଅର୍ଥ ନୁହେଁଯେ, ଗୁରୁଜନମାନଙ୍କର କଥାକୁ ଆମେ ଯଥୋଚିତ ସମ୍ମାନ ଦେବାନାହିଁ । ସେମାନଙ୍କର ଆଦେଶ,ଆଶୀର୍ବାଦ ଓ ସୁଚିନ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ କିନ୍ତୁ ସମାଜରେ ଏଭଳି କିଛି ଲୋକ ଥାନ୍ତି ଯେଉଁମାନେ ତୁମକୁ ଉପରକୁ ଉଠିବାକୁ ଦେବେ ନାହିଁ, ଗୋଡ଼ ଟାଣିବେ ଏବଂ ସେମାନେ ପରନିନ୍ଦା ଓ ପରଚର୍ଚ୍ଚାରେ ସମୟ ଅତିବାହିତ କରି ପରମ ଆତ୍ମତୃପ୍ତି ଲାଭ କରନ୍ତି । ତେଣୁ ସ୍ୱପ୍ନକୁ ସାକାର କରିବା ପାଇଁ ଦରକାର ସାହସ, ଧୈର୍ଯ୍ୟ ଏବଂ କଠିନରୁ କଠିନତମ ପରିଶ୍ରମ। ସହଜରେ କୌଣସି ଜିନିଷ ହାତ ପାହାନ୍ତାରେ ମିଳିଯାଏ ନାହିଁ ଏବଂ ଯାହାବି ମିଳେ ତାହା କ୍ଷଣସ୍ଥାୟୀ । ଝାଳବୁହା ଧନ ପରିଶ୍ରମକରି ପାଇଥିବା ଫଳର ଅନୁଭବ । ଅନୁଭୂତି ନିଆରା। ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହେବା ଭୀରୁତାର ପରିଚୟ । କିଛି କରିବାର ଅଛି ସମାଜପାଇଁ, ଏକ ନୂତନ ଦିଶାର ଆବଶ୍ୟକ ଅଛି, ସେହି ଦୃଢ ସଙ୍କଳ୍ପରେ ଆମେ ଆଗେଇଯିବା ଉଚିତ । ସଫଳତାର ଅର୍ଥ ନୁହେଁ ଯେ, କେବଳ ଧନ ରୋଜଗାର କରିବା, ନିଜର ଆତ୍ମପ୍ରଚାର ଓ ଆତ୍ମବଡ଼ିମା ଦେଖାଇବା। ସଫଳତାର ଅର୍ଥ ହେଉଛି ନମ୍ର, ବିନୟୀ ଓ ନତମସ୍ତକ ହେବା। ଯେଉଁମାନେ ଜ୍ଞାନୀ, ଗୁଣୀ, ସେମାନଙ୍କର ନମ୍ରତା ଓ ବିନମ୍ରତା ସାମନାରେ ଆମର ମୁଣ୍ଡ ତଳକୁ ହୋଇଯାଏ । ସବୁ ସମୟରେ ଧର୍ମ ମାର୍ଗର ସତପଥରେ ଯିବା ଓ ଅନ୍ୟାୟକୁ ପ୍ରତିରୋଧ କରିବା ହେଉଛି ସଫଳତା । ହୃଦୟକୁ ସବୁ ସମୟରେ ସ୍ୱଚ୍ଛ ଓ ନିର୍ମଳ ରଖିବା ଓ ପରନିନ୍ଦା, ପରଚର୍ଚ୍ଚାରେ ସମୟ ଅତିବାହିତ ନକରି ସମୟର ସଦୁପଯୋଗ କରିବା । ସମୟ ବଡ଼ ବଳବାନ। ଥରେ ସମୟ ଅତିବହିତ ହୋଇଗଲେ ତାହା ଆଉ ହାତକୁ ଆସେନାହିଁ । ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଆତ୍ମ ସମୀକ୍ଷା କରିବା ଏବଂ ଯାହା କରଣୀୟ ତାକୁ କରିବା ପାଇଁ ପ୍ରାଣପ୍ରଣେ ଚେଷ୍ଟା କରିବା ଉଚିତ। ଯେପରି ସ୍ୱପ୍ନ ଦେଖିଲେ ଆମକୁ ସାଙ୍ଗେ ସାଙ୍ଗେ ଫଳ ଫଳ ମିଳିପାରିବ ନାହିଁ ଏବଂ ଏହାକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ, ସମୟ, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟର ପ୍ରଚେଷ୍ଟା କରିବା ଦରକାର । ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ଓ ଲୋକଙ୍କୁ ଚିହ୍ନିବା, ଜାଣିବା ଏହାହିଁ ସଫଳତା । ନିଜର ଆତ୍ମବିଶ୍ୱାସ ବଳରେ ଆମେ ସମୃଦ୍ଧିର ଶିଖରରେ ପହଞ୍ଚିପାରିବା । ଏହା ନିଃସନ୍ଦେହରେ କୁହାଯାଇପାରେ, ଆରମ୍ଭରୁ ଆମେ ସମସ୍ତେ ଶପଥ ନେବା ଉଚ୍ଚିତ ଏକ ସାମୁହିକ ଭାରତବର୍ଷ ଗଠନ ପାଇଁ । ଆମେ ପ୍ରତ୍ୟେକେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସହେବା । ଆମମାନଙ୍କ ପ୍ରୟାସ ଓ ପ୍ରେରଣା ଜାତୀୟ ଜନଜୀବନକୁ ନିଶ୍ଚିତଭାବେ ରୁଦ୍ଧିମନ୍ତ କରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଶରୀରରୁ ଝାଳ ବୋହିବା ଦ୍ୱାରା ହାଡକୁ ପର୍ଯ୍ୟାପ୍ତ ପରିମାଣର କ୍ୟାଲସିୟମ ମିଳିଥାଏ



ଖରାଦିନେ ପ୍ରାୟତଃ ସମସ୍ତଙ୍କ ଦେହରୁ ଝାଳ ବାହାରେ । ଖାଲି ଯେ, ଖରାଦିନେ ଝାଳ ବୁହେ ତାହା ନୁହେଁ, ବର୍ଷା ଓ ଶୀତଦିନେ ଶାରୀରିକ ପରିଶ୍ରମ ଦ୍ୱାରା ଆମ ଶରୀରରୁ ଅଧିକ ମାତ୍ରାରେ ଝାଳ ବୋହିଥାଏ । ହେଲେ ଆପଣମାନେ କ'ଣ ଜାଣିଛନ୍ତି କି ? ଶରୀରରୁ ଝାଳ ବୋହିବା ଭଲ କିମ୍ବା ଖରାପ । ତେବେ ଆସନ୍ତୁ ଜାଣିବା ଶରୀରରୁ ଝାଳ ବୋହିବାର ଉପକାରିତା ଓ ଅପକାରିତା ଉପରେ।

ଝାଳ ବୋହିବାର ଉପକାରିତା: ଦିଲ୍ଲୀର ଚର୍ମରୋଗ ବିଶେଷଜ୍ଞ ଡ. ମହାଜନଙ୍କ କହିବା ଅନୁସାରେ, ଶରୀରରୁ ଝାଳ ବୋହିବା ଅନେକାଂଶରେ ଶରୀର ପାଇଁ ଭଲ । ଝାଳ ଶରୀରରୁ ବ୍ୟାକ୍ଟେରିଆ ହ୍ରାସ କରିବା ସହ ତ୍ୱଚାରେ ଚମକ ଆଣିଥାଏ ।

୨୦୧୬ ମସିହାରେ 'ଜର୍ନାଲ ଅଫ ଇନଭେଷ୍ଟିଗେଟିଭ ଡର୍ମାଟୋଲୋଜି'ରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ, ଝାଳ ସ୍କିନର ପିଏଚକୁ ହ୍ରାସ କରିବା ସହ ବ୍ୟାକ୍ଟେରିଆ ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରିଥାଏ ।

ଝାଳ ଚର୍ମରନ୍ଧ୍ରରୁ ଅତିରିକ୍ତ ତେଲ, ମଇଳା ଓ ଅପରିଷ୍କାର ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ । ଏହାସହ ମୃତ ଚର୍ମକୋଷକୁ ବାହାର କରିବାରେ ସହଯୋଗ କରେ । ବଶେଷଜ୍ଞମାନଙ୍କ କହିବା ଅନୁସାରେ, ଚର୍ମ ସମସ୍ୟା ଯେପରିକି ବ୍ରଣ ଓ ଦାଗ ସମସ୍ୟାକୁ ଦୂର କରିଥାଏ । ଯାହାଦ୍ୱାରେ ତ୍ୱଚା ସୁନ୍ଦର ଦେଖାଯାଏ । ଶରୀରରେ ଅତ୍ୟଧିକ ଲବଣ ଝାଳ ମାଧ୍ୟମରେ ବାହାରକୁ ବାହାରିଥାଏ । ଏହାସହ ହାଡକୁ ପର୍ଯ୍ୟାପ୍ତ ପରିମାଣର କ୍ୟାଲସିୟମ ମିଳିଥାଏ । ଏହା କିଡନୀ ଷ୍ଟୋନ ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଏହା ବ୍ୟତୀତ ଝାଳ ବୋହିବା ଚର୍ମରେ ରକ୍ତ ସଞ୍ଚାଳନକୁ ସୁଦୃଢ କରେ । ଏହାସହ ସ୍କିନକୁ ସୁସ୍ଥ ଓ ଉଜ୍ଜ୍ୱଳ ରଖିବାରେ ସାହାଯ୍ୟ କରେ। ଝାଳ ଶରୀର ପାଇଁ ଭଲ । ଏହା ଶରୀରର ତାପମାତ୍ରାକୁ ଥଣ୍ଡା ରଖିଥାଏ । ଏହା ଚର୍ମକୁ ହାଇଡ୍ରାଟ ସହ ମଶ୍ଚରାଇଜର ରଖେ । ତେବେ ଝାଳ ବାହାରିବା ଭଲ ହୋଇଥିଲେ ମଧ୍ୟ ଅତ୍ୟଧିକ ଝାଳ ବୋହିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ ବୋଲି ଚର୍ମରୋଗ ବିଶେଷଜ୍ଞ ଡ. ମହାଜନ କହିଛନ୍ତି ।

ଝାଳ ବୋହିବାର ପାର୍ଶ୍ୱ ପ୍ରତିକ୍ରିୟା: ଶରୀରରୁ ଅତ୍ୟଧିକ ଝାଳ ବୋହିବା ଦ୍ୱାରା ଏହା ସ୍କିନକୁ ଖରାପ କରିଦିଏ। ଚର୍ମରନ୍ଧ୍ରରେ ଧୂଳି ଓ ମଇଳା ପସିବା ଦ୍ୱାରା ବ୍ରଣ ଓ ଦାଗ ଭଳି ସମସ୍ୟା ହୋଇପାରେ । ଝାଳରେ ଥିବା ମିନେରାଲ ଲବଣ ଓ ଲାଟିକ ଏସିଡ ଥିବାରୁ ଏହା ପ୍ରାକୃତିକ ମଶ୍ଚରାଇଜର ଫ୍ୟାକ୍ଟ ଯେପରିକି କେରାମିଡ୍ସ, ଫ୍ୟାଟି ଏସିଡି, ହ୍ୟାଲୁରୋନିକ ଏସିଡିକୁ ହ୍ରାସ କରିଥାଏ । ଫଳରେ ସ୍କିନ ଡ୍ରାଏ ହେବାସହ କୁଣ୍ଡେଇ ହେବା ଭଳି ସମସ୍ୟା ଦେଖାଦିଏ । ଡାକ୍ତରମାନେ ଏହା ମଧ୍ୟ କହିଛନ୍ତି ଯେ, ଶରୀରରୁ ଅଧିକ ଝାଳ ବାହାରିବା ଏବଂ ଆଦୌ ନବୋହିବା ଚିନ୍ତାର କାରଣ । ଅତ୍ୟଧିକ ଝାଳ ବାହାରିବାକୁ ହାଇପରହିଡ୍ରୋସିସ୍ କୁହାଯାଏ । ଡ. ମହାଜନଙ୍କ କହିବା ଅନୁସାରେ ଅତ୍ୟଧିକ ଝାଳ ବୋହିବା ଶରୀରରେ ଦୁର୍ଗନ୍ଧ ସୃଷ୍ଟି କରେ, ହାତ ଝାଳେଇବା ଓ ଫଙ୍ଗାଲ ଅମ୍ଫେକ୍ସନ ଭଳି ସମସ୍ୟା କରିପାରେ । ତେଣୁ ଯଦି ଆପଣଙ୍କ ଶରୀରରୁ ଅତ୍ୟଧିକ ଝାଳ ବୋହୁଛି ତେବେ ଏଥିପାଇଁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବା ଉଚିତ।

# ଚାଲିବା ବନାମ ଶିଡ଼ି ଚଢ଼ିବା



ଶାରୀରିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଚାଲିବା ଓ ଶିଡ଼ି ଚଢ଼ିବା ଦୁଇଟି ସହଜ ବ୍ୟାୟାମ ଭାବେ ଜଣାଶୁଣା। ଉଭୟର ଭିନ୍ନଭିନ୍ନ ବିଶେଷତ୍ୱ ଓ ଉପକାରିତା ରହିଛି। ଏ ଦୁଇଟି ମଧ୍ୟରୁ କେଉଁଟି ଆପଣଙ୍କ ପାଇଁ ଠିକ୍ ତାହା ଜାଣିରଖିବା ଉଚିତ। ଚାଲିବା ହେଉଛି ସବୁଠାରୁ ସରଳ ବ୍ୟାୟାମ। ଏଥିଲାଗି କୌଣସି ସ୍ୱତନ୍ତ୍ର ସରଞ୍ଜାମ ଦରକାର ପଡ଼େ ନାହିଁ। ପ୍ରତିଦିନ ଚାଲିବା ଦ୍ୱାରା ଗୋଡ଼, ନିତମ୍ବ ଓ ଅଣ୍ଟାର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ ଏବଂ ଏହା ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟକୁ ଉତ୍ପ୍ରେରିତ କରିଥାଏ। ନିୟମିତ ଚାଲିବା ଦ୍ୱାରା କ୍ୟାଲୋରି କ୍ଷୟ ହୋଇଥାଏ, ମନୋଭାବରେ ଉନ୍ନତି ହୁଏ, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗର ଆଶଙ୍କା ହ୍ରାସ ପାଇଥାଏ। ବାହାର ପରିବେଶରେ ଚାଲିବା ଦ୍ୱାରା ଆମେ ବୃକ୍ଷଲତା ଓ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସୁ, ଯାହା ଶରୀରରେ ଭିଟାମିନ୍ ଡି'ର ମାତ୍ରା ବଢ଼ାଏ ଏବଂ ସୁସ୍ଥତା ବଜାୟ ରଖେ। ତେଣୁ ସବୁ ବୟସର ଲୋକଙ୍କ ଲାଗି ଏହା ଏକ ଭଲ ବ୍ୟାୟାମ।

ଅପରପକ୍ଷେ ଶିଡ଼ି ଚଢ଼ିବା ହେଉଛି ଏକ ଅପେକ୍ଷାକୃତ କଠୋର ବ୍ୟାୟାମ। ଶିଡ଼ି ଚଢ଼ିବା ବେଳେ ଚାଲିବା ଅପେକ୍ଷା ଅଧିକ କ୍ୟାଲୋରି କ୍ଷୟ ହୋଇଥାଏ, କାରଣ ପ୍ରତିଟି ପାଦ ପକାଇବା ବେଳେ ଶରୀରକୁ ମାଧ୍ୟାକର୍ଷଣ ଶକ୍ତି ବିରୋଧରେ ଶକ୍ତି ଖଟାଇବାକୁ ପଡ଼େ। ଏହା ଗୋଡ଼ର କେତେକ ନିର୍ଦ୍ଦିଷ୍ଟ ମାଂସପେଶୀକୁ ସକ୍ରିୟ କରିଥାଏ, ହୃଦ୍‌ସ୍ପନ୍ଦନର ବେଗ ବୃଦ୍ଧି କରେ ଏବଂ ରକ୍ତ ସଂଚାଳନ ପ୍ରକ୍ରିୟାକୁ ସୁଦୃଢ଼ କରେ। ଏଥି ସହିତ ଅସ୍ଥି ସାନ୍ଦ୍ରତା ବୃଦ୍ଧି କରିବା ଓ ଗଣ୍ଠିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଦିଗରେ ବେଶ୍ ଉପାଦେୟ। ତେଣୁ ଅଷ୍ଟିଓପୋରସିସ୍ ଓ ଗଣ୍ଠି ସମସ୍ୟାର ଆଶଙ୍କା ଥିବା ଲୋକମାନେ ଚାଲିବା ଅପେକ୍ଷା ଶିଡ଼ି ଚଢ଼ିବା ଅଧିକ ଲାଭଦାୟକ ହୋଇଥାଏ। କମ୍ ସମୟରେ ଅଧିକ କ୍ୟାଲୋରି କ୍ଷୟ କରିବାକୁ ଚାହୁଁଥିବା ଓ ନିମ୍ନଭାଗର ମାଂସପେଶୀଗୁଡ଼ିକୁ ସୁଦୃଢ଼ କରିବାକୁ ଚାହୁଁଥିବା ଲୋକମାନେ ଶିଡ଼ି ଚଢ଼ିବାର ବିକଳ୍ପ ବାଛିବା ଉଚିତ।

## ନାବାଳିକାରୁ ବୃଦ୍ଧା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ ଜରୁରୀ

ସ୍ୱାସ୍ଥ୍ୟସେବା ଏକ ନିରନ୍ତର ପ୍ରକ୍ରିୟା ଅଟେ । ବିଶେଷକରି ମହିଳାଙ୍କ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ଋତୁସ୍ରାବ ପୂର୍ବରୁ ଏବଂ ମଧ୍ୟ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ଅଟେ। ଏଥିପାଇଁ ବେବି କ୍ଲିନିକ, ଆଡୋଲସେଣ୍ଟ କ୍ଲିନିକ, ୱେଲ ଓମେନ କ୍ଲିନିକ ଏବଂ ମେନାପୋଜ କ୍ଲିନିକ ରହିଛି । ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଆବଶ୍ୟକୀୟ ଟିକାକରଣ ଏବଂ ରକ୍ତ ପରୀକ୍ଷା ଦ୍ୱାରା ସ୍ୱାସ୍ଥ୍ୟର ଯତ୍ନ ଠିକ ଭାବେ ନେବା ଦ୍ୱାରା ଶରୀର ସୁସ୍ଥ ରହିପାରିବ । ଗର୍ଭାଶୟ କର୍କଟକୁ ରୋକିବା ପାଇଁ ଏକ ପ୍ରଭାବଶାଳୀ HPV ଟିକା ଉପଲବ୍ଧ ରହିଛି । ଏହା ୯-୧୫ ବର୍ଷ ବୟସରେ କରାଯିବା ଉଚିତ୍ । ଏହି ବୟସରେ ଟିକାର ଦୁଇଟି ଡୋଜ ଯଥେଷ୍ଟ ଅଟେ । ଗୋଟିଏ ଡୋଜ ନେବାର ୬ମାସ ପରେ ଦ୍ୱିତୀୟ ଡୋଜ ନେବା ଉଚିତ । ଯଦି ଅଳ୍ପ ବୟସରେ ନିଆଯାଏ ତେବେ ଆଣ୍ଟିବଡି ବୃଦ୍ଧି ପାଇଥାଏ । କିନ୍ତୁ ୧୫ ବର୍ଷ ପରେ ତିନୋଟି ଡୋଜର ଆବଶ୍ୟକତା ରହିଛି । ଗୋଟିଏ ଡୋଜ ନେବାର ଦୁଇ ମାସ ପରେ ଅନ୍ୟ ଏକ ଡୋଜ ଗ୍ରହଣ କରିବା ଉଚିତ । ଏହା ପରେ ଚାରିମାସ ପରେ, ତୃତୀୟ ମାତ୍ରା ଗ୍ରହଣ କରାଯିବା ଉଚିତ । ରୁବେଲା ବୁଷ୍ଟର୍ ଟିକା ମଧ୍ୟ ନେବାର ଆବଶ୍ୟକତା ରହିଛି । ଗର୍ଭବତୀ ସମୟରେ ରୁବେଲା ସଂକ୍ରମଣ ହେଲେ ଏହା ଗମ୍ଭୀର ହେବାର ସମ୍ଭାବନା ରହିଥାଏ । ବିବାହ ପରେ ମଧ୍ୟ ଏହି ଟିକା ନେଇପାରିବେ। ଗର୍ଭଧାରଣ କରିବାକୁ ପ୍ରୟାସ କରିବା ସମୟରେ ଥାଲାସେମିଆ ଫ୍ୟାକ୍ଟର୍ ଜେନେଟିକ୍ ପରୀକ୍ଷା ଏକାନ୍ତ ଆବଶ୍ୟକ । ଥାଲାସେମିଆର କୌଣସି ଲକ୍ଷଣ ନଥିଲେ ମଧ୍ୟ ଏହା ପରବର୍ତ୍ତି ସମୟରେ ଗମ୍ଭୀର ହୋଇପାରେ । ଯଦି ପତ୍ନୀଙ୍କର ଥାଲାସେମିଆ ଥାଏ ତେବେ ସ୍ୱାମୀ ମଧ୍ୟ ପରୀକ୍ଷା କରାଯିବା ଉଚିତ୍ । କାରଣ ଜନ୍ମିତ ଶିଶୁର ଥାଲାସେମିଆ ହେବାର ସମ୍ଭାବନା ଅଧିକ ରହିଥାଏ । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପ୍ରତି ଚାରିଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଜଣେ ମଧୁମେହ ରୋଗରେ ଆକ୍ରାନ୍ତ ହୁଅନ୍ତି । ୩୫ ବର୍ଷରୁ ଅଧିକ ସମସ୍ତେ ବର୍ଷକୁ ଅତି କମରେ ଥରେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ୍ । ଏହି ବୟସରେ ସ୍ତନ ପରୀକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସର୍ଭାଇକଲ କ୍ୟାନ୍ସର ଚିହ୍ନଟ କରିବାରେ ପାପ ସ୍ମିର ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ୩୫ ବର୍ଷ ପରେ କରିବା ଉଚିତ ଅଟେ । ତିନି ବର୍ଷକୁ ଥରେ ଏହି ଟେଷ୍ଟ କରାଇବା ଆବଶ୍ୟକ । ଏଚ୍.ଆଇ.ଭି ଏବଂ ଯୌନ ସଂକ୍ରମଣ ଥିବା ବ୍ୟକ୍ତିମାନେ ବାରମ୍ବାର ପାପ୍ ସ୍ମିର୍ ପରୀକ୍ଷା କରିବା ଉଚିତ୍ । HPV ଉଚ୍ଚ ବିପଦପୂର୍ଣ୍ଣ DNA ପରୀକ୍ଷା । ଏହା ଶରୀର ପାଇଁ ଅତ୍ୟନ୍ତ ଲାଭ ଦାୟକ ବୋଲି ବିବେଚନା କରାଯାଇଥାଏ। ଏଥିରେ କର୍କଟ ସୃଷ୍ଟିକାରୀ ଜୀବାଣୁ ରହିଥାଏ । ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହାକୁ ସୁପାରିଶ କରୁଛି । କିନ୍ତୁ କେତେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ, ଏଚପିଭି ପଜିଟିଭ ହେଲେ ମଧ୍ୟ କର୍କଟ ହେବାର ସମ୍ଭାବନା କମ୍ ରହିଥାଏ । ମେନାପୋଜ ସମୟରେ ବେଳେବେଳେ ଅଧିକ ରକ୍ତସ୍ରାବ ହୋଇଥାଏ । ଅନେକ ଲୋକ ଭାବନ୍ତି ଏହା ସ୍ୱାଭାବିକ । କିନ୍ତୁ ଏହି ସମୟରେ ଜଣେ ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ । ଗର୍ଭାଶୟର ଆଭ୍ୟନ୍ତରୀଣ ଆବରଣର କର୍କଟରେ ରକ୍ତସ୍ରାବ ମଧ୍ୟ ହୋଇପାରେ । ଯଦି ଏହା ଶୀଘ୍ର ଚିହ୍ନଟ ହୁଏ ତୁରନ୍ତ ଉପଯୁକ୍ତ ସତର୍କତା ଅବଲମ୍ବନ କରାଯାଇପାରେ । ବାରମ୍ବାର ଏଭଳି ହେବା ଦ୍ୱାରା ଶରୀର ଉପରେ ଏହାର କୁପ୍ରଭାବ ପଡିଥାଏ । କେତେକାଂଶରେ ଏହା କର୍କଟ ରୋଗର ଲକ୍ଷଣ ହୋଇଥାଏ । ଏହି ଲକ୍ଷଣ ଓଭାରୀରେ କର୍କଟ ହୋଇଥାଏ । କିନ୍ତୁ ଏହା ପାଇଁ କୌଣସି ନିର୍ଦ୍ଦିଷ୍ଟ ଟେଷ୍ଟ ନଥାଏ । ମହିଳାମାନେ ବୃଦ୍ଧମାନଙ୍କ ଆବଶ୍ୟକତାର ଯତ୍ନ ନେବା ବ୍ୟତୀତ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବା ଉଚିତ୍ । ମହିଳାଙ୍କ ସ୍ୱାସ୍ଥ୍ୟ ପରିବାର ଉପରେ ବଡ ପ୍ରଭାବ ପକାଇଥାଏ ।

# ଦୂଷିତ ଖାଦ୍ୟକୁ ବାଏ ବାଏ କରନ୍ତୁ, ହସ ଖୁସିରେ ଜୀବନ ବଞ୍ଚନ୍ତୁ



ଗୀତାରେ ମଧ୍ୟ ଏକ ଶ୍ଳୋକ ରହିଛି 'ଅଣ୍ଡ ବିହୁନେ ପିଣ୍ଡ ନାଶ' । ଏହାର ଅର୍ଥ ଖାଦ୍ୟ ବିନା ମନୁଷ୍ୟ ବଞ୍ଚିବା ଅସମ୍ଭବ ଅଟେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ , ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଦେଶ ତଥା ଅନ୍ୟ ଗୋଷ୍ଠୀ ସହ ମିଶି ଏହି ଦିନ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି । ଆମେ ଖାଉଥିବା ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ବୋଲି ସମସ୍ତେ ବିବେଚନା କରିବା ଜରୁରୀ ଅଟେ ।

ମହତ୍ତ୍ୱ: ଖାଦ୍ୟ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହା ସମସ୍ତଙ୍କୁ ପ୍ରଭାବିତ କରିଥାଏ। ଅସୁରକ୍ଷିତ ଖାଦ୍ୟ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଥାଏ । ଯେଉଁମାନେ ପୁଷ୍ଟିକର ଖାଦ୍ୟର ଅଭାବ ଯୋଗୁଁ ରୋଗର ଶିକାର ହୁଅନ୍ତି ସେମାନଙ୍କୁ ଖାଦ୍ୟର ମହତ୍ତ୍ୱ ବିଷୟରେ ବୁଝାଇବା ଆଜି ଦିନର ଉଦ୍ଦେଶ୍ୟ ଅଟେ । ପ୍ରଥମେ ୨୦୧୮ ଡିସେମ୍ବର ମାସରେ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। ଏହି ବର୍ଷ ଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ, ଦୂଷିତ ଖାଦ୍ୟ ଖାଇବା କାରଣରୁ ପ୍ରତିବର୍ଷ ୪ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ।

ସ୍ୱାସ୍ଥ୍ୟ ସୁରକ୍ଷାର ଧ୍ୟାନ: ପୁଷ୍ଟିକର ଖାଦ୍ୟ ରୋଗକୁ ରୋକିଥାଏ ଏବଂ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିଥାଏ । ଦୂଷିତ ଖାଦ୍ୟ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିବାର ସମ୍ଭାବନାକୁ ବୃଦ୍ଧି କରିଥାଏ । ଯାହା ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଭଳି ଦୁର୍ବଳ ଜନଜାତିଙ୍କ ପାଇଁ ବିଶେଷ ବିପଜ୍ଜନକ ହୋଇପାରେ।

ଆର୍ଥିକ ପ୍ରଭାବ: ଖାଦ୍ୟ ଯୋଗୁଁ ହେଉଥିବା ରୋଗ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଏବଂ ଉତ୍ପାଦକତା ହ୍ରାସ ଯୋଗୁଁ ଅର୍ଥନୈତିକ ଭାର ବୃଦ୍ଧି ପାଇଥାଏ । ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଏହି ଖର୍ଚ୍ଚ ହ୍ରାସ କରିବାରେ ଏବଂ ଆର୍ଥିକ ସ୍ଥିରତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ବୈଶ୍ୱିକ ଖାଦ୍ୟ ବ୍ୟାପାର: ଅନ୍ତରାଷ୍ଟ୍ରୀୟ ବ୍ୟାପାର ପାଇଁ ସୁରକ୍ଷିତ ଖାଦ୍ୟର ଆବଶ୍ୟକତା ରହିଥାଏ । ବିଶ୍ୱ ବଜାରରେ ସେମାନଙ୍କର ଖାଦ୍ୟ ପଦାର୍ଥ ଗ୍ରହଣୀୟ ହେବା ନିଶ୍ଚିତ କରିବାକୁ ଦେଶଗୁଡିକ ଖାଦ୍ୟ ନିରାପତ୍ତା ମାନ ଅନୁସରଣ କରିବା ଜରୁରୀ । ପ୍ରତିବର୍ଷ ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଏକ ଥିମ୍ ସ୍ଥିର କରିଥାଏ । ଏହି ଥିମକୁ ନେଇ ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଇଥାଏ । ଏହି କ୍ରମରେ ଚଳିତ ବର୍ଷ ମଧ୍ୟ ଏକ ଥିମ୍ ରଖାଯାଇଯାଇଛି । ଆଜିର ବିଷୟବସ୍ତୁ ହେଉଛି ସେଫ ଫୁଡ, ବେଟର ହେଲ୍‌ଥ । ଏହାର ଅର୍ଥ ହେଉଛି ନିରାପଦ ତଥା ପୁଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ବଜାୟୀ ରହିପାରିବ ।

## ପିମ୍ପୁଡିରୁ ମୁକ୍ତି ପାଇବା ପାଇଁ ଆପଣାନ୍ତୁ ଏହି ଟିପ୍ସ

ଗ୍ରୀଷ୍ମ ଋତୁରେ, ଘରେ ପିମ୍ପୁଡ଼ିର ଆତଙ୍କ ଦେଖାଯିବା ଆରମ୍ଭ କରେ, ଯାହା ବର୍ଷା ଆସିବା ପରେ ବଢିଥାଏ । କିଛି କେମିକାଲ ସ୍ପ୍ରେ ବ୍ୟବହାର କରନ୍ତି । କିନ୍ତୁ ଆପଣ ଜାଣନ୍ତି କି ? ଏହି କେମିକାଲ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ ମଧ୍ୟ ପିମ୍ପୁଡ଼ି ସମସ୍ୟା ନେଇ ଚିନ୍ତିତ, ତେବେ ପିମ୍ପୁଡ଼ିର ଆତଙ୍କରୁ ମୁକ୍ତି ପାଇବାକୁ ଏହି ଘରୋଇ ଉପଚାର ଆପଣାନ୍ତୁ । ସେଗୁଡିକ କଣ, ଜାଣନ୍ତୁ.....

ନିମ୍ବ ତେଲ: ବିଶେଷଜ୍ଞମାନେ କହିଛନ୍ତି ଯେ ଘରୁ ପିମ୍ପୁଡ଼ିକୁ ଘଉଡାଇବା ପାଇଁ ନିମ୍ବ ତେଲ ବ୍ୟବହାର କରାଯାଇପାରିବ । ନିମ୍ବ ମଞ୍ଜିରୁ ବାହାର କରାଯାଇଥିବା ଏହି ତେଲକୁ ଏକ ପ୍ରାକୃତିକ କୀଟ ପ୍ରତିରୋଧକ ବୋଲି ମଧ୍ୟ କୁହାଯାଏ । ଏହା କେବଳ ଘରେ ନୁହେଁ ବରଂ ଉଦ୍ଭିଦ ଉପରେ ସ୍ପ୍ରେ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ । ଏଥିପାଇଁ ଏହି ତେଲକୁ ଗୋଟିଏ ଟିପି ତେଲ ସହ ୧୦ ଟିପି ଅନୁପାତରେ ମିଶାନ୍ତୁ ଏବଂ ପିମ୍ପୁଡ଼ି ବୁଲୁଥିବା ସ୍ଥାନରେ ଏହାକୁ ସ୍ପ୍ରେ କରନ୍ତୁ । ଏହାର ଗନ୍ଧରେ ପିମ୍ପୁଡ଼ି ହ୍ରାସ ପାଇବ ।

ପୁଦିନା: ବିଶେଷଜ୍ଞମାନେ କହିଛନ୍ତି ଯେ ପୁଦିନା ପାଣି ଛିଞ୍ଚିବା ଦ୍ୱାରା ପିମ୍ପୁଡ଼ି ଦୂରେଇ ରହିବ । ଏହା ମଧ୍ୟ କୁହାଯାଏ ଯେ ଘରେ ପୁଦିନା ଗଛ ଲଗାଇବା ଦ୍ୱାରା ପିମ୍ପୁଡ଼ି, ମଶା ଏବଂ କୀଟଙ୍କ ଘରକୁ ଆସିନଥାଏ ।

# ବିକଶିତ ହେଲା ନୂଆ ଔଷଧ ଯେକୌଣସି ବୟସରେ ବି ଉଠିବ ଦାନ୍ତ



ସାଧାରଣତଃ ପିଲାମାନଙ୍କର ଦାନ୍ତ ପଡ଼ିଯିବା ପରେ ପୁଣି ଥରେ ନୂଆ ଦାନ୍ତ ଉଠିଥାଏ। କିନ୍ତୁ ବୟସ ବଢ଼ିବା ପରେ ଏହା ସମ୍ଭବ ହୋଇ ନ ଥାଏ। ଏଣିକି ଦାନ୍ତ କେବଳ ପିଲାବେଳେ ନୁହେଁ, ଯେକୌଣସି ବୟସରେ ଉଠିବା ସମ୍ଭବ। ଜାପାନର ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ଔଷଧ ବିକଶିତ କରିଛନ୍ତି, ଯାହାକି ଡେଣ୍ଟାଲ ମେଡିସିନ୍ କ୍ଷେତ୍ରରେ ନୂଆ ଏକ କ୍ରାନ୍ତି ଆଣିବା ଆଶା କରାଯାଉଛି। ବୈଜ୍ଞାନିକମାନେ ବିକଶିତ କରିଥିବା ଆଣ୍ଟିବଡି ଔଷଧ ଦ୍ୱାରା ଯେକୌଣସି ବୟସରେ ବି ଲୋକଙ୍କର ଦାନ୍ତ ଉଠି ପାରିବ। ମୁଖ୍ୟତଃ ଏହାଦ୍ୱାରା ଏବେ କିଶୋରାବସ୍ଥାରେ ଦାନ୍ତ ଉଠିବା ସମ୍ଭବ। ଅବଶ୍ୟ ଔଷଧ ମାଧ୍ୟମରେ ପ୍ରାକୃତିକ ଉପାୟରେ ଦାନ୍ତ ଉଠିବା ଘଟଣା ବିଶ୍ୱରେ ପ୍ରଥମ। କ୍ୟାଟୋ ୟୁନିଭର୍ସିଟି ଏଫିଲିଏଟେଡ୍ ଷ୍ଟାର୍ଟଅପ୍ କମ୍ପାନି ଟୋରେଜେମ୍ ବାୟୋଫାର୍ମା ଦାନ୍ତ ଉଠିବା ଔଷଧ ବିକଶିତ କରିଛି। ଏହି ଔଷଧ ୟୁଏସ୍ଏଜି-୧ ଜିନ୍‌କୁ ଟାର୍ଗେଟ୍ କରି ଦାନ୍ତର ବିକାଶକୁ ରୋକିବା ଏବଂ ନୂଆ ଦାନ୍ତ ଉଠିବା ଦିଗରେ କାମ କରିଥାଏ। ସେହିପରି ପଶୁଙ୍କ ଉପରେ ଏହାର କ୍ଲିନିକାଲ ଟ୍ରାଏଲ ସଫଳତାପୂର୍ବକ ଶେଷ ହୋଇଛି। ମୂଷାଙ୍କ ଉପରେ ଏହି ଔଷଧକୁ ପରୀକ୍ଷା କରାଯାଇଛି। ଏହାବାଦ୍ ଏହିବର୍ଷ ସେପ୍ଟେମ୍ବରରେ ଉକ୍ତ ଔଷଧକୁ ଜନ୍ମରୁ ଦାନ୍ତ ନ ଥିବା ଲୋକଙ୍କ ଉପରେ ସର୍ବପ୍ରଥମେ ପରୀକ୍ଷା କରାଯିବ। ତେବେ ଔଷଧ ବିକଶିତ କରିଥିବା ଦଳ ୨୦୨୫ରେ ଜନ୍ମରୁ ଦାନ୍ତ ନ ଥିବା ୨-୬ ବର୍ଷ ପିଲାଙ୍କ ଉପରେ ଏହାର କ୍ଲିନିକାଲ ଟ୍ରାଏଲ କରିବା ଯୋଜନା ରଖିଛନ୍ତି। ଏହି ଔଷଧ ସେମାନଙ୍କୁ ଇଞ୍ଜେକସନ ମାଧ୍ୟମରେ ଦିଆଯିବ। ଅନ୍ୟପକ୍ଷରେ ଦାନ୍ତ ନ ଥିବା ସମସ୍ୟା ସାମ୍ନା କରୁଥିବା ଲୋକଙ୍କ ପାଇଁ ଏହା ରାମବାଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ୨୦୩୦ ସୁଦ୍ଧା ଏହି ଔଷଧ ବଜାରକୁ ଆସିବା ଆଶା କରାଯାଉଛି।

## ତମାଖୁ ସେବନ ପାଇଁ ପ୍ରତି ସେକେଣ୍ଡରେ ଯାଉଛି ଜୀବନ, ଛାଡିବାକୁ ଆପଣାନ୍ତୁ ନିକୋଟିନ୍ ରିପ୍ଲେସମେଣ୍ଟ ଥେରାପି ଉପାୟ

ତମାଖୁ ସ୍ୱାସ୍ଥ୍ୟପକ୍ଷେ ହାନିକାରକ ତାହା ସମସ୍ତେ ଜାଣନ୍ତି । ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ ସାଂଘାତିକ ହୋଇପାରେ । ଧୂମପାନ ମାନସିକ ସ୍ୱାସ୍ଥ୍ୟ ସହିତ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇପାରେ । ଧୂମପାନ ଏବଂ ତମାଖୁର ନକାରାତ୍ମକ ପ୍ରଭାବ ଜାଣିବା ସତ୍ତ୍ୱେ ବିଶ୍ୱରେ ବହୁ ସଂଖ୍ୟକ ଲୋକ ତମାଖୁ ସେବନ କରିଥାନ୍ତି । ବିଡି, ସିଗାରେଟ୍ ଏବଂ ଗୁଟଖା ଇତ୍ୟାଦି ଖାଇବା ଦ୍ୱାରା ଅନେକ ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ଧୂମପାନ ଧମନୀକୁ ଦୁର୍ବଳ କରିଥାଏ ଏବଂ କରୋନାରୀ ହୃଦ୍ ରୋଗ ଏବଂ ଷ୍ଟ୍ରୋକର କାରଣ ହୋଇପାରେ। କେତେକ ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି ଯେ, ଗତ କିଛି ବର୍ଷ ହେଲା ହୃଦଘାତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁଖ୍ୟ କାରଣ ଧୂମପାନ ଏବଂ ତମାଖୁ ସେବନ ବୋଲି କୁହାଯାଇଛି । ତମାଖୁ ସେବନ ଦ୍ୱାରା କର୍କଟ ଏବଂ ଫୁସଫୁସ ରୋଗ ମଧ୍ୟ ହୋଇପାରେ । ତେବେ ଏଥିରୁ ମନୁଷ୍ୟ ଜାତିକୁ ରକ୍ଷା କରିବା ପାଇଁ ପ୍ରତି ବର୍ଷ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି।

ବିଶ୍ୱ ତମାଖୁ ବର୍ଜନ ଦିବସର ଇତିହାସ ମହତ୍ତ୍ୱ: ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ। ବିଶ୍ୱରେ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱ ତମାଖୁ ଦିବସ ପାଳନ କରାଯାଏ । ୧୯୮୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କାରଣ ସେହି ସମୟରେ ତମାଖୁ ସେବନ ହେତୁ ମୃତ୍ୟୁ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଥିଲା । ତେବେ ନିଷ୍ପତ୍ତି ନେବାର ବର୍ଷେ ପରେ ଅର୍ଥାତ ୧୯୮୮ ମେ ମାସରେ ପ୍ରଥମ ଥର ପାଇଁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଥିଲା । ତମାଖୁ ସେବନ ବନ୍ଦ କରିବା ଏବଂ ଏହା ଦ୍ୱାରା ହେଉଥିବା ସମସ୍ୟାକୁ ଲୋକଙ୍କୁ ଅବଗତ କରାଇବା ପାଇଁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତମାଖୁ ଖାଇଲେ କଣ ହୁଏ: ଗୁଟଖା, ଜର୍ଦ୍ଦା, ଖଇନି ସିଗାରେଟ ଓ ବିଡି ତମାଖୁ ଆଦି ସେବନ ପରେ ଏଥିରେ ଥିବା ନିକୋଟିନ ରାସାୟନିକ କିଛି ମୁହୂର୍ତ୍ତରେ ମସ୍ତିଷ୍କରେ ପହଞ୍ଚିଥାଏ ଏବଂ ଏହା ମସ୍ତିଷ୍କକୁ ଉତ୍ତେଜିତ କରିଥାଏ । ଏହା କିଛି ସମୟ ପାଇଁ ପ୍ରଭାବ ପକାଇଥାଏ । ଏହି ନିଶା ଦ୍ରବ୍ୟର ପ୍ରଭାବ କମିଯିବା ପରେ ପୁଣି ଏହାକୁ ଖାଇବାକୁ ଆହୁରି ଇଚ୍ଛା ପ୍ରକାଶ କରିଥାଏ । ଯେତେବେଳେ ଜଣେ ବ୍ୟକ୍ତି ଚାପଗ୍ରସ୍ତ ଥାଏ ସେତେବେଳେ ଅଧିକ ସେବନ କରିଥାଏ । ସମୟ ସହିତ, ସେମାନଙ୍କର ଖରାପ ପ୍ରଭାବ କେବଳ ଶରୀର ଉପରେ ନୁହେଁ ବରଂ ବ୍ୟକ୍ତିର ମାନସିକତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ତମାଖୁ ସେବନର ଚିକିତ୍ସା ସମ୍ଭବ ଏବଂ ଏଥିପାଇଁ ଅନେକ ପ୍ରକାରର ଔଷଧ ଉପଲବ୍ଧ। ସଠିକ୍ ଚିକିତ୍ସା ଏବଂ ଇଚ୍ଛାଶକ୍ତି ଶକ୍ତି ଦ୍ୱାରା ଜଣେ ତମାଖୁ ସେବନରୁ ମୁକ୍ତି ପାଇପାରିବ । କିଭଳି ଛାଡିବେ ତମାଖୁ: ନିକୋଟିନ୍ ରିପ୍ଲେସମେଣ୍ଟ ଥେରାପି କିମ୍ବା NRT ମାଧ୍ୟମରେ ତମାଖୁ କିମ୍ବା ଧୂମପାନ ମଧ୍ୟ ଛାଡି ଦିଆଯାଇପାରେ । ଏଥିରେ ଏକ ଚୁଇଙ୍ଗମ୍ ଦିଆଯାଏ, ଯେଉଁଥିରେ ନିକୋଟିନ୍ ପଦାର୍ଥ ରହିଥାଏ । ବ୍ୟକ୍ତିର ଧୂମପାନ କ୍ଷମତା ଉପରେ ନିର୍ଭର କରି ଏହା ବିଭିନ୍ନ ଆକାରରେ ଉପଲବ୍ଧ ରହିଥାଏ । ପ୍ରଥମ ସପ୍ତାହରେ ଏହା ଅଧିକ ପରିମାଣରେ ଦିଆଯାଏ ଏବଂ ପରେ ଧୀରେ ଧୀରେ କମାଯାଇଥାଏ। ଏହି ଚୁଇଙ୍ଗମ୍ ମାନବ ଶରୀରରେ ନିକୋଟିନର ଅଭାବ ପୂରଣ କରେ ଏବଂ ସେ ତମାଖୁ ସେବନରୁ ଦୂରେଇ ଯାଏ । ଏହି ପଦ୍ଧତିରେ ଏକ ନିକୋଟିନ୍ ପ୍ୟାଚ୍ ପ୍ରୟୋଗ କରାଯାଏ । ରୋଗୀର ମାତ୍ରା ଅନୁଯାୟୀ ଏହା ମଧ୍ୟ ଦିଆଯାଏ । ଶରୀରର ଏକ ଛୋଟ ପ୍ୟାଚ୍ ଲେପନ କରାଯାଏ ଯେଉଁଠାରେ କେଶ ନଥାଏ । ଏହି ପ୍ୟାଚ୍ ମାଧ୍ୟମରେ ଶରୀର ଆବଶ୍ୟକତା ଅନୁଯାୟୀ ନିକୋଟିନ୍ ନେଇଥାଏ ।

# ଖାଦ୍ୟରେ ଅତ୍ୟଧିକ ଲଙ୍କା ଖାଉଥିଲେ ସାବଧାନ



ସାଧାରଣତଃ ଲୋକମାନେ ଖାଦ୍ୟରେ ମସଲାଯୁକ୍ତ ସ୍ୱାଦ ପସନ୍ଦ କରନ୍ତି, ଯାହା ଲଙ୍କାରୁ ଆସିଥାଏ । ସମସ୍ତେ ଜାଣନ୍ତି ଯେ ଅନେକ ପ୍ରକାରର ଲଙ୍କା ରହିଛି ଏବଂ ସେଗୁଡିକ ବିଭିନ୍ନ ଉପାୟରେ ମଧ୍ୟ ବ୍ୟବହୃତ ହୁଏ । ଡାଲି କିମ୍ବା ପନିପରିବା ପରି ଲୋକମାନେ ପ୍ରାୟତଃ ନାଲି ଲଙ୍କା ବ୍ୟବହାର କରନ୍ତି ଏବଂ ଗ୍ରୀନ ଲଙ୍କା ସାଲାଡ କିମ୍ବା ଚଟନିରେ ବ୍ୟବହୃତ କରନ୍ତି । ଏହା ବ୍ୟତୀତ କଳା ଲଙ୍କା ଏବଂ ଧଳା ଗୋଲାକାର ଲଙ୍କା ମଧ୍ୟ ବିଭିନ୍ନ ଉପାୟରେ ବ୍ୟବହୃତ ହୁଏ ।

ଲଙ୍କାର ଅନେକ ଉପକାର ଆୟୁର୍ବେଦରେ ଉଲ୍ଲେଖ କରାଯାଇଛି ଯାହା ହଜମ ପ୍ରକ୍ରିୟା, ପୁଷ୍ଟିକର ଖାଦ୍ୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକାରିତା ସହ ଜଡିତ । କିନ୍ତୁ ଖାଦ୍ୟରେ ଲଙ୍କାର ପରିମାଣ ଉପରେ ନଜର ରଖିବାକୁ ବିଶେଷଜ୍ଞମାନେ ସର୍ବଦା ପରାମର୍ଶ ଦିଅନ୍ତି । ବାସ୍ତବରେ, ଖାଦ୍ୟରେ କିମ୍ବା ଅନ୍ୟ ଜିନିଷରେ ଲଙ୍କାର ଅତ୍ୟଧିକ ବ୍ୟବହାର କିମ୍ବା ଦୈନିକ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ଅଭ୍ୟାସ କେବଳ ହଜମ ପ୍ରକ୍ରିୟା କିମ୍ବା ପେଟରେ ସମସ୍ୟା ସୃଷ୍ଟି କରେ ନାହିଁ ବରଂ ଅନ୍ୟାନ୍ୟ ଗମ୍ଭୀର ସମସ୍ୟା ଏବଂ ରୋଗ ମଧ୍ୟ ସୃଷ୍ଟି କରିପାରେ । ନୂଆଦିଲ୍ଲୀର ଖାଦ୍ୟ ଏବଂ ପୋଷଣ ବିଶେଷଜ୍ଞ ଡକ୍ଟର ଦିବ୍ୟା ଶର୍ମା କହିଛନ୍ତି ଯେ ପ୍ରୋଟିନ୍, ଫାଇବର, ସୋଡିୟମ୍, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ଫସଫରସ୍, ଜିଙ୍କ, ତମ୍ବା, ମାଙ୍ଗାନିଜ୍, ସେଲେନିୟମ୍ ଏବଂ ଅନ୍ୟାନ୍ୟ ଅନେକ ପ୍ରକାରର ପୁଷ୍ଟିକର ଉପାଦାନ ମିଳିଥାଏ । ଏଥିସହ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ମାଇକ୍ରୋବାୟଲ୍ ଗୁଣ ମଧ୍ୟ ଏଥିରେ ମିଳିଥାଏ । ତେଣୁ ଅନେକ ଚିକିତ୍ସା ବିଭାଗରେ ଔଷଧରେ ବିଭିନ୍ନ ପ୍ରକାରର ଲଙ୍କା ବ୍ୟବହାର କରାଯାଏ ।

ସେ କହିଛନ୍ତି ଯେ, ନିୟମିତ ଖାଦ୍ୟରେ ବିଭିନ୍ନ ପ୍ରକାରର ଲଙ୍କାକୁ ବହୁ ସନ୍ତୁଳିତ ପରିମାଣରେ ଖାଇବା ଦ୍ୱାରା ଭୋକ ବଢିଥାଏ, ଭଲ ହଜମ ପ୍ରକ୍ରିୟା, ଭଲ ପରିମାଣର ପରିସ୍ରା ହୋଇଥାଏ । କିନ୍ତୁ ଯଦି ଲଙ୍କାକୁ ଖାଦ୍ୟରେ ଅଧିକ ପରିମାଣରେ ବ୍ୟବହାର କରାଯାଏ ତେବେ ହଜମ ଜନିତ ସମସ୍ୟା ଏବଂ ଅନ୍ୟାନ୍ୟ ଅନେକ ପ୍ରକାରର ଶାରୀରିକ ସମସ୍ୟା ମଧ୍ୟ ବଢିଯାଏ । ସେ କହିଛନ୍ତି ଯେକୌଣସି ପ୍ରକାରର ଲଙ୍କା ଖାଇବା ଦ୍ୱାରା ପେଟରେ ଉତ୍ତାପ ବଢିଥାଏ । ଏହି କାରଣରୁ ପେଟରେ ଫୁଲିବା ଏବଂ ଅନ୍ୟାନ୍ୟ ସମସ୍ୟା ହୋଇପାରେ, ବିଶେଷକରି ହଜମ ପ୍ରକ୍ରିୟା ପ୍ରଭାବିତ ହୋଇପାରେ । ଏଭଳି ପରିସ୍ଥିତିରେ ହଜମ ପ୍ରକ୍ରିୟାରେ ସମସ୍ୟା ଏବଂ ଗ୍ୟାଷ୍ଟ୍ରୋସୋଫେଜ୍ ରିଫ୍ଲକ୍ସ ରୋଗ, ଗ୍ୟାସ ଏବଂ ପେଟ ସଂକ୍ରମଣ ଭଳି ଅନେକ ସମସ୍ୟାର ଆଶଙ୍କା ବଢିଯାଏ । ଯାହା ପେଟରେ ଯନ୍ତ୍ରଣା ଅନୁଭବ କରାଏ, ପେଟରେ ଜ୍ୱଳନ, କୋଷ୍ଠକାଠିନ୍ୟ, ଝାଡ଼ା, ବାନ୍ତି, ଏବଂ ବେଳେବେଳେ ମୁଣ୍ଡବିନ୍ଧା ଏବଂ ହୃଦଘାତର କାରଣ ହୋଇଥାଏ । ବେଳେବେଳେ ପୀଡିତାଙ୍କ ପାଇଁ ସାଂଘାତିକ ଅବସ୍ଥା ମଧ୍ୟ ହୋଇପାରେ। ନାଲି ଚିଲିର ଅତ୍ୟଧିକ ବ୍ୟବହାର ହୋଇପାରେ କ୍ଷତିକାରକ ! ଏହି ରୋଗର ହୋଇପାରନ୍ତି ଶିକାର ନାଲି ଚିଲିର ଅତ୍ୟଧିକ ବ୍ୟବହାର ହୋଇପାରେ କ୍ଷତିକାରକ ! ଏହି ରୋଗର ହୋଇପାରନ୍ତି ଶିକାର ଅଧିକ ପରିମାଣରେ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ କିମ୍ବା ହଜମ ପ୍ରକ୍ରିୟାରେ ସମସ୍ୟା ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ, ଯାହା ମଧ୍ୟରୁ କେତେକ ନିମ୍ନଲିଖିତ ଅଟେ...

ଚର୍ମ ସମ୍ବନ୍ଧୀୟ ସମସ୍ୟା ବଢିପାରେ ନିଦ୍ରା ସମସ୍ୟା ହୋଇପାରେ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଟି ଏବଂ ଗଳାରେ ଅଲସର ହୋଇପାରେ ଅତ୍ୟଧିକ ଲଙ୍କା ଖାଇବା ଦ୍ୱାରା ପାଇଲ୍ସ ସମସ୍ୟା ହୋଇପାରେ ଅତ୍ୟଧିକ ଲଙ୍କା ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର କାରଣ ହୋଇପାରେ। ଯାହା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବଢାଇପାରେ ।

ଅତ୍ୟଧିକ ଲଙ୍କା ଖାଇବା କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଯକୃତ ଏବଂ କିଡନୀ ଫୁଲିବା ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଅଧିକ ପରିମାଣରେ ଲାଲ ଲଙ୍କା ଖାଇବା ଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ବଢିପାରେ, ବିଶେଷକରି ଆଜମା ରୋଗୀଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ । ଅତ୍ୟଧିକ ଲଙ୍କା ଖାଇବା ଦ୍ୱାରା ଆଚରଣରେ କ୍ରୋଧ ଏବଂ ଚାପ ବଢିପାରେ । ପାର୍ଶ୍ୱ ପ୍ରତିକ୍ରିୟାକୁ କିପରି ଏଡାଇ ହେବ ଡକ୍ଟର ଦିବ୍ୟା ଶର୍ମା କହିଛନ୍ତି ଯେ, ମସଲାଯୁକ୍ତ ଖାଦ୍ୟ ପସନ୍ଦ କରିବା ଭୁଲ ନୁହେଁ, କିନ୍ତୁ ସମସ୍ତ ପ୍ରକାର ସମସ୍ୟାରୁ ରକ୍ଷା ପାଇବା ପାଇଁ ଖାଦ୍ୟରେ ଏହାର ପରିମାଣ ଉପରେ ନଜର ରଖିବା ଅତ୍ୟନ୍ତ ଜରୁରୀ । ଏହା ବ୍ୟତୀତ ଯେଉଁମାନେ ବହୁତ ମସଲାଯୁକ୍ତ ଖାଦ୍ୟ ପସନ୍ଦ କରନ୍ତି, ସେମାନେ ବେଳେବେଳେ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଇପାରନ୍ତି କିନ୍ତୁ ଏହାକୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରନ୍ତୁ ନାହିଁ । ଏଥିସହ ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଯେଉଁମାନେ କୌଣସି ଗୁରୁତର ରୋଗର ସମ୍ମୁଖୀନ ହେଉଛନ୍ତି କିମ୍ବା ଏହାର ଚିକିତ୍ସା ପାଇଁ କୌଣସି ଔଷଧ କିମ୍ବା ଥେରାପି ନେଉଛନ୍ତି ସେମାନେ ବିଶେଷ ଭାବରେ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ବା ଲଙ୍କା ପଡିଥିବା ଖାଇବା ଠାରୁ ଦୂରେଇ ରହିବା ଉଚିତ। ଏହାବ୍ୟତୀତ, ଯଦି ପୀଡିତା ପେଟରେ କ୍ରମାଗତ ଗ୍ୟାସ ଏବଂ ଯନ୍ତ୍ରଣା ଅନୁଭବ କରନ୍ତି । ସେମାନେ ଏହା ଖାଇବା ଠାରୁ ଦୂରେଇ ରହିବା ଉଚିତ । ଯେଉଁମାନଙ୍କର ମୁଣ୍ଡବ୍ୟଥା, ଛାତିରେ ଜ୍ୱଳନ, ଷ୍ଟୁଲ କିମ୍ବା ପରିସ୍ରା ସମ୍ବନ୍ଧୀୟ ସମସ୍ୟା, ରକ୍ତଚାପ ଏବଂ ହୃଦସ୍ପନ୍ଦନ ବୃଦ୍ଧି ହୁଏ, ତେବେ ସେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୭ ମଇ, ବୁଧବାର, ୨୦୨୬



# ମୁମ୍ବାଇ ଛାଡ଼ି ସିଏସ୍‌କେରେ ଯୋଗ ଦେଇପାରନ୍ତି ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୬ରେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ପ୍ଲେଅଫରୁ ବାଦ୍ ପଡ଼ିଛି। ତେବେ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ଦଳର ଖରାପ ପ୍ରଦର୍ଶନ ହୋଇଥିବାବେଳେ ପାଣ୍ଡ୍ୟାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏମିତି କି ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ ପାଇଁ ଟିମ୍ ଦୁଇଭାଗ ହୋଇଥିବା ନେଇ କୁହାଯାଇଥିଲା। ଏହାରି ଭିତରେ ଏକ ଖବର ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ହାର୍ଦ୍ଦିକ ମୁମ୍ବାଇ ଛାଡ଼ିପାରନ୍ତି। ସେ ସିଏସକେରେ ଯୋଗ ଦେବାକୁ ଯାଉଛନ୍ତି। ଏଭଳି ଏକ ଚର୍ଚ୍ଚା ଭିତରେ ଅଶ୍ୱିନୀଙ୍କ ମଧ୍ୟ ପ୍ରତିକ୍ରିୟା ଆହୁରି ଖୋରାକ ଯୋଗାଇଛି।

ମୁମ୍ବାଇ ପ୍ଲେଅଫରୁ ବାଦ୍ ପଡ଼ିବାପରେ ହାର୍ଦ୍ଦିକ ଏକ ପୋଷ୍ଟ କରିଥିଲେ। ସେ ଇନଷ୍ଟାରେ ଲେଖିଥିଲେ କି, ୭.୦୭। ଏହାକୁ ନେଇ ଫ୍ୟାନ୍ସମାନେ କହୁଛନ୍ତି କି, ଧୋନୀଙ୍କ ଜର୍ସି ନମ୍ବର ୭ ରହିଥିବାବେଳେ ପାଣ୍ଡ୍ୟା ଚେନ୍ନାଇକୁ ଯିବା ନେଇ ସଙ୍କେତ ଦେଇଛନ୍ତି। ତେବେ ଏହି ପୋଷ୍ଟ ପରେ ପାଣ୍ଡ୍ୟା ସିଏସ୍‌କେକୁ ଯିବାର ଚର୍ଚ୍ଚା ଅଧିକ ବଢ଼ିଯାଇଛି।

ନିକଟରେ ଅଶ୍ୱିନୀ ଏକ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ୦୭.୦୭ ଲେଖିଥିଲେ। ଆଉ ପଥିରାନା ଏବଂ ଷ୍ଟୋକ୍ସ ବୋଲି ଲେଖିଥିଲେ। ଯେଉଁଥିରୁ କୁହାଯାଉଛି କି, ଏହି ଦୁଇ ଖେଳାଳିଙ୍କୁ ପୁଣି ଚେନ୍ନାଇ ଦଳରେ ସାମିଲ କରାଯିବ। ଦୁବେ ଏବଂ ଓଭରଟନଙ୍କ ନାମ ମଧ୍ୟ ଲେଖି ଏହି ସଂଖ୍ୟା ପୋଷ୍ଟ କରିଥିଲେ। ଏହାସହ ପାଣ୍ଡ୍ୟା ସମାନ ସଂଖ୍ୟା ପୋଷ୍ଟ କରିଥିବାବେଳେ କୁହାଯାଉଛି କି, ସେ ମଧ୍ୟ ସିଏସକେକୁ ଆସିବାକୁ ଯାଉଛନ୍ତି। ବଦଳ ଖେଳାଳିଭାବେ ଦଳରେ ସାମିଲ କରିପାରନ୍ତି ବୋଲି କୁହାଯାଉଛି। ମାତ୍ର ଏନେଇ ପାଣ୍ଡ୍ୟା କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ଗୁଜରାଟକୁ ୯୨ ରନରେ ହରାଇ ଫାଇନାଲରେ ବେଙ୍ଗାଲୁରୁ

**ଧର୍ମଶାଳା**



ମଙ୍ଗଳବାର ଆଇପିଏଲ ୨୦୨୬ର ପ୍ରଥମ କ୍ୱାଲିଫାୟର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଠାରୁ ୯୨ ରନରେ ହାରିଯାଇଛି ଗୁଜରାଟ ଟାଇଟନ୍ସ। ଜିଟି (ଗୁଜରାଟ ଟାଇଟନ୍ସ) ଧର୍ମଶାଳା ମୈଦାନରେ ଟସ୍ ଜିତି ଆରସିବିକୁ ବ୍ୟାଟ୍ ନିୟନ୍ତ୍ରଣ ଦେଇଥିଲା। ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୨୫୫ ରନର ଟାର୍ଗେଟ ଏକ ଐତିହାସିକ ଟାର୍ଗେଟ୍ ଦେଇଥିଲା। ଗୁଜୁରାଟ ଟାଇଟନ୍ସ ୧୯.୩ ଓଭର ଖେଳି ୧୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୫୪ ରନ କରିଥିଲା। ଏହା ଆଇପିଏଲ ପ୍ଲେଅଫ୍ ଇତିହାସର ସବୁଠୁ ବଡ଼ ସ୍କୋର। ଅଧିନାୟକ ରଜତ ପାଟିଦାର ଅପରାଜେୟ ୯୩ ରନର ଏକ ଧମାକାଦାର ଇନିଂସ ଖେଳିଛନ୍ତି। ସେ ୩୩ଟି ବଲରେ ପାଞ୍ଚଟି ଚୌକା ଓ ୯ଟି ଛକା ମାରିଛନ୍ତି। ଆରସିବିର ପ୍ରାରମ୍ଭିକ ବ୍ୟାଟିଂ ଭଲ ନଥିଲା। ଭେଙ୍କଟେଶ ଆୟର କିଛି ଭଲ ସଟ୍ ଖେଳିଥିଲେ ମଧ୍ୟ ବଡ଼ ଇନିଂସ ଖେଳିପାରି ନଥିଲେ। ସେ ୭ଟି ବଲରୁ ୧୯ ରନ୍ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ଥିଲା। ଦ୍ୱିତୀୟ ଓଭରରେ କାଗିସୋ ରବାଡ଼ା ତାଙ୍କୁ ଆଉଟ୍ କରିଦେଇଥିଲେ। ଭେଙ୍କଟେଶ ବିରାଟ କୋହଲିଙ୍କ ସହ ୨୧ ରନ୍‌ର ପାର୍ଟନରସିପ୍ କରିଥିଲେ।

ଏହାପରେ, ଦେବଦତ୍ତ ପାଡ଼ିକ୍କଲଙ୍କ ସହ ମିଶି କୋହଲି ଦାୟିତ୍ୱ ସମ୍ଭାଳିଲେ। ଏହି ଯୋଡ଼ି ଦ୍ୱିତୀୟ ୱିକେଟ ପାଇଁ ୭୨ ରନର ପାର୍ଟନରସିପ୍ କରିଥିଲେ। ଜାସନ ହୋଲ୍ଡର ନବମ ଓଭରରେ କୋହଲି ଏବଂ ପାଡିକ୍କଲଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। କୋହଲି ୨୫ଟି ବଲରୁ ୪୩ ରନ ଯୋଡ଼ିଥିଲେ। ଯେଉଁଥିରେ ୫ଟି ଚୌକା ଏବଂ ଗୋଟିଏ ଛକା ଥିଲା, ଅନ୍ୟପଟେ ପାଡିକ୍କଲ ୧୯ଟି ବଲରୁ ୩୦ ରନ ସଂଗ୍ରହ କରିଥିଲେ। ତାଙ୍କ ବ୍ୟାଟରୁ ପାଞ୍ଚଟି ଚୌକା ଆସିଥିଲା। ଅଧିନାୟକ ରଜତ ପଟିଦାର ଏବଂ କୃଣାଲ ପାଣ୍ଡ୍ୟା ଚତୁର୍ଥ ୱିକେଟ ପାଇଁ ୯୫ ରନର ପାର୍ଟନରସିପ୍ କରିଥିଲେ, ଯାହା ଆରସିବିକୁ ଏକ ମଜବୁତ ସ୍ଥିତିକୁ ନେଇଥିଲା। ରବାଡ଼ା ୧୭ତମ ଓଭରରେ କୃଣାଲଙ୍କୁ ନିଜ ଜାଲରେ ଫସାଇଥିଲେ। ସେ ୨୮ ବଲରୁ ୨୩ ରନର ଇନିଂସ ଖେଳିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ଥିଲା। ପ୍ରସିଦ୍ଧ କୃଷ୍ଣା ୧୮ତମ ଓଭରରେ ଟିମ୍ ଡେଭିଡ୍ (୫ଟି ବଲରୁ ୪ ରନ)ଙ୍କ ୱିକେଟ୍ ନେଇଥିଲେ। ପାଟିଦାର ଜିତେଶ ଶର୍ମାଙ୍କ ସହ ଷଷ୍ଠ ୱିକେଟ ପାଇଁ ୪୦ ରନର ପାର୍ଟନରସିପ୍ କରିଥିଲେ। ଜିତେଶ ୫ଟି ବଲରୁ ଅପରାଜିତ ୧୫ ରନ କରିଥିଲେ।

୨୫୫ ରନର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିବା ଗୁଜୁରାଟ ଟାଇନ୍ସ ପକ୍ଷରୁ ସାଇ ସୁଦର୍ଶନ ୯ଟି ବଲ ଖେଳି ଟି ଚୌକା ସହାୟତାରେ ୧୪ ରନ ପାଭିଲିଅନ ଫେରିଥିବା ବେଳେ ଅଧିନାୟକ ଶୁଭମନ ଗିଲ ୨ ରନ କରିଥିବା ବେଳେ କ୍ୟାଚଆଉଟ ହୋଇଯାଇଥିଲେ। ଏହାପରେ ଜୋଶ୍ ବଟଲର ୧୧ ବଲରେ ୪ ଚୌକା ଏବଂ ୨ଟି ଛକା ସହାୟତାରେ ୨୯ କରି ଆଉଟ ହୋଇଯାଇଥିବା ବେଳେ ନିଶାନ୍ତ ସିନ୍ଧୁ ୫, ୱଶିଂଟନ ସୁନ୍ଦର ୮, ଜେସନ ହୋଲ୍ଡର ଶୂନରେ ଆଉଟ ହୋଇଥିଲେ। ଏହାପରେ ରାହୁଲ ତେୱାତିଆ ଧୈର୍ଯ୍ୟର ସହ ଖେଳି ୪୩ ବଲରେ ୮ ଚୌକା ୪ ଛକା ସହାୟତାରେ ୬୮ କରିଥିବା ବେଳେ ରସିଦ ଖାନ ୮, କାଗିସୋ ରାବାଡ଼ା ୯, ମହମ୍ମଦ ସିରାଜ ସହାୟତାରେ ୫ ରନ କରିଥିବା ବେଳେ କ୍ୟାଚଆଉଟ ହୋଇ ପ୍ୟାଭିଲିଅନ ଫେରିଥିଲେ ପ୍ରସିଦ୍ଧକ୍ରିଷ୍ଣା ୬ ବଲରେ ଗୋଟିଏ ଚୌକା ସହାୟତାରେ ୬ ରନ୍ କରିପାରିଥିଲେ। ଫଳରେ ଗୁଜୁରାଟ ଟାଇଟନ୍ସ ୧୯.୩ ଓଭରରେ ୧୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା।

# କିଟ୍ ପବ୍ଲିକ୍ ସ୍କୁଲ୍ ଛାତ୍ରଙ୍କୁ ଜାତୀୟ 'ବେଷ୍ଟ ଅଲ୍ ରାଉଣ୍ଡର ପୁରସ୍କାର'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



କିଟ୍ ପବ୍ଲିକ୍ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ଦେବଦର୍ଶୀ ଏ ଜେ ନାୟକ ମେ' ୨୪ରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଡ୍ରିମ୍ ଆଚିଭର ୨୦୨୬ରେ 'ଶ୍ରେଷ୍ଠ ଅଲରାଉଣ୍ଡର ପୁରସ୍କାର' ଜିତି କିଟ୍ ତଥା ନିଜ ଗ୍ରାମର ସୁନାମ ବୃଦ୍ଧି କରିଛନ୍ତି। ଦେବଦର୍ଶୀ ଚଳିତ ମାସ କଳିଙ୍ଗ କଳାକେନ୍ଦ୍ର ଦ୍ୱାରା ଆୟୋଜିତ ୧୫ଟି ବିଭିନ୍ନ ଜାତୀୟ ସ୍ତରର ଅନଲାଇନ୍ ଏବଂ ଅଫଲାଇନ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତ ବର୍ଗରେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। କଳା, ରଙ୍ଗ, ପ୍ରବନ୍ଧ, ବକ୍ତୃତା, କବିତା, ରାଇମ୍, କାହାଣୀ କହିବା, ଶ୍ଳୋକ ଜପ, ଗୀତ, ଫ୍ୟାନ୍ସି ଡ୍ରେସ, ସ୍ଲୋଗାନ୍ ଲେଖା, ଆଙ୍ଗୁଠି ପ୍ରିଣ୍ଟିଂ, ହସ୍ତଶିଳ୍ପ, ଟେବୁଲ୍ ଗଣନା ଏବଂ ଇଂରାଜୀ ହସ୍ତଲିଖନ ସହିତ ବିଭିନ୍ନ ବିଭାଗରେ ଦେବଦର୍ଶୀ ସଫଳତାର ସହ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିଥିଲେ।

ନିଜର ଅତୁଳନୀୟ ପ୍ରତିଭା ଏବଂ ବିଭିନ୍ନ ବିଭାଗରେ ଥିବା ଦକ୍ଷତା ପାଇଁ ଜଣାଶୁଣା ଦେବଦର୍ଶୀ ତାଙ୍କ ପ୍ରାକ୍ ବିଦ୍ୟାଳୟ ଦିନରୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ଲାଭ କରିଆସୁଛନ୍ତି। ସହ-ପାଠ୍ୟକ୍ରମର ଉତ୍କର୍ଷତା ବ୍ୟତୀତ ସେ ଏକାଡେମିକ୍ ଭାବରେ ଜଣେ ମେଧାବୀ ଛାତ୍ର ଭାବରେ ସର୍ବଦା ପ୍ରଶଂସିତ ହୋଇଆସିଛନ୍ତି। ଦେବଦର୍ଶୀ କିଟ୍ ହସ୍‌ପିଟାଲିଟି ବିଭାଗର ଡେପୁଟି ଜେନେରାଲ୍ ମ୍ୟାନେଜର ଅଶୋକ କୁମାର ନାୟକଙ୍କ ପୁତ୍ର।

# ପୂର୍ବତନ ତୀରନ୍ଦାଜ ଶ୍ୟାମ ଲାଲଙ୍କ ପରଲୋକ

**ନୂଆଦିଲ୍ଲୀ**



ଭରତର ପୂର୍ବତନ ତୀରନ୍ଦାଜ ଶ୍ୟାମ ଲାଲ ମୀନାଙ୍କ ପରଲୋକ ଘଟିଛି। ସେ ୧୯୮୮ ସେଉଲ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଦିନ ହେଲା ଅସୁସ୍ଥ ଥିଲେ। ରାଜସ୍ଥାନର ବନ୍ସୱାରା ଜିଲ୍ଲାରେ ଜନ୍ମିତ ମୀନାଙ୍କ ପ୍ରତିନିଧିତ୍ୱରେ ଭାରତ ୧୯୮୭ ଏସିଆନ ଆର୍ଚରୀ ଚମ୍ପିୟନସିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ଏଥିଯୋଗୁ ସେ ୧୯୮୮ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିଥିଲେ। ତାଙ୍କୁ ୧୯୮୯ରେ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଇନଷ୍ଟାଗ୍ରାମରୁ ୨୦୦ ପୋଷ୍ଟ ଡିଲିଟ୍ କଲେ ଅର୍ଶଦୀପ; ଡିପି ମଧ୍ୟ ବଦଳାଇଲେ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ରେ ପଞ୍ଜାବ କିଙ୍ଗସର ଅଭିଯାନ ସମାପ୍ତ ହେବା ସହିତ, ଅର୍ଶଦୀପ ସିଂଙ୍କ ପାଇଁ ମଧ୍ୟ ସିଜିନ୍ ଶେଷ ହୋଇଗଲା। ପଞ୍ଜାବ କିଙ୍ଗସ ଦଳର ସଦସ୍ୟ ଅର୍ଶଦୀପ ସିଂ ତାଙ୍କ ପ୍ରେମିକାଙ୍କ କାରଣରୁ ଆଇପିଏଲରେ ଚର୍ଚ୍ଚାରେ ରହିଥିଲେ। ବର୍ତ୍ତମାନ ସେ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ୨୦୦ରୁ ଅଧିକ ପୋଷ୍ଟ ଡିଲିଟ୍ କରିଛନ୍ତି। ଏହାକୁ ନେଇ ବର୍ତ୍ତମାନ ସେ ଚର୍ଚ୍ଚାକୁ ଆସିଛନ୍ତି। ଏହାସହ ସେ ତାଙ୍କର ଡିପି ମଧ୍ୟ ପରିବର୍ତ୍ତନ କରିଛନ୍ତି। ଅର୍ଶଦୀପ ସିଂଙ୍କ ଦ୍ୱାରା ଡିଲିଟ୍ କରାଯାଇଥିବା ପୋଷ୍ଟ ମଧ୍ୟରେ କେବଳ ବିରାଟ କୋହଲିଙ୍କ ଭାଇରାଲ ପୋଷ୍ଟ ନୁହେଁ ବରଂ ପଞ୍ଜାବ କିଙ୍ଗସ ସହିତ ଜଡ଼ିତ ଅନେକ ପୋଷ୍ଟ ମଧ୍ୟ ଥିଲା।

ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ୨୫ ମଇ ରାତିରେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପୋଷ୍ଟ କରିଥିଲେ। ତଥାପି, ଅର୍ଶଦୀପ ସିଂହ ଏହି ପଦକ୍ଷେପ ପଛରେ ଥିବା କାରଣ ସମ୍ପର୍କରେ କୌଣସି ବିବୃତ୍ତି ଜାରି କରିନାହାନ୍ତି। ଏହି ବିଷୟରେ ନୀରବ ରହି ସେ ତାଙ୍କ ପ୍ରଶଂସକମାନଙ୍କୁ ସନ୍ଦେହରେ ରଖିଛନ୍ତି। ପ୍ରଶଂସକ ମାନେ ବର୍ତ୍ତମାନ ଅନୁମାନ କରୁଛନ୍ତି ଯେ ଏହି ପ୍ରସଙ୍ଗ ବ୍ୟକ୍ତିଗତ ପ୍ରକୃତିର ନା ଏହା ପଛରେ କୌଣସି ବଡ଼ କାରଣ ଅଛି।

ଅର୍ଶଦୀପ ସିଂ ୨୦୦ରୁ ଅଧିକ ପୋଷ୍ଟ ଡିଲିଟ୍ କରିସାରିଛନ୍ତି। ଫଳସ୍ୱରୂପ, ତାଙ୍କ ଇନଷ୍ଟାଗ୍ରାମ ପ୍ରୋଫାଇଲରେ ପୋଷ୍ଟ ସଂଖ୍ୟା ଏବେ ମାତ୍ର ୪୦ ରେ ପହଞ୍ଚିଛି। ଡିଲିଟ କରାଯାଇଥିବା ପୋଷ୍ଟ ମଧ୍ୟରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ସମୟରେ ବିରାଟ କୋହଲିଙ୍କ ସହିତ ସେ ତିଆରି କରିଥିବା ଏକ ରିଲ୍ ମଧ୍ୟ ଅଛି – ଏକ ଭିଡିଓ ଯାହା ୧୫୦ ନିୟୁତ ଭ୍ୟୁଜ୍ ଅତିକ୍ରମ କରିଥିଲା। ପଞ୍ଜାବ କିଙ୍ଗ୍ସ ସହ ଜଡ଼ିତ ପୋଷ୍ଟ ବିଷୟରେ, ରିପୋର୍ଟ କରାଯାଇଛି ଯେ ସେ କିଛି ଡିଲିଟ୍ କରିଦେଇଥିଲେ ମଧ୍ୟ, ଏପରି ଅନେକ ପୋଷ୍ଟ ଏବେ ବି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ରହିଛି।

# ରାଜ୍ୟଗୋଷ୍ଠୀ ଚେସ୍ ରନର୍ସଅପ୍

## ସାତ୍ତ୍ୱିକଙ୍କୁ ରୌପ୍ୟ ସହ ୩ ପଦକ

**ଭୁବନେଶ୍ୱର**



ଓଡ଼ିଶାରେ ଚେସ୍ ମହୋତ୍ସବ ଚାଲିଥିବାବେଳେ ଶ୍ରୀଲଙ୍କାରୁ ରାଜ୍ୟ ଖେଳ ଦୁନିଆ ପାଇଁ ଆସିଛି ବଡ଼ ଖବର। ଉଦୀୟମାନ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଗୋଟିଏ ରୌପ୍ୟ ପଦକ ସହ ୩ ପଦକ ଜିତି ରାଜ୍ୟ ତାଥା ଦେଶ ପାଇଁ ଗୌରବ ଆଣିଛନ୍ତି। ୧୦ ବର୍ଷରୁ କମ୍ ଓପନ୍ ବର୍ଗରେ ସାତ୍ତ୍ୱିକ ରନର୍ସଅପ୍ ହୋଇ ରୌପ୍ୟ ପଦକ ପାଇଥିଲେ। ରାପିଡ୍ ଓ ବ୍ଲିଜ୍ ବିଭାଗରେ ତୃତୀୟ ସ୍ଥାନ ଦଖଲ କରି ଆଉ ଦୁଇଟି କାଂସ୍ୟ ପଦକ ହାସଲ କରିଥିଲେ। ସୋମବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ୧୧ ସ୍ୱର୍ଣ୍ଣ ସହ ୨୨ ପଦକ ଜିତିଛନ୍ତି। ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶା ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଶ୍ରୀଲଙ୍କା ଗସ୍ତ କରିଥିବାରୁ ରାଜ୍ୟ ଚେସ୍ ଦୁନିଆର ଖୁସି ଦୁଇଗୁଣା ହୋଇଯାଇଛି। ଉଭୟଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଗତ ଏକ ସପ୍ତାହ ଧରି ଚାଲିଥିବା ଏହି ପ୍ରତିଯୋଗିତାର ୧୦ ବର୍ଷରୁ କମ୍ ଓପନ୍ ବର୍ଗରେ ଦୁଇ ଭାରତୀୟ ବାଳକ ସାତ୍ତ୍ୱିକ ଏବଂ ଅମିଧାନ ଏସ୍ ତମିଜ ୯ ରାଉଣ୍ଡରୁ ସମାନ ୮.୫ ପଏଣ୍ଟ ପାଇଥିଲେ। ବୁକହୋଲ୍‌ଜ ସ୍କୋରିଂରେ କିନ୍ତୁ ଶୀର୍ଷମାନ୍ୟତାପ୍ରାପ୍ତ ସାତ୍ତ୍ୱିକ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭୁବନେଶ୍ୱର କିଙ୍ଗ୍ ଚେସ୍ ସେଣ୍ଟରରୁ ବିଶ୍ୱଜିତ ରାୟଙ୍କ ଅଧୀନରେ ଖେଳ ଜୀବନ ଆରମ୍ଭ କରିଥିଲେ। ବିଶ୍ୱ ପ୍ରତିଯୋଗିତାରେ କ୍ରମାଗତ ଭାବେ ଚମକ ଛାଡ଼ି ସମସ୍ତଙ୍କ ନଜରକୁ ଆସିଥିଲେ। ସାତ୍ତ୍ୱିକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି କିଙ୍ଗ୍ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି। ସାତ୍ତ୍ୱିକଙ୍କୁ ରାଜ୍ୟ ଓ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କ ସହିତ ଟ୍ରିପଲ୍ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା ଏବଂ ପ୍ରଶିକ୍ଷକ ପ୍ରଶାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା : ପାକିସ୍ତାନ ସିରିଜ୍‌ରୁ ବାଦ୍ ପଡ଼ିଲେ ଅଧିନାୟକ ମାର୍ଶ

**ହାଇଦ୍ରାବାଦ**



ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ଏକ ବଡ଼ ଝଟ୍‌କା ଲାଗିଛି। ଅଧିନାୟକ ମିଚେଲ୍ ମାର୍ଶ ଆହତ ହେବା କାରଣରୁ ପାକିସ୍ତାନ ଗସ୍ତରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ୱିକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ଇଂଲିସ୍ ଦଳର କମାଣ ସମ୍ଭାଳିବେ। ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ଅଂଶ ଥିବା ମାର୍ଶ ଶେଷ ମ୍ୟାଚ୍ ପୂର୍ବରୁ ହିଁ ନିଜ ଦେଶକୁ ଫେରିଯାଇଥିଲେ। ସେ ଆଇପିଏଲ୍ ସମୟରେ ହିଁ ଆହତ ହୋଇଥିଲେ।

ମିଚେଲ୍ ମାର୍ଶ ଗୋଡ଼ଗଣ୍ଠି ଜନିତ ଆଘାତ କାରଣରୁ ୩୦ ମଇରୁ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆର ବୟାନ ଅନୁଯାୟୀ, ମାର୍ଶ ଏବେ ଆଗାମୀ ଯାଞ୍ଚ ଏବଂ ଚିକିତ୍ସା ପାଇଁ ପର୍ଥରେ ରହିବେ। ଯଦିଓ ପାକିସ୍ତାନ ଗସ୍ତ ପାଇଁ ଦଳରେ ମାର୍ଶଙ୍କ ସ୍ଥାନରେ କୌଣସି ବିକଳ୍ପ ଖେଳାଳିଙ୍କ ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଜୁନ୍ ମାସରେ ବାଂଲାଦେଶ ଗସ୍ତ ସୁଦ୍ଧା ମାର୍ଶ ଫିଟ୍ ହୋଇପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା। ଅଷ୍ଟ୍ରେଲିଆକୁ ଏହି ଗସ୍ତରେ ତିନୋଟି ଦିନିକିଆ ଏବଂ ସମାନ ସଂଖ୍ୟକ ଟି-୨୦ ମ୍ୟାଚ୍ ଖେଳିବାର ଅଛି।

କ୍ରିକେଟ୍ ଅଷ୍ଟ୍ରେଲିଆର ପ୍ରବକ୍ତା କହିଛନ୍ତି, 'ଆଗାମୀ ସୂଚନା ପର୍ଯ୍ୟନ୍ତ ମାର୍ଶ ଅଧିକ ଯାଞ୍ଚ ଏବଂ ଚିକିତ୍ସା ପାଇଁ ପର୍ଥରେ ହିଁ ରହିବେ। ବାଂଲାଦେଶ ଗସ୍ତ ପାଇଁ ତାଙ୍କର ଉପଲବ୍ଧତା ଉପରେ ସଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।' ମାର୍ଶଙ୍କ ବ୍ୟତୀତ ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ, ଓପନର୍ ଟ୍ରାଭିସ୍ ହେଡ୍ ଏବଂ ଜୋସ୍ ହେଜଲଉଡ୍ ମଧ୍ୟ ପାକିସ୍ତାନ ଗସ୍ତରେ ଦଳର ଅଂଶ ନାହାନ୍ତି।

କମିନ୍ସ, ହେଜଲଉଡ୍ ଏବଂ ଷ୍ଟାର୍କଙ୍କୁ ବାଂଲାଦେଶ ଗସ୍ତ ପାଇଁ ମଧ୍ୟ ଚୟନ କରାଯାଇ ନାହିଁ, କିନ୍ତୁ ହେଡ୍ ଦଳ ସହ ଯୋଡ଼ିହେବେ। ଇଂଲିସ୍ ଅଷ୍ଟ୍ରେଲିଆ ପାଇଁ ଗୋଟିଏ ଦିନିକିଆ ଏବଂ ତିନୋଟି ଟି-୨୦ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଛନ୍ତି। ଏହି ମ୍ୟାଚ୍‌ଗୁଡ଼ିକ ୨୦୨୪ରେ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାୱଲପିଣ୍ଡିରେ ହେବ। ଯେତେବେଳେ କି ବାକି ଦୁଇଟି ମ୍ୟାଚ୍ ଲାହୋରରେ ଖେଳାଯିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ପାକିସ୍ତାନ ଦଳ ଘୋଷଣା : ଶାହିନ୍ ଆଫ୍ରିଦିଙ୍କ ନେତୃତ୍ୱାଧୀନ ଦଳରେ ଅନେକ ବଡ଼ ବଡ଼ ନାମର ପ୍ରତ୍ୟାବର୍ତ୍ତନ ହୋଇଛି। ବାବର ଆଜମ, ଶାଦାବ ଖାନ, ନସିମ ଶାହ, ହାରିସ ରଉଫ ଏବଂ ସୁଫିୟାନ ମୋକିମଙ୍କୁ ସୁଯୋଗ ମିଳିଛି, ଯେଉଁମାନେ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍ ଖେଳିନଥିଲେ।

ପାକିସ୍ତାନ ଦଳ: ଶାହିନ୍ ଆଫ୍ରିଦି (ଅଧିନାୟକ), ସଲମାନ ଆଘା (ଉପ-ଅଧିନାୟକ), ବାବର ଆଜମ, ଶାଦାବ ଖାନ, ହାରିସ ରଉଫ, ନସିମ ଶାହ, ଅବ୍ରାର ଅହମ୍ମଦ, ସୁଫିୟାନ ମୋକିମ, ଅବଦୁଲ ସମଦ, ସାହିବଜାଦା ଫରହାନ, ଶାମିଲ ହୁସେନ, ମାଜ ସଦାକତ, ମହମ୍ମଦ ଘୋରି (ୱିକେଟ୍ କିପର), ରୋହେଲ ନଜିର, ଅରାଫାତ ମିନହାସ ଏବଂ ଅହମ୍ମଦ ଦାନିୟାଲ।

# ପଦ୍ମଶ୍ରୀ ନେବାକୁ ଆସିପାରିଲେନି ରୋହିତ ଶର୍ମା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ ଷ୍ଟାର ବ୍ୟାଟସମ୍ୟାନ ରୋହିତ ଶର୍ମା। ସୋମବାର ନୂଆଦିଲ୍ଲୀରେ ଅନୁଷ୍ଠିତ ପଦ୍ମଶ୍ରୀ ପଦାର୍ପଣ ଉତ୍ସବରେ ଯୋଗ ଦେଇ ନଥିଲେ। ରୋହିତଙ୍କ ଅନୁପସ୍ଥିତି ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଚଳିତ ବର୍ଷ ଆରମ୍ଭରେ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନର ପ୍ରାପ୍ତକର୍ତ୍ତା ଭାବରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ଫଳସ୍ୱରୂପ, ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ସମାରୋହରେ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ ବୋଲି ଆଶା କରାଯାଉଛି।

ଭାରତ ସରକାର ଭାରତୀୟ କ୍ରିକେଟରେ ତାଙ୍କ ଅବଦାନ, ତାଙ୍କ ନେତୃତ୍ୱ ସଫଳତା ଏବଂ ଅନ୍ତର୍ଜାତୀୟ ସ୍ତରରେ ଜାତୀୟ ଦଳ ସହିତ ହାସଲ କରିଥିବା ସଫଳତାକୁ ସ୍ୱୀକୃତି ଦେଇ ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌରଙ୍କ ସହିତ ରୋହିତଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ। ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର ଇଂଲଣ୍ଡରେ ଭାରତୀୟ ମହିଳା ଦଳର ଚାଲିଥିବା ବିଶ୍ୱକପ ପ୍ରସ୍ତୁତିରୁ ସମୟ ବାହାର କରି ଉତ୍ସବରେ ଯୋଗ ଦେଇଥିଲେ ଏବଂ ଏହି ଅବସରରେ ଦେଶରେ ରହିଥିଲେ, କିନ୍ତୁ କାର୍ଯ୍ୟସୂଚୀ ଦ୍ୱନ୍ଦ୍ୱ ଯୋଗୁ ରୋହିତ ତାଙ୍କ ପୁରସ୍କାର ଗ୍ରହଣ କରିବାକୁ ଯୋଗ ଦେଇପାରି ନଥିଲେ। ଏହା ଉଲ୍ଲେଖନୀୟ ଯେ ପାରମ୍ପରିକ ଭାବରେ ରାଷ୍ଟ୍ରପତି ଭବନରେ କିଛି ସପ୍ତାହ ଧରି ଅନୁଷ୍ଠିତ ପୃଥକ ସମାରୋହରେ ପଦ୍ମ ପୁରସ୍କାର ପ୍ରଦାନ କରାଯାଏ, ଯେଉଁଠାରେ ପୁରସ୍କାର ବିଜେତା ମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇଥାଏ। ଏବେ ଆଶା କରାଯାଉଛି ଯେ ରୋହିତ ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଦ୍ୱିତୀୟ ସମାରୋହରେ ଆନୁଷ୍ଠାନିକ ଭାବରେ ତାଙ୍କର ପୁରସ୍କାର ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ରୋହିତ ଶର୍ମାଙ୍କ ଉପସ୍ଥିତିକୁ ପ୍ରଶଂସକମାନେ ଆଶା କରିଥିଲେ, କାରଣ ଏହି ବର୍ଷ ଗଣତନ୍ତ୍ର ଦିବସରେ ଘୋଷିତ ପଦ୍ମଶ୍ରୀ ପୁରସ୍କାର ବିଜେତାଙ୍କ ମଧ୍ୟରେ ତାଙ୍କ ନାମ ପ୍ରମୁଖ ଭାବରେ ସ୍ଥାନ ପାଇଛି।

# ଫିଫା ବିଶ୍ୱକପ୍ ପାଇଁ ୨୬ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ସ୍ପେନ, ଆହତ ସମସ୍ୟା ସତ୍ତ୍ୱେ ୟାମାଲ୍‌ଙ୍କୁ ମିଳିଲା ସ୍ଥାନ

**ନୂଆଦିଲ୍ଲୀ**



ଫିଫା ବିଶ୍ୱକପ୍ ୨୦୨୬ ପାଇଁ ସ୍ପେନ ନିଜର ୨୬ ଜଣିଆ ଦଳ ଘୋଷଣା କରିଛି। ଏହି ଦଳ ଚୟନକୁ ନେଇ ବର୍ତ୍ତମାନ ଫୁଟବଲ ପ୍ରେମୀଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଚାଲିଛି। ଏଥର ସ୍ପେନ ଦଳରେ କିଛି ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ଦେଖିବାକୁ ମିଳିଛି। ଯାହା ସ୍ପେନର ୯୨ ବର୍ଷର ବିଶ୍ୱକପ୍ ଇତିହାସରେ କେବେ ହେଲେ ଘଟି ନଥିଲା। ବିଶ୍ୱର ସବୁଠାରୁ ସଫଳ ତଥା ପ୍ରତିଷ୍ଠିତ କ୍ଲବ 'ରିଆଲ ମାଦ୍ରିଦ'ର ଜଣେ ବି ଖେଳାଳିଙ୍କୁ ଏଥର ଜାତୀୟ ଦଳରେ ସ୍ଥାନ ମିଳିନାହିଁ। ଚଳିତ ୨୦୨୫-୨୬ ସିଜନରେ ରିଆଲ ମାଦ୍ରିଦ ଗୋଟିଏ ହେଲେ ବି ବଡ଼ ଟ୍ରଫି ଜିତିବାରେ ସଫଳ ହୋଇପାରି ନଥିଲା। କୁହାଯାଉଛି ଯେ ଏହାର ପ୍ରଭାବ ହୁଏତ ଦଳ ଚୟନ ଉପରେ ପଡ଼ିଛି।

୨୧ ବର୍ଷୀୟ ଡିଫେଣ୍ଡର ଡିନ ହୁଇଜସେନ ଆମେରିକା ଯାତ୍ରା କରିବା ରେସ୍ ରେ ଆଗରେ ଥିଲେ ମଧ୍ୟ କୋଚ୍ ଲୁଇସ ଡେ ଲା ଫୁଏନ୍ତେ ତାଙ୍କ ବଦଳରେ ପାଉ କୁବାର୍ସି, ଆୟମେରିକ ଲାପୋର୍ଟେ ଏବଂ ଏରିକ ଗାର୍ସିଆଙ୍କ ଉପରେ ଅଧିକ ଭରସା ଦେଖାଇଛନ୍ତି। ଆର୍ସେନାଲର ତାରକା ମିଡଫିଲ୍ଡର ମିକେଲ ମେରିନୋଙ୍କ ପାଇଁ ଏହି ଦଳ ଘୋଷଣା ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। ଗତ ଜାନୁଆରୀ ମାସରେ ପାଦ ଭାଙ୍ଗିଯିବା ପରେ ସେ ପଡ଼ିଆରୁ ଦୂରେଇ ରହିଥିଲେ। ମାତ୍ର ରବିବାର (୨୪ ମଇ) କ୍ରିଷ୍ଟାଲ ପ୍ୟାଲେସ ବିପକ୍ଷ ପ୍ରିମିୟର ଲିଗ୍‌ର ଶେଷ ମ୍ୟାଚ୍‌ରେ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ନିଜର ଫିଟ୍‌ନେସ୍ ପ୍ରମାଣିତ କରିଛନ୍ତି।

ଅନ୍ୟପଟେ କୋଚ୍ ଫୁଏନ୍ତେ ବାର୍ସେଲୋନା ଓ ଆଥଲେଟିକୋ ମାଦ୍ରିଦରୁ ଯଥାକ୍ରମେ ଏରିକ ଗାର୍ସିଆ ଏବଂ ମାର୍କ ପ୍ୟୁବିଲଙ୍କୁ ଦଳକୁ ଫେରାଇ ଆଣିଛନ୍ତି। ତେବେ ଆଥଲେଟିକୋର ପ୍ରମୁଖ ଖେଳାଳି ରବିନ ଲେ ନର୍ମାଣ୍ଡଙ୍କୁ ଏଥର ନିରାଶ ହେବାକୁ ପଡ଼ିଛି। ୟୁରୋ ୨୦୨୪ ଚାମ୍ପିଅନ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବାର୍ସିଲୋନାର ଯୁବ ସେନସେସନ ଲାମିନ ୟାମାଲ ଏବଂ ଆଥଲେଟିକ ବିଲବାଓର ନିକୋ ୱିଲିୟମ୍ସଙ୍କୁ ଦଳରେ ସାମିଲ କରାଯାଇଛି। ନିକୋ ୱିଲିୟମ୍ସ ଗତ କିଛି ଦିନ ହେବ ଫିଟ୍‌ନେସ୍ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ କୋଚ୍ ତାଙ୍କ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରିଛନ୍ତି। ମାତ୍ର ୧୮ ବର୍ଷୀୟ ଲାମିନ ୟାମାଲ ବର୍ତ୍ତମାନ ହାମଷ୍ଟ୍ରିଙ୍ଗ ଜନିତ ଆହତ ସମସ୍ୟା ସହ ଜୁଝୁଛନ୍ତି। ଗତ ଏପ୍ରିଲ ଶେଷ ଆଡ଼କୁ ସେ ଆହତ ହୋଇ ଦଳରୁ ବାହାରେ ଅଛନ୍ତି। ଯାହାଫଳରେ ବିଶ୍ୱକପର ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରେ ସେ ପଡ଼ିଆକୁ ଓହ୍ଲାଇବେ କି ନାହିଁ ତାହା ନେଇ ଆଶଙ୍କା ଦେଖାଦେଇଛି।

ଚଳିତ ଫିଫା ବିଶ୍ୱକପରେ ସ୍ପେନକୁ ଗ୍ରୁପ୍ 'ଏଚ୍' ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ସ୍ପେନ ସହିତ ନବାଗତ କେପ୍ ଭର୍ଡେ, ସାଉଦି ଆରବ ଏବଂ ପୂର୍ବତନ ବିଶ୍ୱ ବିଜେତା ଉରୁଗୁଏ ରହିଛନ୍ତି। ସ୍ପେନ ନିଜର ଅଭିଯାନ ଜୁନ୍ ୧୫ ତାରିଖରେ କେପ୍ ଭର୍ଡେ ବିପକ୍ଷ ମ୍ୟାଚରୁ ଆରମ୍ଭ କରିବ। ଏହାପରେ ଜୁନ୍ ୨୧ରେ ସାଉଦି ଆରବ ଏବଂ ଜୁନ୍ ୨୮ରେ ଉରୁଗୁଏ ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ଖେଳିବ।

ଫିଫା ବିଶ୍ୱକପ୍ ୨୦୨୬ ପାଇଁ ସ୍ପେନର ସ୍କ୍ୱାଡ୍

ଗୋଲକିପର : ଉନାଇ ସିମୋନ, ଡେଭିଡ ରାୟା, ଜୋନ ଗାର୍ସିଆ।

ଡିଫେଣ୍ଡର: ମାର୍କ କୁକୁରେଲା, ଆଲେଜାଣ୍ଡ୍ରୋ ଗ୍ରୀମାଲ୍ଡୋ, ପାଉ କୁବାର୍ସି, ଆୟମେରିକ ଲାପୋର୍ଟେ, ମାର୍କ ପ୍ୟୁବିଲ, ଏରିକ ଗାର୍ସିଆ, ମାର୍କୋସ୍ ଲୋରେଣ୍ଟେ, ପେଡ୍ରୋ ପୋରୋ।

ମିଡଫିଲ୍ଡର: ପେଡ୍ରି, ଫାବିଆନ ରୁଇଜ୍, ମାର୍ଟିନ ଜୁବିମେଣ୍ଡି, ଗାଭି, ରୋଡ୍ରିଗୋ ହେର୍ଣ୍ଣାଣ୍ଡେଜ୍, ଆଲେକ୍ସ ବେନା, ମିକେଲ ମେରିନୋ, ମିକେଲ ଓୟାରଜାବାଲ।

ଫରୱାର୍ଡ : ଦାନି ଓଲମୋ, ନିକୋ ୱିଲିୟମ୍ସ, ୟେରେମି ପିନୋ, ଫେରାନ ଟୋରେସ, ବୋର୍ଜା ଇଗ୍ଲେସିଆସ, ଭିକ୍ଟର ମୁନୋଜ, ଲାମିନ ୟାମାଲ।

# ମଇ ୨୯ରେ 'ପ୍ରତିଦିନ'ର ୨୪ତମ ବାର୍ଷିକୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରମୁଖ ଓଡ଼ିଆ ଦୈନିକ ସମ୍ବାଦପତ୍ର 'ପ୍ରତିଦିନ'ର ୨୪ତମ ବାର୍ଷିକୋତ୍ସବ ଚଳିତ ମାସ ଆସନ୍ତା ୨୯ ତାରିଖ ଦିନ ପୂର୍ବାହ୍ଣ ସାଢ଼େ ୧୦ଟାରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଜାତୀୟ ସଭାପତି ତଥା 'ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ'ର ସମ୍ମାନୀୟ ସଭ୍ୟ ଗୁରିନ୍ଦର ସିଂହ ଯୋଗ ଦେଉଥିବା ବେଳେ ମୁଖ୍ୟବକ୍ତା ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନୀୟ ଅତିଥିଭାବେ 'ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ'ର ସଭ୍ୟ ବି.ଏମ୍. ଶର୍ମା, ସଭ୍ୟା ଆରତୀ ତ୍ରିପାଠୀ ଏବଂ ଅରୁଣ କୁମାର ତ୍ରିପାଠୀ, 'ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ'ର ସଭାପତି ତଥା ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ପୂର୍ବତନ ସଭ୍ୟ ପ୍ରସନ୍ନ କୁମାର ମହାନ୍ତି, ସର୍ବଭାରତୀୟ କ୍ଷୁଦ୍ର ସମ୍ବାଦପତ୍ର ସଂଘର ସଭାପତି ଶିବଶଙ୍କର ତ୍ରିପାଠୀ 'କ୍ଷୁଦ୍ର-ମଧ୍ୟମ-ବଡ଼ ସମ୍ବାଦପତ୍ର ସୋସାଇଟି'ର ଜାତୀୟ ସାଧାରଣ ସମ୍ପାଦକ ଦୀପକ ସିଂହ, ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ନ୍ୟାସନାଲ ସେକ୍ରେଟାରୀ ଜେନେରାଲ ତଥା ପ୍ରେସ କାଉନସିଲ୍ ଅଫ୍ ଇଣ୍ଡିଆର ପୂର୍ବତନ ସଭ୍ୟ ଅଶୋକ କୁମାର ନଉରତନ, ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଷ୍ଟେଟ୍ ପ୍ରେସିଡ୍ରେଣ୍ଟ ରାଜସ୍ଥାନ ତଥା ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ପୂର୍ବତନ ସଭ୍ୟ ଡ. ଏଲ.ସି. ଭାରତୀ, 'ଫାଇନାନ୍‌ସିଆଲ ନିଉଜ୍'ର ସମ୍ପାଦକ ଶ୍ରୀମତୀ ମଧୁସ୍ମିତା ପଣ୍ଡା ଏବଂ ଆବାହକ ରୂପେ 'ପ୍ରତିଦିନ ଗ୍ରୁପ୍'ର ପ୍ରତିଷ୍ଠାତା ତଥା 'ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆ'ର ସଭ୍ୟ ସୁଧୀର କୁମାର ପଣ୍ଡା ଯୋଗ ଦେବେ।

# 'ମଡେଲ ଭିଲେଜ ମିଶନ' ଏବଂ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ



**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶାର ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ପ୍ରତିଟି ଗାଁକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଆନୁଷ୍ଠାନିକ ଭାବେ ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା– 'ମଡେଲ ଭିଲେଜ ମିଶନ' ଏବଂ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭ ଉଦ୍‌ଘାଟନ କରିଛନ୍ତି।

ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ (ଭର୍ଚ୍ୟୁଆଲ ମାଧ୍ୟମ) ଜରିଆରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳର ବାସିନ୍ଦାଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସହର ଭଳି ସମସ୍ତ ଆଧୁନିକ ସୁବିଧା ସୁଯୋଗ ଗାଁରେ ପହଞ୍ଚାଇବା ଏହି ଦୁଇଟି ମହତ୍ତ୍ୱାକାଂକ୍ଷୀ ଯୋଜନାର ମୂଳ ଉଦ୍ଦେଶ୍ୟ।

ଏହି ଅବସରରେ ମନ୍ତ୍ରୀ ନିଜର ଅଭିଭାଷଣରେ କହିଛନ୍ତି ଯେ, 'ଆମ ଓଡ଼ିଶାର ପ୍ରାଣକେନ୍ଦ୍ର ହେଉଛି ଗାଁ। ଗାଁର ସର୍ବାଙ୍ଗୀନ ବିକାଶ ନହେଲେ ଏକ ସମୃଦ୍ଧ ଓଡ଼ିଶାର କଳ୍ପନା ଅସମ୍ଭବ। ମହାପୁରୁଷମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ସରକାର 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' ପ୍ରଣୟନ କରିଛନ୍ତି। ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, 'ମଡେଲ ଭିଲେଜ ମିଶନ' ମାଧ୍ୟମରେ ଗ୍ରାମାଞ୍ଚଳରେ ଡିଜିଟାଲ ସଂଯୋଗୀକରଣ ସୌର ଶକ୍ତିର ବ୍ୟବହାର, ଉନ୍ନତ ରାସ୍ତାଘାଟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ନୂତନ ଜୀବିକାର ସୁଯୋଗ ସୃଷ୍ଟି କରାଯିବ। ପ୍ରଶାସନ ଓ ଜନସାଧାରଣଙ୍କ ମିଳିତ ସହଭାଗିତାରେ ଏହି ମିଶନକୁ ସଫଳ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।





# ଜୁନ୍ ୨୮ରେ ଅନୁଷ୍ଠିତ ହେବ ଓଟିଇଟି ପରୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**

ବଦଳିଲା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓଟିଇଟି (ଓଟିଇଟି) ପରୀକ୍ଷା ତାରିଖ । ପୂର୍ବରୁ ପରୀକ୍ଷା ପାଇଁ ଜୁନ ୨୧ ଧାର୍ଯ୍ୟ କରାଯାଇଥିବା ବେଳେ ତାରିଖକୁ ପରିବର୍ତ୍ତନ କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଓଡ଼ିଶା । ଜୁନ ୨୮ ତାରିଖରେ (୨୦୨୬) ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜୁନ ୨୧ରେ ଓଟିଇଟି ପରୀକ୍ଷା ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ କରାଯାଇଥିଲା । ମାତ୍ର ସେହି ଦିନ ନିଟ୍ (ନିଟ୍) ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ପରୀକ୍ଷା କେନ୍ଦ୍ର ସମସ୍ୟା ପାଇଁ ପରୀକ୍ଷା ତାରିଖ ପରିବର୍ତ୍ତନ ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି । ଆସନ୍ତା ଜୁନ ୧୭ ତାରିଖରୁ ପ୍ରାର୍ଥୀମାନଙ୍କ ପାଇଁ ଆଡମିଟ କାର୍ଡ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କର ଆବଶ୍ୟକୀୟ ଲଗଇନ୍ ପ୍ରମାଣପତ୍ର ପ୍ରବେଶ କରି ସରକାରୀ ବିଏସ୍ଇ ଓଡ଼ିଶା ୱେବସାଇଟ୍ www.bseodisha.nic.inରୁ ଆଡମିଟ କାର୍ଡ ଡାଉନଲୋଡ୍ କରିପାରିବେ । ଜୁନ ୨୮ ତାରିଖ ଦିନ ହିଁ ଦୁଇଟି ଯାକ ପେପରର ପରୀକ୍ଷା ହେବ । ପେପର-୧ ପାଇଁ ସକାଳ ୯ରୁ ଦିନ ୧୧.୩୦ ମିନିଟ ପର୍ଯ୍ୟନ୍ତ ସମୟ ସ୍ଥିର କରାଯାଇ ଥିବା ବେଳେ ପେପର-୨ ପାଇଁ ଅପରାହ୍ନ ୨ଟାରୁ ୪.୩୦ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ୧୫୦ ମାର୍କ ବିଶିଷ୍ଟ ଏହି ପରୀକ୍ଷାକୁ ଓଏମଆର ଦ୍ୱାରା କରାଯିବ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, 'ପ୍ରତ୍ୟକ ବର୍ଷ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି କ୍ରମରେ ଚଳିତ ବର୍ଷ ମଧ ଆଶାୟୀମାନଙ୍କ ପାଇଁ ଏହି ସୁଯୋଗ ଦିଆଯିବ । ଗତବର୍ଷ ପରି ଏଥର ମଧ ଏହି ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳାର ସହ କରାଯିବ ସେନେଇ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଛି ।' ପରୀକ୍ଷା ପ୍ରକ୍ରିୟା ସହିତ ଜଡିତ ଅଧିକ ଅପଡେଟ୍, ନିର୍ଦ୍ଦେଶାବଳୀ କିମ୍ବା ବିଜ୍ଞପ୍ତି ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ବିଏସ୍ଇ ଓଡ଼ିଶାର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଛି । ଏକ ସୁଗମ ପରୀକ୍ଷା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବୋର୍ଡ ଦ୍ୱାରା ଜାରି ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବାକୁ ମଧ ସେମାନଙ୍କୁ ପରାମର୍ଶ ଦିଆଯାଇଛି ।

ସେହିପରି ଦୁଇ ବର୍ଷିଆ ବିଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ମେ' ୩୧ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଜୁନ୍ ୩ ତାରିଖରେ ବି.ଏଚ.ଏଡ୍ (ହିନ୍ଦୀ) ଓ ଏମ.ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି।

ମେ' ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଭାବେ ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଚ.ଏଡ୍ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମ.ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

ମେ' ୨୭ ତାରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ବିଏଡ୍, ବି.ଏଚ.ଏଡ୍ ଓ ଏମ.ଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍ମିଟ କାର୍ଡ୍ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ୍ (ଏସଏସବି)ର ୱେବ୍ସାଇଟରୁ ନିଜର ଆଡ୍ମିଟ କାର୍ଡ୍ ଡାଉନଲୋଡ୍ କରିପାରିବେ। ଜୁନ୍ ୪ ତାରିଖରେ ଏସଏସବି ୱେବ୍ ସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ। ପ୍ରୋଭିଜିନାଲ ଆନ୍ସର କି' କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ ରୁ ୭ ତାରିଖ ମଧ୍ୟରେ ଆନ୍ସର କି' ଚାଲେଞ୍ଜ ପାଇଁ ଆବେଦନ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ।

# ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକର ନାଗରିକ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକର ନାଗରିକ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଏହି ଅବସରରେ ଶିକ୍ଷା, ସାମାଜିକ,ଜାତୀୟ ସୁରକ୍ଷା, ଆର୍ଥିକ ଓ ସମସାମୟିକ ବିଷୟ ଉପରେ ଆଲୋଚନା କରି ପ୍ରସ୍ତାବ ପାରିତ କରାଯିବ । ଏବିଭିପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ ବୀରେନ୍ଦ୍ର ସିଂହ ସୋଲାଙ୍କି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ୨୯ରୁ ୩୧ ମେ ୨୦୨୬ ପର୍ଯ୍ୟନ୍ତ ଶିକ୍ଷା 'ଓ' ଅନୁସନ୍ଧାନ(ସୋ।ଅ।) ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ। ଦେଶର ସମସ୍ତ ରାଜ୍ୟରୁ ୪୮୪ ଜଣ କାର୍ଯ୍ୟକର୍ତ୍ତା ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିବେ, ଯେଉଁଥିରେ ଏବିଭିପିର ରାଷ୍ଟ୍ରୀୟ ପଦାଧିକାରୀ, ଦେଶବ୍ୟାପୀ ଶିକ୍ଷାନୁଷ୍ଠାନର ଛାତ୍ର କାର୍ଯ୍ୟକର୍ତ୍ତା, ଶିକ୍ଷାବିତ୍ ଏବଂ ବିଭିନ୍ନ ଆୟାମ ଗତିବିଧି ସହିତ ଯୋଡ଼ିତ ପ୍ରତିନିଧିମାନେ କାର୍ଯ୍ୟକର୍ତ୍ତାମାନେ ସହଭାଗ କରିବେ ।

ବୈଠକ ପୂର୍ବରୁ ମେ ୨୭ ତାରିଖରେ କେନ୍ଦ୍ରୀୟ କାର୍ଯ୍ୟସମିତିର ବୈଠକ ଆୟୋଜିତ ହେବ, ଯେଉଁଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ ୧୦୬ ଜଣ କାର୍ଯ୍ୟକର୍ତ୍ତା ଅପେକ୍ଷିତ ରହିବେ। ସେହିପରି ମେ ୨୮ ତାରିଖରେ ଏବିଭିପିର ବିଭିନ୍ନ ଆୟାମ, କାର୍ଯ୍ୟ ଓ ଗତିବିଧି ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ କରାଯିବ। ଏହି ବୈଠକରେ ବର୍ଷବ୍ୟାପୀ ପରିଚାଳିତ ଗତିବିଧି, ହେଉଥିବା କାର୍ଯ୍ୟକ୍ରମ, କାର୍ଯ୍ୟବିସ୍ତାର ଯୋଜନା ଏବଂ ଆଗାମୀ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା ହେବ। କ୍ରୀଡ଼ା, କଳା, ସେବା, ପର୍ଯ୍ୟାବରଣ, ଗବେଷଣା, ଚିକିତ୍ସା, କୃଷି, ପ୍ରଯୁକ୍ତି, ଜନଜାତି ଏବଂ ଆନ୍ତର୍ଜାତୀୟ ବିଦ୍ୟାର୍ଥୀ ସମ୍ପର୍କ ଆଦି ବିବିଧ କ୍ଷେତ୍ରରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରାଯିବ ଏବଂ ବିସ୍ତାରର ଦିଗ ନିର୍ଦ୍ଧାରଣ କରାଯିବ। ବୈଠକର "ନାଗରିକ ସମ୍ବର୍ଦ୍ଧନା ସମାରୋହ' ଆୟୋଜିତ ହେବ। ଏହି ସମାରୋହରେ ଏବିଭିପିର ପୂର୍ବତନ ଏବଂ ବର୍ତ୍ତମାନର କାର୍ଯ୍ୟକର୍ତ୍ତା, ସମାଜ ଜୀବନରେ ବିଭିନ୍ନ କ୍ଷେତ୍ର ସହ ଜଡିତ ପ୍ରବୁଦ୍ଧଜନ, ଶିକ୍ଷାବିତ୍ ଏବଂ ସାମାଜିକ ନେତୃତ୍ୱକର୍ତ୍ତାମାନେ ଉପସ୍ଥିତ ରହିବେ । ଏହି ସମାରୋହରେ ଓଡ଼ିଶା ସରକାରଙ୍କ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ତିନି ଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ବର୍ତ୍ତମାନର ଜାତୀୟ ପରିଦୃଶ୍ୟ, ଶିକ୍ଷା ବ୍ୟବସ୍ଥା, ଯୁବମାନଙ୍କର ଭୂମିକା, ଜାତୀୟ ସୁରକ୍ଷା, ସାମାଜିକ ଓ ଆର୍ଥିକ ବିଷୟ, ସାଂଗଠନିକ ସମୀକ୍ଷା ଏବଂ ବିସ୍ତାର ତଥା ସମସାମୟିକ ଆହ୍ୱାନ ଉପରେ ବୃହତ୍ ବିଚାର- ବିମର୍ଶ, ଚର୍ଚ୍ଚା ହେବ। ଏହି ପରିପ୍ରେକ୍ଷୀରେ 'ଅଖିଳ ଭାରତୀୟ ବିଚାର ବୈଠକ ୨୦୨୫'ର ସମୀକ୍ଷା ଏବଂ 'ସଂଗଠାନାତ୍ମକ ବିଚାର ବୈଠକ ୨୦୨୬'ର ନିର୍ଣ୍ଣୟର ବିସ୍ତୃତ ଚର୍ଚ୍ଚା ହେବ। ସେହିପରି ଅଭିଯାନାତ୍ମକ, କାର୍ଯ୍ୟକ୍ରମାତ୍ମକ ଏବଂ ବିସ୍ତାର ତଥ୍ୟ ସମସାମୟିକ ଅଶ୍ୱିନ ଗନନୀର ବିଚାର ଶିବିକ ୨୦ ୨୭ଟି ସମୀକ୍ଷଣ ଏବଂ ସଂଗଠନାତ୍ମକ ବିଚାର ଏବଂ ସଂଗଠାନତ୍ମକ ବିଷୟର ସମୀକ୍ଷା ସହ ଆଗାମୀ ବର୍ଷର କାର୍ଯ୍ୟଯୋଜନା ମଧ୍ୟ ନିର୍ଦ୍ଧାରଣ କରାଯିବ। ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ହେବା ଉଚିତ ବୋଲି ଦେଶରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରସଂଘ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଚର୍ଚ୍ଚାରେ ସହଭାଗୀ ହେବେ। ସାମ୍ବାଦିକ ସମ୍ମିଳନୀରେ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ କ୍ଷମା ଶର୍ମା, ରାଷ୍ଟ୍ରିୟ ମିଡିଆ ସଂଯୋଜକ ହର୍ଷ ଅତ୍ରି, ପ୍ରଦେଶ ସଂପାଦକ ଦିପ୍ତିମୟୀ ପ୍ରତିହାରୀ ଓ ମହାନଗର ସମ୍ପାଦକ ଗଙ୍ଗାଧର ପାଢ଼ୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୦ ପରୀକ୍ଷାର୍ଥୀ...

ଜଣ ପରୀକ୍ଷାର୍ଥୀ ଏହି ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଓଡିଶା ସିଭିଲ ସର୍ଭିସ୍ (ମୁଖ୍ୟ) ପରୀକ୍ଷା, ୨୦୨୪ ର ଲିଖିତ ପରୀକ୍ଷା ତା ୩୧.୦୧.୨୦୨୬ ରିଖରୁ ତା ୧୦,୦୨,୨୦୨୬ ରିଖ ରେ ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ୨୦୫୮ (୭୦୭ - ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହା ମଧ୍ୟରୁ ୩୮୫ (୧୫୫ -ମହିଳା) ପ୍ରାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତକାର ପରୀକ୍ଷା ପାଇଁ କଟକ ସ୍ଥିତ ଓଡିଶା ଲୋକସେବା ଆୟୋଗର କାର୍ଯ୍ୟାଳୟରେ ତା ୧୪.୦୫.୨୦୨୬ ରିଖରୁ ତା ୨୦.୦୫.୨୦୨୬ ରିଖ ଅବଧି ମଧ୍ୟରେ ଡକାଯାଇଥିଲା ।

ଗତ କିଛି ବର୍ଷ ହେଲା ଓଡିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାର ଦରଖାସ୍ତ ଆହ୍ୱାନରୁ ଫଳାଫଳ ପ୍ରକାଶ ପର୍ଯ୍ୟନ୍ତ ସମୁଦାୟ ପ୍ରକ୍ରିୟା ୨୧/୨୨ ମାସ ସମୟ ଲାଗୁଥିଲା । କିନ୍ତୁ ଏଥର ୧୭ ମାସରେ ଏହି ପରୀକ୍ଷାର ରେଜଲ୍ଟ ପ୍ରକାଶ କରାଯାଇ ପାରିଛି। ଏହାଦ୍ୱାରା ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷାର ବିଭିନ୍ନ ସୋପାନ ସହିତ ଓପିଏସସିର ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାର ତାଳମେଳ ରହିବ।

## ପ୍ରମାଣ ଅଭାବରୁ ...

କରିଥିଲା କ୍ରାଇମ୍ ବ୍ରାଞ୍ଚ। ଉଲ୍ଲେଖଯୋଗ୍ୟ ଯେ ୨୦୧୫ରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ଏକ ଏତଲାରେ ଦର୍ଶାଇଥିଲା ଯେ ଅଲ କାଏଦା ଭାରତରେ ନିଜର ନେଟୱାର୍କ ସଂପ୍ରସାରଣ କରିବା ପାଇଁ ଚେଷ୍ଟା କରୁଛି। ରେହମାନକୁ କମିଶନରେଟ୍ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ୨୦୧୫ ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ଗିରଫ କରିଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ରେହମାନକୁ ଦିଲ୍ଲୀ ନିଆଯିବା ପରେ ସେଠାରେ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସମେତ ଅନ୍ୟ ରାଜ୍ୟର ପୁଲିସ୍ ତାକୁ ଜେରା କରି ତଥ୍ୟ ହାସଲ ପାଇଁ ଉଦ୍ୟମ କରିଥିଲେ। ସେ ଟାଙ୍ଗୀ ଥାନା ଅନ୍ତର୍ଗତ ବିଲତେରୁଆଁ ଅଞ୍ଚଳରେ ଏକ ମଦ୍ରାସା ଖୋଲି ସେଠାରେ ଝାଡ଼ଖଣ୍ଡ, ବିହାର ଅଞ୍ଚଳର ପିଲାଙ୍କୁ ଆଣି ଶିକ୍ଷା ଦେଉଥିଲା। ଓଡିଶା ଲିଙ୍କ୍ ସମ୍ପର୍କରେ ଖୋଳତାଡ ପାଇଁ କ୍ରାଇମବ୍ରାଞ୍ଚ ତାକୁ ଦୁଇଟି ପର୍ଯ୍ୟାୟରେ ୧୭ ଦିନ ରିମାଣ୍ଡରେ ନେଇ ଜେରା କରିଥିଲା। ରେହମାନ ବିରୋଧରେ ପୂର୍ବରୁ କ୍ରାଇମବ୍ରାଞ୍ଚ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତରେ ଅନଲଫୁଲ ଆକ୍ଟିଭିଟିଜ୍(ପ୍ରିଭେନସନ୍) ଆଇନ, ୧୯୬୭ର ଧାରା ୧୬, ୧୭, ୧୮, ୧୮-ବି, ୨୦, ୨୧, ୩୮, ୪୦ ଓ ଆଇପିସିର ଦଫା ୧୨୪-କରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ସବୁ ଦଫାରେ ରୁଜୁ ମାମଲା ଦୌରାଜଜଙ୍କ ନିକଟରେ ବିଚାର ଯୋଗ୍ୟ ହୋଇଥିବା ବେଳେ କଗନିଜାନ୍ସ ଗ୍ରହଣ ପରେ ମାମଲା ସାଲେପୁର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରୁ କଟକ ଜିଲ୍ଲା ଓ ଦୌରା ଜଜ୍ ଅଦାଲତକୁ ଶୁଣାଣି ପାଇଁ ସ୍ଥାନାନ୍ତର ହୋଇଥିଲା।

## କ୍ୱାଡ୍ ବୈଦେଶିକ ...

ରଣନୈତିକ ବୈଠକର ଫଳାଫଳ ସେୟାର୍ କରିଥିଲେ ଏବଂ କହିଥିଲେ ଯେ, ଆଜିର ବିଶ୍ୱରେ ଆମର ପାରସ୍ପରିକ ସହଯୋଗ କେତେ ନିକଟତର, ଯେଉଁଠି ଗୋଟିଏ ପଟେ ଅନେକ ଆହ୍ୱାନ ରହିଛି ଏବଂ ଅନ୍ୟ ପଟେ ଅନେକ ସୁଯୋଗ ରହିଛି, ଏହି ସଫଳ ବୈଠକ ଏହା ଦର୍ଶାଉଛି। ବୈଠକ ପରେ ଜାରି ହୋଇଥିବା ମିଳିତ ବିବୃତ୍ତି ଏବଂ ତଥ୍ୟ ପତ୍ରରେ ବୈଠକର ନିଷ୍ପତ୍ତି, ପଦକ୍ଷେପ ଏବଂ ଅନ୍ୟାନ୍ୟ ରଣନୈତିକ ସହଯୋଗ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା।

## ୩୦ରୁ ...

ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଏସ ଆଇ ଆର କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ।

## ଅଗ୍ରଗତି ପାଇଁ ...

ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ଅଧିକ ଆର୍ଦ୍ରତାରେ ବଢ଼ିଛି ଗୁଳୁଗୁଳି। ସମ୍ବଲପୁରରେ ସର୍ବାଧିକ ତାତି ରେକର୍ଡ ହୋଇଛି। ମଙ୍ଗଳବାର ଦିନ ସାଢେ ୨ଟା ସୁଦ୍ଧା ପାଣିପାଗ ବିଭାଗ ସୂଚନା ଦେଇଛି। ହୀରାକୁଦରେ ୪୩ ଡିଗ୍ରୀ ଏବଂ ଝାରସୁଗୁଡ଼ାରେ ୪୨.୨ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୩୮ ଡିଗ୍ରୀ ଏବଂ ଚାନ୍ଦବାଲିରେ ୩୭.୮ ଡିଗ୍ରୀ ରେକର୍ଡ ହୋଇଛି । ହେଲେ ଭୁବନେଶ୍ୱରରେ ସର୍ବାଧିକ ୬୨ ପ୍ରତିଶତ ହିମୁଡିଟି ରେକର୍ଡ ହୋଇଛି ।

## ଇବୋଲା ଭୂତାଣୁକୁ ...

ଏହା କ୍ରମଶଃ ମାରାତ୍ମକ ହେଉଛି। ଏହାକୁ ଦୃଷ୍ଟିରେ ରଖି, 'ହୁ' ଏକ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିଛି। ହୁ ବିଜ୍ଞପ୍ତି ପରେ, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ସମସ୍ତ ବିମାନବନ୍ଦର ପାଇଁ ଏସ୍ଓପିଏବଂ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛି, ସେମାନଙ୍କୁ କୋଭିଡ୍-୧୯ ଭଳି ପ୍ରୋଟୋକଲ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛି।

# ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ବିଜେତାଙ୍କ ଇସ୍ରୋ ପରିଭ୍ରମଣ

## ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଶିକ୍ଷାଭିତ୍ତିକ ପରିଭ୍ରମଣର ଶୁଭାରମ୍ଭ କଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ରମାନଙ୍କ ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ନିଶ୍ଚିତ ଭାବେ ଏକ ସୁଯୋଗ । ଏହି ସୁଯୋଗକୁ ସଫଳ ରୂପାୟନ ପାଇଁ ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସତୀଶ ଧାୱନ ମହାକାଶ କେନ୍ଦ୍ରକୁ ଗସ୍ତ କରିଛନ୍ତି ।'ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ' (ୟାଟ୍ସ)ର ୩୦ଜଣ କୃତୀ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏହି ଗସ୍ତ ମେ ୨୬ ତାରିଖରୁ ମେ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ ସହଯୋଗିତାରେ ଆୟୋଜିତ ୧୯ତମ ସଂସ୍କରଣରେ ସାରା ରାଜ୍ୟର ୭୬,୭୦୦ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ଇସ୍ରୋ ଗସ୍ତ ପାଇଁ ମନୋନୀତ କରାଯାଇଥିଲା।

ଏହି ଶିକ୍ଷାଭିତ୍ତିକ ଗସ୍ତର ଶୁଭାରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତିଯେ ପ୍ରଥମ ଥର ପାଇଁ ୟାଟ୍ସ ବିଜେତାମାନେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଇସ୍ରୋ ପ୍ରତିଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହି ଶିକ୍ଷାଭିତ୍ତିକ ପରିଭ୍ରମଣରେ ସେମାନେ ମହାକାଶ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇବେ। ଏହି ଯୁବ ଜ୍ୟୋତିର୍ବିଜ୍ଞାନୀମାନେ ଆଗାମୀ ଦିନରେ ପ୍ରସିଦ୍ଧ ବୈଜ୍ଞାନିକ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟୋରିୟମ ଅଧକ୍ଷା ଚିତ୍ରା ଅରୁମୁଗମ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟର ପରିଭ୍ରମଣରେ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମହାକାଶ ଅନୁସନ୍ଧାନକାରୀଙ୍କ ମଧ୍ୟରେ ସାମିଲ ହେବା ପାଇଁ କଠିନ ପରିଶ୍ରମ ଓ ବୁଦ୍ଧିମତ୍ତାର ସହ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି,ପଠାଣି ସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଊର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ଭାରତର ମହାକାଶ ମିଶନ, ଲଞ୍ଚ୍ ଭେହିକିଲ ସିଷ୍ଟମ୍,ସାଟେଲାଇଟ୍ ଟେକ୍ନୋଲୋଜୀ ଏବଂ ଟ୍ରାକିଂ କାର୍ଯ୍ୟକଳାପ ବିଷୟରେ ଅଧିକ ଜାଣିପାରିବେ। 'ଆଜିର ନକ୍ଷତ୍ରଦର୍ଶୀ ବୁଧବାର ମହାକାଶଚାରୀ' ବିଷୟବସ୍ତୁ ଉପରେ ଆଧାରିତ ୟାଟ୍ସର ୨୦୨୫-୨୬ ସଂସ୍କରଣର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଳ୍ପନାଶକ୍ତିର ବିକାଶ କରିବା ଏବଂ ବୈଜ୍ଞାନିକ ମନୋଭାବକୁ ସୁଦୃଢ଼ କରିବା।

# ବିଏମ୍ ସିର ୪୧ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ୪୧ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ଜୋନାଲ କମିଶନର ଅଶନୀ ଏ.ଏଲ୍. ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷା, ଅଧକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରୁ କମିଶନର ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଜନସାଧାରଣ, ବୁଲା ପଶୁ ପକ୍ଷୀଙ୍କ ସହ ପରିବେଶର ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଗ୍ରୀଷ୍ମ ପ୍ରବାହରୁ ପଥଚାରୀଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ବରୁ କେବଳ ଏଜି ଛକରେ ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା। ଏବେ ରୁପାଲୀ ଛକ ଓ ପାୱାର ହଉସ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଉଥିବା ଅବଗତ କରାଇଥିଲେ । ସେହିପରି ବିଭିନ୍ନ ଅଂଚଳରୁ ଆସୁଥିବା ଲୋକେ କିମ୍ବା ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କୁ ପ୍ରବଳ ଖରାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ସେଥିରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି। ଆଗାମୀ ଦିନରେ ଆଉ ଦୁଇଟି ଶୀତଳ ବିଶ୍ରାମସ୍ଥଳ ଖୋଲା ଯିବ। କେବଳ ସେତିକି ନୁହେଁ, ସହର ଭିତରେ ଥିବା ୧୦ ଗୋଟି ପ୍ରମୁଖ ସ୍ଥାନରେ ଶୀତଳ ବସ୍ ଷ୍ଟପ୍ ସ୍ଥାପନ କରାଯିବ । ସେହିପରି ପ୍ରତ୍ୟେକ ୱାର୍ଡରେ ହେବ ମଲ୍ଟି ପରପୋଜ୍ ରେଷ୍ଟ ସେଡ୍ ନିର୍ମାଣ କରିବା ପାଇଁ ମଧ୍ୟ ଯୋଜନା ରହିଥିବା କୁହାଯାଇଛି। ଏହି ସବୁସ୍ଥାନରେ ବେଣାଚେରରେ ଶୀତଳ ଛାୟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ପ୍ରାକୃତିକ ଉପାୟରେ ଲୋକମାନଙ୍କୁ ଥଣ୍ଡା ପବନ ଯୋଗାଇବା ସହ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ ବୋଲି କୁହାଯାଇଛି । ଲୋକମାନଙ୍କୁ ଖରାଦିନେ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସହରରେ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନରେ ୪୦ ଗୋଟି ସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇଛି ।

# ଧଉଳି ମାଷ୍ଟର ପ୍ଲାନ-ପୁନର୍ବିକାଶ : ଇଭି ସୁବିଧା ଏବଂ ରଥଯାତ୍ରା ପର୍ଯ୍ୟଟନ ଯୋଜନାର ସମୀକ୍ଷା କଲେ ପ୍ରଭାତୀ ପରିଡା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଅଧକ୍ଷତା କରିଛନ୍ତି। ଏହି ବୈଠକରେ ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ଆଲୋଚନା ହୋଇଥିଲା। ଶ୍ରୀମତୀ ପରିଡ଼ା ଧଉଳି ଆଖପାଖରେ ହେବାକୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଧଉଳି ମାଷ୍ଟର ପ୍ଲାନର ଏକ ଅଂଶ ସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ବୈଦ୍ୟୁତିକ ଯାନ (ଇଭି)ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ବିବିଏସଆର (ଭୁବନେଶ୍ୱର)-ପୁରୀ କରିଡର ମଧ୍ୟରେ ଥିବା କପିଳେଶ୍ୱର ଏବଂ ସୁଖମେଶ୍ୱର ମନ୍ଦିର ସହିତ ଦାସିଆ ବାଉରୀ ପୀଠ ଏବଂ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରୀ ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ହୋମଷ୍ଟେ , ଆଡଭେଂଚର ପର୍ଯ୍ୟଟନ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତା ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିମଳ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ଓଡ଼ିଶାକୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସାଂସ୍କୃତିକ ଭିତିକ ସମୃଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢ଼ିତୋଳିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମନ୍ତ୍ରୀ ପର୍ଯ୍ୟଟନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ନୀତି ଓ ଯୋଜନାର ସମୀକ୍ଷା କରିଥିଲେ ଏବଂ ପର୍ଯ୍ୟଟନ ଭିତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଦ୍ୱାରା ସଠିକ୍ ସମୟରେ ପୁଞ୍ଜିନିବେଶ ସବସିଡି ପ୍ରଦାନ ଏବଂ ହସ୍ପିଟାଲିଟି ପ୍ରକଳ୍ପଗୁଡ଼ିକର ଠିକ୍ ସମୟରେ ମଞ୍ଜୁରୀ ପାଇଁ କରାଯାଇଥିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

# ଶିମିଳିପାଳରେ ପ୍ରସ୍ତାବିତ ରିସୋର୍ଟ ପ୍ରକଳ୍ପ ଉପରେ ଏନ୍ଜିଟି ଛାଟ



**ବାରିପଦା, ନ୍ୟୁଜ ବ୍ୟୁରୋ**

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍ (ଏନ୍ଜିଟି) ପୂର୍ବ ଅଞ୍ଚଳ ବେଞ୍ଚ୍ (କୋଲକାତା)ର ନ୍ୟାୟମୂର୍ତ୍ତି ଅରୁଣ କୁମାର ତ୍ୟାଗୀ ଓ ଇଶ୍ୱର ସିଂହଙ୍କ ଖଣ୍ଡପୀଠରେ ମଙ୍ଗଳବାର ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳ ନିକଟରେ ପ୍ରସ୍ତାବିତ ହୋଟେଲ/ରିସର୍ଟ ପ୍ରକଳ୍ପ ସମ୍ବନ୍ଧୀୟ ମାମଲାର ଶୁଣାଣି କରି ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଅଧିବକ୍ତା ଆକାଶ ଶର୍ମା ମାମଲାର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ପ୍ରତିବାଦୀ ନଂ ୧ ଓ ୩, ଅର୍ଥାତ୍ ଓଡ଼ିଶା ସରକାର ଓ ବାରିପଦା ଫରେଷ୍ଟ ଡିଭିଜନର ଡିଏଫ୍ଓ ଟ୍ରିବ୍ୟୁନାଲ୍ରେ ଉପସ୍ଥିତ ଥିଲେ। ପ୍ରତିବାଦୀ ନଂ ୫, ହୋଟେଲ ସୋନାର ବାଙ୍ଗ୍ଲା ମଧ୍ୟ ମାମଲାରେ ହାଜର ହୋଇଥିଲେ। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାନ୍ୟବର ଟ୍ରିବ୍ୟୁନାଲ୍ ଆବେଦକଙ୍କ ଅନ୍ତରୀଣ ପ୍ରାର୍ଥନା ଅନୁଯାୟୀ ରହିତା ଦେଶ ଜାରି କରିଛନ୍ତି। ଶୁଣାଣି ସମୟରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର ଏବଂ ଡିଏଫଓ ଟ୍ରିବ୍ୟୁନାଲ୍ ସମ୍ମୁଖରେ କହିଥିଲେ ଯେ ରହିତା ଦେଶ ଜାରି ହେଲେ ତାଙ୍କ ପକ୍ଷରୁ କୌଣସି ଆପତ୍ତି ନାହିଁ।

ଏହାପରେ ଟ୍ରିବ୍ୟୁନାଲ୍ ପ୍ରତିବାଦି ଇଡକୋ, ଇପିକଲ୍ ଓ ହୋଟେଲ ସୋନାର ବାଙ୍ଗ୍ଲାକୁ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ତହସିଲ ଅନ୍ତର୍ଗତ ମୌଜା ଲକ୍ଷ୍ମୀପୋଷି, ଖାତା ନଂ ୧୨୩, ପ୍ଲଟ ନଂ ୧୩୮ ଉପରେ କୌଣସି ପ୍ରକାର ନିର୍ମାଣ କିମ୍ବା ସମ୍ବନ୍ଧିତ କାର୍ଯ୍ୟ କରିବାରୁ ବିରତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାଟି ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳର ଇକୋ ସେନ୍ସିଟିଭ୍ ଜୋନ୍ ଭିତରେ ଅବସ୍ଥିତ ପ୍ରାୟ ୧୦୦ ଏକର ପରିମାଣର ପରିବେଶ ସମ୍ବେଦନଶୀଳ ଜଙ୍ଗଲ ଓ ପାହାଡ଼ିଆ ଜମିକୁ ଏକ ବେସରକାରୀ ହୋଟେଲ/ରିସର୍ଟ ପ୍ରକଳ୍ପ ପାଇଁ ବ୍ୟବହାର କରିବା ପ୍ରସ୍ତାବକୁ ନେଇ ଦାଖଲ କରାଯାଇଛି। ଆବେଦକଙ୍କ ଅଭିଯୋଗ ଅନୁଯାୟୀ, ଏହି ଜମିଟି ଘନ ଶାଳ ଜଙ୍ଗଲ ଓ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଅଟେ। ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳ ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ କରିଡୋର ଭାବେ କାର୍ଯ୍ୟ କରୁଛି। ମାମଲାଟି ବର୍ତ୍ତମାନ ଟ୍ରିବ୍ୟୁନାଲ୍ରେ ବିଚାରାଧୀନ ଅଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ରେ ଧାର୍ଯ୍ୟ କରାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 11-KUR-TRD-OT-2026-27

**କାର୍ଯ୍ୟର ନାମ :** ତିନି ବର୍ଷ ପାଇଁ ବାହ୍ୟ ଏଜେନ୍ସି ଜରିଆରେ ଜଖପୁରା (JKPR)-ଜରୋଲି (JRLI) ସେକ୍ସନରେ ନୟାଗଡ଼ (NYG) ଷ୍ଟେସନଠାରେ ଲୋଡ଼ିଙ୍ଗ/ ଅନଲୋଡ଼ିଙ୍ଗ ଲାଇନରେ ଆଇସୋଲେଟର ଗୁଡ଼ିକର ପରିଚାଳନା।

**ବିଜ୍ଞାପିତ ମୂଲ୍ୟ :** ₹ 34,24,711.05, EMD : ₹ 68,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 3,540/-, ଶେଷ ହେବା ଅବଧି : 1095 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.05.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ଼
PR-185/R/26-27

# ବେଆଇନ ଆଇପିଏଲ୍ ବେଟିଂ : ୧୮ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ଆଇପିଏଲ-୨୦୨୬ ମହାସମର ମଧ୍ୟରେ ରାଜ୍ୟରେ ବେଆଇନ ଆଇପିଏଲ୍ ବେଟିଂ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରି ପୋଲିସ ବେଟିଂ ରାକେଟ୍ ର ପର୍ଦ୍ଦାଫାଶ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ମୋବାଇଲ୍ ଏବଂ ଗାଡ଼ି ଜବତ କରିଛି । ପୋଲିସର ସୂଚନା ଅନୁଯାୟୀ, ସାରା ରାଜ୍ୟରେ ଆଇପିଏଲ ବେଟିଂ ସଂକ୍ରାନ୍ତରେ ମୋଟ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ପୋଲିସ ବିପୁଳ ପରିମାଣର ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ସାରା ରାଜ୍ୟରୁ ମୋଟ ୩୬ ଲକ୍ଷ ୮୫ ହଜାର ୨୦୦ ଟଙ୍କାର ନଗଦ ରାଶି ଜବତ କରାଯାଇଥିବା ବେଳେ ବେଟିଂ କାରବାରରେ ବ୍ୟବହୃତ ବିଭିନ୍ନ ବ୍ୟାଙ୍କ ଆକାଉଂଟରୁ ୩୯ ଲକ୍ଷ ୪୨ ହଜାର ୬୧୧ ଟଙ୍କା ଫ୍ରିଜ୍ କରାଯାଇଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ୨ଟି କାର୍ ଏବଂ ୧୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ବିଭିନ୍ନ ଜିଲ୍ଲାରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଦେଖିଲେ, ବେଟିଂ କାରବାର ବିରୋଧରେ ପୁରୀ ପୋଲିସକୁ ସବୁଠାରୁ ବଡ଼ ସଫଳତା ମିଳିଛି । ପୁରୀ ଜିଲ୍ଲାରେ ୧ଟି ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ସର୍ବାଧିକ ୨୫ ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି ଏବଂ ବ୍ୟାଙ୍କ ଆକାଉଂଟରେ ଥିବା ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କାକୁ ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ୍ ଜବତ କରାଯାଇଛି।

ଭୁବନେଶ୍ୱର, ୨୭ ମଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବଳିଆପଣ୍ଡା ବୋମାମାଡ଼ ଘଟଣା : ମୁଖ୍ୟ ଅଭିଯୁକ୍ତର ଜାମିନ୍ ଆବେଦନ ହାଇକୋର୍ଟରେ ଖାରଜ

କଟକ,୨୬/୦୫
ନ୍ୟୁଜ ବ୍ୟୁରୋ

ପୁରୀ ବଳିଆପଣ୍ଡାଠାରେ ହୋଇଥିବା ବୋମାମାଡ଼ ଘଟଣାରେ ଅଭିଯୁକ୍ତ ଧୀରେନ୍ଦ୍ରନାଥ ବରାଳ ଓରଫ ପପୁର ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ମାମଲାରୁ ପ୍ରକାଶ ଯେ, ବଳିଆପଣ୍ଡା ହାଉସିଂହବୋର୍ଡ କଲୋନିସ୍ଥିତ ସ୍ୱପ୍ନା ଇନ୍ ହୋଟେଲ୍ର ମାଲିକ ଶିବୁନା ପଲେଇ ଓ ତାଙ୍କ ବନ୍ଧୁମାନଙ୍କ ଉପରକୁ ଫେବ୍ରୁୟାରୀ ୧୦ ତାରିଖରେ ବୋମାମାଡ଼ ହୋଇଥିଲା। ଲୋକନାଥ ରାସ୍ତା ପଟୁ ଦୁଇଜଣ ଅଭିଯୁକ୍ତ ଏକ ସ୍କୁଟିରେ ଆସି ତିନୋଟି ବୋମା ଫିଙ୍ଗିଥିଲେ। ସୌଭାଗ୍ୟବଶତଃ ଶିବୁନା ଓ ତାଙ୍କ ସାଙ୍ଗମାନଙ୍କର ବିଶେଷ କ୍ଷତି ହୋଇ ନଥିଲା। ତେବେ ଏହା ପ୍ରଭାବରେ ହୋଟେଲ୍ର କାଚ ଝରକା, କବାଟ ଓ କାନ୍ଥଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପରେ ଶିବୁନା ବଳିଆପଣ୍ଡା ଥାନାରେ ଏତଲା ଦେବା ପରେ ପୁଲିସ୍ ଅଭିଯୁକ୍ତ ପପୁ ସହିତ ଅନ୍ୟମାନଙ୍କୁ ଗିରଫ କରିଥିଲା।

ଆବେଦନକାରୀ ଏବେ ୬୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଏଭଳି ଅପରାଧ ଘଟାଇ ପାରିବେନି ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। କିନ୍ତୁ ପୂର୍ବରୁ ଆବେଦନକାରୀ ୩୮ଟି ଅପରାଧିକ ମାମଲାରେ ଜଡ଼ିତ ଥିବାରୁ ତାଙ୍କୁ ଅଭ୍ୟାସଗତ ଅପରାଧୀ ଭାବେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଜାମିନ୍ରେ ବାହାରିଲେ ସେ ପୁଣି ଏଭଳି ଅପରାଧିକ କାଣ୍ଡ ଘଟାଇ ପାରନ୍ତି ବୋଲି ଆଶଙ୍କା କରାଯାଇଥିଲା। ଏଥିସହିତ ଘଟଣା ଦିନର ସିସିଟିଭି ଫୁଟେଜ୍ରେ ଆବେଦନକାରୀ ଘଟଣାସ୍ଥଳରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିବା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ତେବେ ଉଭୟ ପକ୍ଷର ଯୁକ୍ତିକୁ ବିଚାରକୁ ନେଇ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଆବେଦନକାରୀଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ। ସରକାରଙ୍କ ପକ୍ଷରୁ ଏଜିଏ ସର୍ବେଶ୍ୱର ବେହେରା ମାମଲା ପରିଚାଳନା କରୁଥିଲେ।



# ସୁରୁଖୁରୁରେ ଚାଲିଛି ତିନି ରଥର ନିର୍ମାଣ କାମ : ଚାଲିଛି ଚଉପଟ କାର୍ଯ୍ୟ

ପୁରୀ ୨୬।୦୫
ନ୍ୟୁଜ ବ୍ୟୁରୋ

ରଥଯାତ୍ରା ଯେତିକି ପାଖେଇ ଆସୁଛି ରଥ ନିର୍ମାଣ ସହିତ ପ୍ରଶାସନିକ କ୍ଷେତ୍ରରେ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟକୁ ବିଶ୍ୱକର୍ମା, ଭୋଇ, କରତୀ, କମାର, ରୂପକାର ଓ ପାହି ମହାରଣାମାନେ ସୁରୁଖୁରୁରେ ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। ସୋମବାର ତିନି ରଥର ପାଞ୍ଚ ଦଣ୍ଡା ଅନୁକୂଳ ପୂଜା ପରେ ମହାରଣାମାନେ ଚଉପଟ କାର୍ଯ୍ୟ ଜାରୀ ରଖିଛନ୍ତି। ଏହାପରେ ତିନି ରଥର ଚକ-ଅଖର ଦିଗ ନିର୍ଣ୍ଣୟ କରାଯିବା ସହ ଏହାକୁ ବାନ୍ଧି ରଖିବା ପାଇଁ ଚକ-ଅଖ ଉପରକୁ ପାର୍ଶ୍ୱ ଦଣ୍ଡା ଉଠିବ। ସ୍ନାନଯାତ୍ରା ଓ ରଥଯାତ୍ରା ପାଖେଇ ଆସୁଥିବାରୁ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ରହିଛି। ଶୃଙ୍ଖଳିତ ନୀତି କାନ୍ତି, ଠାକୁରଙ୍କ ପହଣ୍ଡି, ରଥଟଣା, ଭକ୍ତଙ୍କ ଦର୍ଶନ, ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ କିଭଳି ରହିବ ସେନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଛି।



# କିମ୍ସ କାର୍ଡିଆକ୍ ସର୍ଜନ ଚିକାଗୋ ଏଏଟିଏସ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନୀତ



ଭୁବନେଶ୍ୱର, ୨୬ ।୫
ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର କିମ୍ସ ହୃଦ୍ ସର୍ଜନ୍ ଡା. ସତ୍ୟଜିତ୍ ସାମଲ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛନ୍ତି । ଉନ୍ନତ ହୃଦୟ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଏଟିଏସ ଫାଉଣ୍ଡେସନରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇବାରେ ଡା. ସାମଲ ହେଉଛନ୍ତି ଓଡ଼ିଶାର ପ୍ରଥମ କାର୍ଡିଓଥୋରାସିକ୍ ସର୍ଜନ । ମେ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋରେ ଅନୁଷ୍ଠିତ ୧୦୬ ତମ ଏଏଟିଏସ ବାର୍ଷିକ ବୈଠକ ଅବସରରେ ଡା. ସାମଲଙ୍କୁ ଆମେରିକୀୟ ଆସୋସିଏସନ୍ ଫର ଥୋରାସିକ୍ ସର୍ଜରୀ (ଏଏଟିଏସ) ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ୨୦୨୬ ମୁସଲେମ୍ କଞ୍ଜେନିଟାଲ୍ ହାର୍ଟ ଡିଜିଜ୍ (ସିଏଚଡି) ଆଲାଏନ୍ସ ଟ୍ରାଭେଲ୍ ଗ୍ରାଣ୍ଟ’ ପ୍ରଦାନ କରାଯାଇଛି । ଏହି ପୁରସ୍କାର ହୃଦରୋଗ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନକୁ ସମ୍ମାନିତ କରିବା ସହ କିମ୍ସରେ କରାଯାଉଥିବା ଉନ୍ନତ ହୃଦରୋଗ ଚିକିତ୍ସା ଏବଂ ପ୍ରତିରୋପଣରେ ଅନ୍ତର୍ଜାତୀୟ ସହଯୋଗ, ପରାମର୍ଶ ଏବଂ ଉତ୍କୃଷ୍ଟ ତାଲିମ ସଂପର୍କରେ ପ୍ରତିପାଦିତ କରୁଛି । ସୂଚନାଯୋଗ୍ୟ ଯେ, ଏଏଟିଏସକୁ ହୃଦ୍ ଥୋରାସିକ୍ ସର୍ଜରୀ କ୍ଷେତ୍ରରେ ବିଶ୍ୱର ସର୍ବବୃହତ, ସବୁଠାରୁ ଉନ୍ନତ ଏବଂ ପ୍ରମୁଖ ସଂଗଠନ ଭାବରେ ବିବେଚନା କରାଯାଏ । ହୃଦ୍ ଥୋରାସିକ୍ ସର୍ଜରୀ, ଗବେଷଣା, ନବସର୍ଜନା ଏବଂ ଶିକ୍ଷାଗତ ଉତ୍କର୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱର ଖ୍ୟାତି ସଂପନ୍ନ ସର୍ଜନମାନଙ୍କୁ ଏଏଟିଏସ ଫାଉଣ୍ଡେସନ୍ ଦ୍ୱାରା ମନୋନୀତ କରାଯାଇ ସମ୍ମାନିତ କରାଯାଇଥାଏ। ଏଭଳି ସମ୍ମାନ ପାଇଁ କିମ୍ସ ଓ ଏଏଟିଏସ ଫାଉଣ୍ଡେସନକୁ ଡା. ସାମଲ କୃତଜ୍ଞତା ଜଣାଇଛନ୍ତି । ଚିକାଗୋରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଡା. ସାମଲ ବିଶ୍ୱର ପ୍ରମୁଖ ହୃଦ୍ ଥୋରାସିକ୍ ସର୍ଜନଙ୍କଠାରୁ ହୃଦୟ ପ୍ରତିରୋପଣ ଏବଂ ଅନ୍ୟାନ୍ୟ ଉନ୍ନତ ହୃଦ୍ ଥୋରାସିକ୍ ଶଲ୍ୟଚିକିତ୍ସା ପ୍ରକ୍ରିୟା ସଂପର୍କରେ ବିଶେଷ ପରାମର୍ଶ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ । ଏଏଟିଏସ ପ୍ଲାଟଫର୍ମ ମାଧ୍ୟମରେ ସୃଷ୍ଟି ହୋଇଥିବା ସଂପର୍କ କିମ୍ସରେ ଉନ୍ନତ ହୃଦରୋଗ ଚିକିତ୍ସାକୁ ସୁଦୃଢ଼ କରିବା ସହ କିମ୍ସରେ ଏକ ବ୍ୟାପକ ହୃଦରୋଗ ପ୍ରତିରୋପଣ କାର୍ଯ୍ୟକ୍ରମ ପାଇଁ ଅଧିକ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡା. ସାମଲ କହିଛନ୍ତି । ଡା. ସାମଲଙ୍କ ସଫଳତାରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଡା. ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସମ୍ମାନ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଉତ୍କର୍ଷତା ଏବଂ ସ୍ୱତନ୍ତ୍ର ହୃଦରୋଗ ସେବା ପାଇଁ କିମ୍ସର କାମକୁ ଆହୁରି ସୁଦୃଢ଼ କରିବ ବୋଲି ଡ. ସାମନ୍ତ କହିଛନ୍ତି ।

# ସାନିଟାରୀ ନାପକିନ୍ ଅଭାବ ଯୋଗୁ ଝିଅଙ୍କ ପାଠପଢ଼ା ପ୍ରଭାବିତ ନହେଉ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୬/୦୫

ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀକ୍ରମେ ସ୍କୁଲରେ ସାନିଟାରୀ ନାପକିନ୍ ଏବଂ ଶୌଚାଳୟ ଅଭାବ ଯୋଗୁ ଝିଅଙ୍କ ପାଠପଢ଼ା ପ୍ରଭାବିତ ନହେଉ ବୋଲି କହିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କୁ ଜାନୁଆରୀ ୩୦ ତାରିଖର ରାୟକୁ ସଂପୂର୍ଣ୍ଣ ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ପ୍ରଗତି ସଂପର୍କରେ କୋର୍ଟ ପ୍ରତି ୩ ମାସରେ ଅନୁଧ୍ୟାନ କରିବେ । ତେଣୁ ଏଥିନେଇ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ପ୍ରତି ୩ ମାସରେ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧ରେ ହେବ । ମଙ୍ଗଳବାର ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ସମୟରେ କେନ୍ଦ୍ର ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଅର୍ଚ୍ଚନା ପାଠକ ଦାଭେ ଜାନୁଆରୀ ୩୦ର ରାୟ ସଂପର୍କିତ ଏକ ଅନୁପାଳନ ରିପୋର୍ଟ ଦାଖଲ କରିଥିଲେ।

ସେଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ଦର୍ଶାଯାଇଥିଲା । ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ଦିଗରେ ପ୍ରୟାସକୁ ତ୍ୱରିତ କରିଥିବା ସେ କହିଥିଲେ। ଏହାପରେ ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ସମସ୍ତ ରାଜ୍ୟ ନିକଟରୁ ନିୟମିତ ଭାବେ ଏଥିନେଇ ତଥ୍ୟ ସଂଗ୍ରହ କରାଯାଉଛି କି ବୋଲି ପଚାରିଥିଲେ । ଏଥିସହ ଆଗକୁ ମଧ୍ୟ ରାଜ୍ୟଗୁଡିକର ମାର୍ଗଦର୍ଶନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଖଣ୍ଡପୀଠ ଆହୁରି କହିଥିଲେ ଯେ, ଜାନୁଆରୀ ୩୦ରେ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ରାୟର ଠିକ୍ ଉପଯୋଗ ହେବା ଉଚିତ୍। ଏହା ସିଧାସଳଖ ଭାବେ ଝିଅଙ୍କ ଶିକ୍ଷାକୁ ପ୍ରଭାବିତ କରୁଥିବାରୁ ଅଧିକରୁ ଅଧିକ ଛାତ୍ରୀ ଯେପରି ଏହାର ଲାଭ ପାଇବେ ତାହା ସୁନିଶ୍ଚିତ କରାଯିବା ଦରକାର । ସାନିଟାରୀ ନାପକିନ୍ ଏବଂ ଶୌଚାଳୟ ଅଭାବ ଯୋଗୁ ଝିଅଙ୍କ ପାଠପଢା ପ୍ରଭାବିତ ନ ହେଉ। ସେମାନେ ଏଥିଲାଗି ପାଠପଢା ଛାଡି ଘରେ ନ ବସନ୍ତୁ । ଏହା ପୂର୍ବରୁ ଜାନୁଆରୀ ୩୦ର ରାୟରେ ସୁପ୍ରିମକୋର୍ଟ କହିଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନର ଅଧିକାରରେ ଋତୁସ୍ରାବ ସ୍ୱାସ୍ଥ୍ୟର ଅଧିକାର ବି ସାମିଲ । ତେଣୁ ସହର ଏବଂ ଗ୍ରାମାଞ୍ଚଳର ସମସ୍ତ ସରକାରୀ ଘରୋଇ ସ୍କୁଲରେ ମାଗଣାରେ ଛାତ୍ରୀମାନଙ୍କୁ ସାନିଟାରୀ ନାପକିନ୍ ଉପଲବ୍ଧ କରାଯାଉ। ପ୍ରାଥମିକତା ଆଧାରରେ ଏହାକୁ ଶୌଚାଳୟ ପରିସରରେ ଭେଣ୍ଡିଂ ମେସିନ ଜରିଆରେ ଉପଲବ୍ଧ କରାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

# ଭିଜିଲାନ୍ସ କୋର୍ଟଙ୍କ ରାୟ : ପୂର୍ବତନ ବ୍ଲକ୍ କିରାଣୀଙ୍କୁ ୨ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୨୬/୦୫
ନ୍ୟୁଜ ବ୍ୟୁରୋ

କେନ୍ଦୁଝରଜିଲ୍ଲା ଚମ୍ପୁଆ ବ୍ଲକ୍ର ପୂର୍ବତନ ଉନ୍ନୟନ କିରାଣୀ ତଥା ଷ୍ଟୋର ଇନ୍ ଚାର୍ଜ ଶରତ ଚନ୍ଦ୍ର ନନ୍ଦ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୦୪-୦୫ ଓ ୨୦୦୫-୦୬ ମଧ୍ୟରେ ସେ ବ୍ଲକ୍ର ଗଚ୍ଛିତ ସିମେଣ୍ଟର ଗଣତି ଓ ହିସାବ ଖାତାରେ ଗୋଳମାଳ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିଲେ। ଏହି ଘଟଣାରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଆଇପିସିର ଦଫା ୪୦୯, ୪୬୮, ୪୭୧ ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାଲେଶ୍ୱର ଡିଭିଜନ୍ର ପୂର୍ବତନ ଭିଜିଲାନ୍ସ ଡିଏସ୍ପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ତଦନ୍ତରେ ଉକ୍ତ ଅଭିଯୁକ୍ତ କିରାଣୀଙ୍କ ବିରୋଧରେ ସମସ୍ତ ପ୍ରମାଣ ଯୋଗାଡ଼ କରିଥିଲା। ଦାଖଲ ହୋଇଥିବା ସମସ୍ତ ପ୍ରମାଣ ଓ ସାକ୍ଷ୍ୟ ଆଧାରରେ ମଙ୍ଗଳବାର କେନ୍ଦୁଝରର ଭିଜିଲାନ୍ସ କୋର୍ଟ ଶରତ ନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ କାରାଦଣ୍ଡ ଓ ୧୦ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡ ଘୋଷଣା ପରେ ସମ୍ପ୍ରତି ଅବସର ଗ୍ରହଣ କରିଥିବା ଦୋଷୀ କିରାଣୀଙ୍କ ପେନ୍ସନ ଆଦି ବନ୍ଦ କରିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ଏହି ମାମଲାକୁ ସରକାରୀ ଓକିଲ ବଳଭଦ୍ର ନନ୍ଦ ଓ ବିଶ୍ୱଜିତ କୁମାର ପରିଚାଳନା କରୁଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୬/୦୫/୨୦୨୬
୫,୧୦,୬୬୧/- ଟଙ୍କା
ସୁନା:- ୦୦ ଗ୍ରାମ୍ ୯୫୦ ମିଲିଗ୍ରାମ
ରୂପା:- ୨୧ଗ୍ରାମ୍ ୬୦୦ ମିଲିଗ୍ରାମ

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ବିଜେଡି ଲିଗାଲ ଫ୍ରଣ୍ଟ



ଭୁବନେଶ୍ୱର , ୨୬ /୦୫
ନ୍ୟୁଜ ବ୍ୟୁରୋ

ବିଜେଡି ଲିଗାଲ ଫ୍ରଣ୍ଟର ସଭ୍ୟମାନେ ମଙ୍ଗଳବାର ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ହେଇଥିଲେ। ସେହିପରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ ଫ୍ରଣ୍ଟର ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ। ଏହା ସହିତ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ମିଳନ କାନୁନଗୋ, ମନୋଜ ବର୍ମା, ସିଦ୍ଧାର୍ଥ ଦାସ ଓ ସୁରେଶ ବାରିକଙ୍କ ସହିତ ଅନ୍ୟମାନେ ଯୋଗେ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

# ଦନ୍ତା ହାତୀ ମୃତ୍ୟୁ ମାମଲା : ୩ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି

ବଲାଙ୍ଗୀର ୨୬/୦୫ ନ୍ୟୁଜ ବ୍ୟୁରୋ

ବଲାଙ୍ଗୀର ମୁରିବାହାଲ ରେଞ୍ଜ ଚାନୁଟମାଲ ଗାଁ ନିକଟରେ ଦନ୍ତା ହାତୀ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି ହୋଇଛି। ହାତୀ ମରିଥିବା ସ୍ଥାନର ଜମି ମାଲିକ ସଞ୍ଜୀବ ପୁଟେଲ, ବିଦ୍ୟୁତ ବିଭାଗୀୟ ଅଧିକାରୀ ମହମ୍ମଦ ଜୁନେଦ ଏବଂ ଲାଇନମ୍ୟାନ ଅଜିତ ତରିଆଙ୍କ ନାଁରେ ଏନବିଡବ୍ଲୁ ଜାରି ହୋଇଛି। ତେବେ ମୁରିବାହାଲ ରେଞ୍ଜରଙ୍କୁ ଖସାଇବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏପ୍ରିଲ ୩୦ ତାରିଖରେ ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରୁ ଏକ ଦନ୍ତା ହାତୀର ମୃତଦେହ ମିଳିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଥିଲା। କିନ୍ତୁ ବିଦ୍ୟୁତ୍ ବିଭାଗ ଏହାକୁ ଖଣ୍ଡନ କରିଥିଲା। ପରେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ବିଦ୍ୟୁତ ଆଘାତରେ ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହି ମାମଲାରେ ଗୁଡିଘାଟ ଫରେଷ୍ଟର ଜୟକୃଷ୍ଣ ଭୋଇ ନିଲମ୍ବିତ ହୋଇଥିଲେ। ଜମି ମାଲିକ ସଞ୍ଜୀବ ପୁଟେଲ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ମହମ୍ମଦ ଜୁନେଦ ଏବଂ ଲାଇନମ୍ୟାନ ଅଜିତ ତରିଆଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା ବନ ବିଭାଗ। ମଙ୍ଗଳବାର ଏହି ୩ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରାଯାଇଛି। କିନ୍ତୁ ନିଲମ୍ବିତ ଫରେଷ୍ଟରଙ୍କୁ କେବଳ ନିଲମ୍ବିତ କରି ଖସାଇ ଦେବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ବୋଝ ହେଲାଣି ମହଙ୍ଗା ମାଡ଼ : ୩ ମାସ ହେଲା ମିଳିନି ଭତ୍ତା

ଭୁବନେଶ୍ୱର, ୨୬/୦୫
ନ୍ୟୁଜ ବ୍ୟୁରୋ

ପୁରୀ ଜିଲ୍ଲା ଗୋପ ବ୍ଲକ୍ ବଉଲାଙ୍ଗ ପଞ୍ଚାୟତ କରମଙ୍ଗା ଗ୍ରାମର ଦୀନବନ୍ଧୁ ବେହେରା । ଦୀନବନ୍ଧୁ ଜଣେ ପକ୍ଷାଘାତ ରୋଗୀ । ଆଜକୁ ୩୦ ବର୍ଷ ହେଲା ସ୍ତ୍ରୀ ଅଲଗା ହୋଇ ରହୁଛନ୍ତି । ଦୀନବନ୍ଧୁ ଦୀର୍ଘଦିନ ହେଲା କଟକର ମହାତ୍ମା ଗାନ୍ଧି ପକ୍ଷାଘାତ ନିବାରଣ କେନ୍ଦ୍ରରେ ରହୁଛନ୍ତି । ସେ ମାସିକ ଦିବ୍ୟାଙ୍ଗ ଭତ୍ତା ୩ ହଜାର ୫୦୦ ଟଙ୍କା ପାଉଥିଲେ । ସେଥିରେ ଅତି କଷ୍ଟରେ ଚଳୁଥିଲେ । କିନ୍ତୁ ଗତ ୩ ମାସ ହେଲା ଭତ୍ତା ମିଳୁନି । କଟକରୁ ପ୍ରତି ମାସରେ ଭତ୍ତା ପାଇଁ ନିଜ ପଞ୍ଚାୟତକୁ ଦୌଡୁଛନ୍ତି । କିନ୍ତୁ ଭତ୍ତା ନ ପାଇ ନିରାଶରେ ଫେରୁଛନ୍ତି। ସୋମବାର ବି ଆସି ବିଡିଓଙ୍କୁ ଦେଖା କରିଥିଲେ । ଭତ୍ତା ଟଙ୍କା ନ ଦେଲେ ସେ କିପରି ଚଳିବେ ବୋଲି କାନ୍ଦି କାନ୍ଦି ବିଡିଓଙ୍କୁ କହିଥିଲେ । ଏହା କେବଳ ଜଣେ ଦୀନବନ୍ଧୁଙ୍କ କାହାଣୀ ନୁହେଁ । ରାଜ୍ୟର ବହୁ ହିତାଧିକାରୀ ଭତ୍ତା ନ ପାଇ ଅତି ଦୁଃଖକଷ୍ଟରେ ବଞ୍ଚୁଛନ୍ତି । ଗତ ତିନିମାସ ହେଲା ଭତ୍ତା ମିଳିନାହିଁ । ଦିନ ପରେ ଦିନ ଗଡ଼ି ଚାଲିଛି । ଏହାକୁ ନେଇ ଅସନ୍ତୋଷ ମଧ୍ୟ ତେଜିବାରେ ଲାଗିଛି । ନ୍ୟାସ୍ନାଲ ସୋସିଆଲ ଆସିଷ୍ଟାଣ୍ଟ ପ୍ରୋଗ୍ରାମ (ଏନ୍ଏସ୍ଏପି) ଯୋଜାନାରେ ରାଜ୍ୟର ୨୦ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ମିଳୁଛି ।

ଓଡ଼ିଶାରୁ ଇନ୍ଦିରା ଗାନ୍ଧି ନ୍ୟାସନାଲ ଓଲ୍ଡ ଏଜ୍ ପେନସନ ସ୍କିମ୍ରେ ୧୪,୨୧,୧୬୦ ହିତାଧିକାରୀ ରହିଛନ୍ତି। ୬୦ ବର୍ଷରୁ ଉର୍ଦ୍ଧ୍ୱ ୧ ହଜାର ଟଙ୍କା ଏବଂ ୮୦ରୁ ଉର୍ଦ୍ଧ୍ୱ ଲୋକ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି । ସେଥିମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୯୫,୭୭୨ ଜଣ ହିତାଧିକାରୀ ରହିଛନ୍ତି । ଏହା ସହ କଟକରେ ୭୭,୦୭୯, ମୟୂରଭଞ୍ଜରେ ୭୦,୭୧୨ ଜଣ, କଳାହାଣ୍ଡିରେ ୫୪,୩୦୯ ଜଣ, ବାଲେଶ୍ୱରରୁ ୭୪,୫୪୭ ହିତାଧିକାରୀ ରହିଛନ୍ତି । ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୧୩,୯୮୫ ଜଣ ହିତାଧିକାରୀ ରହିଛନ୍ତି। ଓଡ଼ିଶାରୁ ୫,୨୫,୦୪୫ ଜଣ ଇନ୍ଦିରା ଗାନ୍ଧି ନ୍ୟାସନାଲ ୱିଡୋ ପେନସନ ସ୍କିମ୍ ବା ବିଧବା ଭତ୍ତା ପାଉଛନ୍ତି। ଏଥିରେ ମଧ୍ୟ ଗଞ୍ଜାମ ଆଗରେ ରହିଛି । ଏଠାରେ ମୋଟ ୪୭,୬୩୯ ଜଣ ହିତାଧିକାରୀ ରହିଥିବା ବେଳେ ମୟୂରଭଞ୍ଜରେ ୪୩,୬୯୪, କଟକରେ ୨୫,୦୦୪, ବାଲେଶ୍ୱରରେ ୨୩,୨୧୩, ରାୟଗଡ଼ାରେ ୨୩,୮୭୯ ଓ ବୌଦ୍ଧରେ ସର୍ବନିମ୍ନ ୫,୪୨୨ ହିତାଧିକାରୀ ରହିଛନ୍ତି । ଓଡ଼ିଶାରୁ ଇନ୍ଦିରା ଗାନ୍ଧି ନ୍ୟାସନାଲ ଡିଜାବିଲିଟି ବା ଦିବ୍ୟାଙ୍ଗ ଭତ୍ତା ୯୦,୨୮୩ ଲୋକ ପାଉଛନ୍ତି ।

ଏହା ଛଡ଼ା ନ୍ୟାସ୍ନାଲ ଫ୍ୟାମିଲି ବେନିଫିଟ ସ୍କିମ୍ ଜରିଆରେ ୨୪,୬୯୭ ଲୋକେ ଉପକୃତ ହେଉଛନ୍ତି । ଏହି ସବୁ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଟଙ୍କା ଟ୍ରାନ୍ସଫର ହୋଇଥାଏ। ହେଲେ ଗତ ୩ ମାସ ହେବ ରାଜ୍ୟରେ ଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ। ଫଳରେ ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ପରିବାର ଏବେ ଆଶା ଆଶଙ୍କାରେ ରହିଛନ୍ତି । ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁ ପେଟ୍ରୋଲ, ଡିଜେଲ ସହ ଏଲ୍ପିଜି ସିଲିଣ୍ଡର ଦର ବଢ଼ିଛି। ଏହା ସହ ଦରଦାମ ବଢ଼ି ଚାଲିଛି । ଏପରି ସ୍ଥିତିରେ ଭତ୍ତା ଟଙ୍କା ଉପରେ ନିର୍ଭର କରି ଚଳୁଥିବା ପରିବାର ଭତ୍ତା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କଥା ଶୁଣିଲେନି କେହି : ଭତ୍ତା ପାଇଁ ବୁଢ଼ୀ ମାଆଙ୍କୁ ଭାରରେ ବୋହିଆଣିଲେ ପୁଅ



ଭଦ୍ରକ ୨୬।୦୫ ନ୍ୟୁଜ ବ୍ୟୁରୋ

ଭତ୍ତା ପାଇଁ ବୁଢ଼ୀ ମାଆଙ୍କୁ ଭାରରେ ବୋହିଆଣିଲେ ପୁଅ। ଭତ୍ତା ଓ ଆବାସ ନମିଳିବା ପ୍ରତିବାଦରେ ଧାରଣା ଦେଲେ। ଭଦ୍ରକ ରାମଚନ୍ଦ୍ରପୁର ପଞ୍ଚାୟତ ଆଗରେ ଚାଲିଥିବା ଗଣଧାରଣା ସ୍ଥଳରେ ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାମଚନ୍ଦ୍ରପୁର ପଞ୍ଚାୟତ ୬ ନମ୍ବର୍ ୱାର୍ଡର ଚନ୍ଦ୍ରମଣି ମାଝୀ ସରକାରଙ୍କ ଆବାସ ଯୋଜନା ଏବଂ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ତାଙ୍କ ୮୨ ବର୍ଷୀୟ ମାଆ ବଞ୍ଚିତ ବୋଲି ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଶେଷରେ ବ୍ୟବସ୍ଥା ଉପରେ ଅତିଷ୍ଠ ହୋଇ ଚନ୍ଦ୍ରମଣି ନିଜ ମା’ଙ୍କୁ ଏକ ଭାରରେ ବସାଇ କାନ୍ଧରେ ବୋହି ଆନ୍ଦୋଳନ ସ୍ଥଳକୁ ନେଇ ଆସିଥିଲେ। ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଉଥିବା ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲିଥିବା ବେଳେ ଚନ୍ଦ୍ରମଣି ଏଠାକୁ ନିଜ ମାଆଙ୍କୁ ଆଣିଥିଲେ। ଧାରଣା ସ୍ଥଳରେ ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ସ୍ଥଗିତ ରହିଛି। ତେବେ ଖୁବ୍ଶୀଘ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ସୂଚନା ମିଳିଛି।


**ପ୍ରକାଶ ପାଇବାକୁ ଯାଉଛି...**
**ମାସିକ ଗଳ୍ପ ପତ୍ରିକା**
**“କଥାକଳିକା” ଜୁନ୍ ୨୦୨୬ସଂଖ୍ୟା**




**ଏଥର ସଂଖ୍ୟାରେ...**
**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଜା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)